

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୫ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 15 October 2026

Vol.No. 36 ■ No.271 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ପୂଜାସଂଖ୍ୟା ସାଗରିକା





# ସାଉଦି ଆରାମକୋ ଉପରେ କ୍ଷେପଣାସ୍ତ୍ର ମାଡ଼: ହୁତି ବିଦ୍ରୋହୀଙ୍କୁ କଡ଼ା ଚେତାବନୀ



ନୂଆଦିଲ୍ଲୀ,୧୪/୧୦ : ବିଶ୍ୱର ସର୍ବବୃହତ ତୈଳ କମ୍ପାନି ସାଉଦି ଆରାମକୋ ଉପରେ କ୍ଷେପଣାସ୍ତ୍ର ଆକ୍ରମଣକୁ ନେଇ ଉତ୍ତେଜନା ବଢ଼ିଛି । ସାଉଦି ଆରବର ଧାହରାନ ସହରରେ ଥିବା ଆରାମକୋ କମ୍ପ୍ଲେକ୍ସର ଏକ ପ୍ରଶାସନିକ କୋଠାକୁ ଟାର୍ଗେଟ କରି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିବା ଖବର ମିଳିଛି । ଆକ୍ରମଣ ପରେ କୋଠାରେ ନିଆଁ ଲାଗିଥିଲେ ମଧ କୌଣସି ମୃତାହତ ହୋଇନଥିବା ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି । ସୂଚନା ଅନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଆକ୍ରମଣ ହୋଇଥିଲା । ସାଉଦି ସରକାରୀ ସମାଚାର ସଂସ୍ଥା ଏସ୍‌ପିଏ ଶକ୍ତି ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ ସୂଚନା ଆଧାରରେ ଏହି ଘଟଣା ବିଷୟରେ ରିପୋର୍ଟ କରିଛି । ଅନ୍ୟପଟେ ରାଜଧାନୀ ରିୟାଦ ସମେତ ବିଭିନ୍ନ ଅଞ୍ଚଳରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରାଯାଇଥିବା ଦାବି କରାଯାଇଛି । ସାଉଦି ଆରବ ଓ ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ସଂଘର୍ଷ ଏବେ ଅଧିକ ଉତ୍ତେଜନାପୂର୍ଣ୍ଣ ମୋଡ଼ ନେଇଛି । ସାଉଦି ଆରବର ଅର୍ଥନୀତିର ଏକ ପ୍ରମୁଖ ଆଧାର ହେଉଛି ତୈଳ ଶିଳ୍ପ । ତେଣୁ ଆରାମକୋ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଉପରେ ଆକ୍ରମଣକୁ ନେଇ ଚିନ୍ତା ବଢ଼ିଛି । ଏହି ଘଟଣା ପରେ ହୁତି ବିଦ୍ରୋହୀଙ୍କୁ କଡ଼ା ଚେତାବନୀ ଦେଇଛି ସାଉଦି ଆରବ । ଆକ୍ରମଣର ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସାଉଦି ପକ୍ଷରୁ କୁହାଯାଇଛି। ଏହି ଘଟଣା ଆଞ୍ଚଳିକ ସୁରକ୍ଷା ସହ ବିଶ୍ୱ ତୈଳ ଯୋଗାଣ ଉପରେ ମଧ ପ୍ରଭାବ ପକାଇବା ନେଇ ଆଶଙ୍କା ସୃଷ୍ଟି କରିଛି।

## ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଲେ କେଭି ସିଂହଦେଓ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଦିନ ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ଶ୍ରୀ ସିଂହଦେଓ ଲେଖିଛନ୍ତି ଆଜି ଲକ୍ଷ୍ନୌ ସ୍ଥିତ ମୁଖ୍ୟମନ୍ତ୍ରୀ ଆବାସ ଠାରେ ଉତରପ୍ରଦେଶ ର ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୋ ସହ ମୋର ଧର୍ମପତ୍ନୀ ତଥା ବଲାଙ୍ଗିରର ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂଦେଓ ମଧ ଉପସ୍ଥିତ ରହିଥିଲେ।

## ସ୍ୱାମୀଙ୍କୁ ମାରି ନୀଳ ଡ୍ରମ୍‌ରେ ସିଲ ଘଟଣା: ପତ୍ନୀ ମୁସ୍କାନ ଓ ପ୍ରେମିକଙ୍କୁ ମିଳିଲା ମୃତ୍ୟୁଦଣ୍ଡ



ନୂଆଦିଲ୍ଲୀ,୧୪/୧୦ : ଗତବର୍ଷ ମୁସ୍କାନ ନିଜ ସ୍ୱାମୀ ତଥା ମର୍ଚ୍ଚାଣ୍ଟ ନୌସେନା ଅଧିକାରୀ ସୌରଭ ରାଜପୁତଙ୍କୁ ପ୍ରେମିକ ସାହିଲ ସହ ମିଶି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲା। ଏହାପରେ ମୃତଦେହକୁ ନୀଳ ଡ୍ରମ୍‌ରେ ସିଲ କରି ହନିମୁନ ପାଇଁ ଚାଲି ଯାଇଥିଲେ। ସେଠାରୁ ଫେରିବା ପରେ ଗିରଫ ହୋଇଥିବା ମୁସ୍କାନ ଓ ସାହିଲକୁ ଦୁଇ ସପ୍ତାହ ପୂର୍ବରୁ କୋର୍ଟ ପ୍ରଥମେ ଦୋଷୀ ସାବ୍ୟସ୍ତ କରିଥିଲେ। ଆଜି ଉଭୟଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଏଥିସହ ଧାରା ୩୦୨ ଅନୁଯାୟୀ ୫୦ ହଜାର ଟଙ୍କା ଓ ଧାରା ୨୩୮ଏ ଅନୁଯାୟୀ ୨୦ ହଜାର ଟଙ୍କାର ଜୋରିମାନା ଲଗାଇଛନ୍ତି। ମାତ୍ର ୧୩ ମାସ ମଧ୍ୟରେ ୧୨୬ ଥରର ଶୁଣାଣି ଓ ୨୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜିଲ୍ଲା ଜଜ୍ ଅରବିନ୍ଦ କୁମାର ମିଶ୍ରା ଉଭୟଙ୍କ ବରୋଧରେ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ୨୨ ଜଣ ସାକ୍ଷୀଙ୍କ ବୟାନକୁ ଯାଞ୍ଚ କରିଥିବା ବେଳେ ମାମଲା ସହ ଜଡ଼ିତ ସମସ୍ତ ଫରେନ୍ସିକ ◆◆ପୃଷ୍ଠା ୭

## କଳିଙ୍ଗନଗରରେ ୪୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ: ୪୨ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ



ଭୁବନେଶ୍ୱର, ୧୪/୧୦ (ନି.ପ୍ର): ପୂଜା ପୂର୍ବରୁ ଓଡ଼ିଶାବାସୀଙ୍କୁ ଶିଳ୍ପ କ୍ଷେତ୍ରରେ ବଡ଼ ଭେଟି ଦେଇଛନ୍ତି ରାଜ୍ୟ ସରକାର। ଯାଜପୁର ଜିଲ୍ଲାର କଳିଙ୍ଗନଗରଠାରେ ୪୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୪୨ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାର ଆଶା ରହିଛି। ୧୪ଟି ଜିଲ୍ଲାରେ ଶିଳ୍ପ ବିକାଶକୁ ଗତି ଦେବା ସହ ଯୁବପିଢ଼ିଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବ ଏହି ପ୍ରକଳ୍ପ। କଳିଙ୍ଗନଗରରେ ଆୟୋଜିତ କାର୍ଯ୍ୟକ୍ରମରେ ୨୯ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବା ବେଳେ ୧୭ଟି ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଇଛି। ଇସ୍ପାତ, ଶିଳ୍ପ ଉପକରଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଶିଳ୍ପ ଭିତ୍ତିଭୂମିକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ପୂର୍ବ ସରକାରକୁ ଟାର୍ଗେଟ୍ କରିଛନ୍ତି ମୁଖ୍ୟମନ୍ତ୍ରୀ। ପୂର୍ବ ସରକାର ସମୟରେ ଶିଳ୍ପାୟନ ସମ୍ପର୍କିତ ଘୋଷଣା କେବଳ କାଗଜକଲମ ଓ ମଞ୍ଚରେ ସୀମିତ ରହୁଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଘୋଷଣା ଅନୁସାରେ ନିଯୁକ୍ତି ମିଳୁନଥିବା ଦର୍ଶାଇ ସେ କହିଛନ୍ତି, ଏବେ ବାସ୍ତବରେ କାରଖାନା ନିର୍ମାଣ ହେଉଛି, ଉତ୍ପାଦନ ଆରମ୍ଭ ହେଉଛି ଏବଂ ଯୁବକଯୁବତୀଙ୍କ ◆◆ପୃଷ୍ଠା ୭

## ବୈଶାଳୀ ଜିଲ୍ଲାର ରାଘୋପୁରରେ ଡଙ୍ଗା ଓଲଟି ୧୩ ପିଲାଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୪/୧୦ : ବିହାରର ବୈଶାଳୀ ଜିଲ୍ଲାର ରଘୋପୁରଠାରେ ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧୨ଟା ସମୟରେ ଗଙ୍ଗା ନଦୀରେ ଏକ ଡଙ୍ଗା ଓଲଟି ପଡ଼ିବାରୁ ୧୩ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରୁ ୭ ଜଣ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ବୈଶାଳୀ ଜିଲ୍ଲାପାଳ ବର୍ଷା ସିଂହ ଏହି ଘଟଣାର ପୁଷ୍ଟି କରିଛନ୍ତି। ମୃତକମାନଙ୍କ ମଧ୍ୟରେ ୧୫ ବର୍ଷରୁ କମ୍ ବୟସର ସମସ୍ତ ଶିଶୁ ଅଛନ୍ତି। ଡଙ୍ଗାରେ ମୋଟ ୨୦ ଜଣ ଥିବାବେଳେ ୭ ଜଣଙ୍କୁ ଉଦ୍ଧାର କରାଯାଇଛି।

## ଆଜି ଛାତ୍ର ସଂସଦ ନିର୍ବାଚନ



ଭୁବନେଶ୍ୱର, ୧୪/୧୦ (ନି.ପ୍ର): ଛାତ୍ର ସଂସଦ ନିର୍ବାଚନ ପାଇଁ କାଲି ପଡ଼ିବ ଭୋଟ୍ । ଆଜି କଲେଜ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହେବ ହ୍ୱାଏ ଆଇ ଷ୍ଟାଣ୍ଡ୍ ଫର ମିଟିଂ। ସହପାଠୀ ମାନଙ୍କ ଗ୍ରହଣରେ ପ୍ରାର୍ଥୀ ମାନେ କାହିଁକି ନିର୍ବାଚନରେ ଭାଗ ନେଇଛନ୍ତି ଏବଂ ଜିତିବା ପରେ କଲେଜର ଉନ୍ନତି ପାଇଁ କଣ କରିବେ, ସେ ବିଷୟରେ ନିଜର ବ୍ଲୁପ୍ରିଣ୍ଟ୍ ଉପସ୍ଥାପନ କରିବେ।

◆◆ପୃଷ୍ଠା ୭

## ମିଳିତ ପୋଲିସ ସେବା ପରୀକ୍ଷା: ପ୍ରାର୍ଥୀଙ୍କ ତଥ୍ୟ ଅପଡେଟ୍ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ମିଳିତ ପୋଲିସ ସେବା ପରୀକ୍ଷା-୨୦୨୪ ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ତଥ୍ୟ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୧୫ରୁ ୨୯ ତାରିଖ ମଧ୍ୟରେ ତଥ୍ୟ ଅପଡେଟ୍ କରିବାକୁ କୁହାଯାଇଛି। ସୂଚନା ଅନୁଯାୟୀ ପୋଲିସ ସେବା ପରୀକ୍ଷା - ୨୦୨୪ (ସିପିଏସଇ -୨୦୨୪) (ଉପ-ନିରୀକ୍ଷକ ସ୍ତରୀୟ ପରୀକ୍ଷା) ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥିନୀ/ ପ୍ରାର୍ଥୀଙ୍କୁ (ବୟସ ସୀମା କୋହଳ ବ୍ୟବସ୍ଥା ଅଧୀନରେ ୱେବସାଇଟ୍ ଯୋଗ୍ୟ ◆◆ପୃଷ୍ଠା ୭

## ରେଳ କର୍ମଚାରୀଙ୍କୁ ପୂଜା ଭେଟି: ମିଳିବ ୭୮ ଦିନର ବୋନସ




ନୂଆଦିଲ୍ଲୀ,୧୪/୧୦ : ରେଳ କର୍ମଚାରୀଙ୍କୁ କେନ୍ଦ୍ର ସରକାରଙ୍କ ପୂଜା ଭେଟି। ଏଥର ପୂଜା ପାଇଁ ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ। ରେଳ କର୍ମଚାରୀଙ୍କୁ ୭୮ ଦିନ ପାଇଁ ଉତ୍ପାଦକତା ଆଧାରିତ ବୋନସ ପ୍ରଦାନ କରିବାକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଆଜି ଏହି ନିଷ୍ପତ୍ତି ହୋଇଛି। ସରକାରଙ୍କ ଏହି ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ ବା ପିଏଲବି ନିଷ୍ପତ୍ତିର ଲାଭ ୧୧,୪୦,୭୭୦ ରେଳ କର୍ମଚାରୀଙ୍କୁ ମିଳିବ। ଏଥିପାଇଁ କେନ୍ଦ୍ର କ୍ୟାବିନେଟ୍ ୨୦୦୯.୬୧ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ପ୍ରସ୍ତାବ ଉପରେ ଆଜି କ୍ୟାବିନେଟ୍ ମୋହର ମାରିଛି। ପ୍ରତିବର୍ଷ ଦୁର୍ଗା ପୂଜା ବା ଦଶହରା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ପିଏଲବି ପ୍ରଦାନ କରାଯାଏ। ଚଳିତ ବର୍ଷ ମଧ ପ୍ରାୟ ୧୧.୪୦ ଲକ୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ୭୮ ଦିନର ମଜୁରୀ ସମକକ୍ଷ ପିଏଲବି ପ୍ରଦାନ କରାଯିବ। ବୋନସ କର୍ମଚାରୀମାନଙ୍କୁ ରେଳବାଇର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ନିମନ୍ତେ ପ୍ରେରଣା ଦେବା ପାଇଁ ଏକ ପ୍ରୋତ୍ସାହନ ଭାବରେ କାର୍ଯ୍ୟ କରେ ବୋଲି ସରକାର କହିଛନ୍ତି। ସରକାର କହିଛନ୍ତି ଯେ ପ୍ରତ୍ୟେକ ଯୋଗ୍ୟ ରେଳ କର୍ମଚାରୀଙ୍କ ପାଇଁ ୭୮ ଦିନର ମଜୁରୀ ସମକକ୍ଷ ପିଏଲବି ବାବଦରେ ସର୍ବାଧିକ ୧୭,୯୫୧ ଟଙ୍କା ମିଳିବ। ଉପରୋକ୍ତ ପରିମାଣର ଅର୍ଥରାଶି ବିଭିନ୍ନ ବର୍ଗର ରେଳ କର୍ମଚାରୀଙ୍କୁ ଦିଆଯିବ। ଟ୍ରାକ୍ ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟ୍ରେନ୍ ପରିଚାଳକ (ଗାର୍ଡ), ◆◆ପୃଷ୍ଠା ୭

## ଜେଲରେ ସିଜେପି ନେତା: ଏକାଠି ହେଉଛନ୍ତି ବିରୋଧୀ

ନୂଆଦିଲ୍ଲୀ,୧୪/୧୦ : ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ନେଇ ଦିଲ୍ଲୀରେ ଲଗାତାର ପଞ୍ଚମ ଦିନରେ ମଧ ଜାରି ରହିଛି ଆନ୍ଦୋଳନ। ଜନ୍ତରମନ୍ତରରେ ପ୍ରତିବାଦ ଉପରେ କଟକଣା, ଆନ୍ଦୋଳନକାରୀଙ୍କୁ ପୁଲିସର ମାଡ଼ ଓ ଅଟକ ରଖିବା ନେଇ ଅଭିଯୋଗ ପରେ ପରିସ୍ଥିତି ଆହୁରି ଉତ୍ତେଜନାପୂର୍ଣ୍ଣ ହୋଇଛି। ଏହି ଘଟଣାକୁ ନେଇ ସିଜେପିର ଦୁଇ ସଦସ୍ୟଙ୍କୁ ତିହାର ଜେଲ୍ ପଠାଯାଇଥିବା ବେଳେ, ଆହତ ଆନ୍ଦୋଳନକାରୀଙ୍କ ସହ ସାମ୍ବାଦିକ ସମ୍ମିଳନୀ କରିଛନ୍ତି ରାହୁଲ ଗାନ୍ଧୀ । ଜନ୍ତରମନ୍ତରରେ ପ୍ରବେଶ କରିବାକୁ ଉଦ୍ୟମ କରି ଗିରଫ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଦୁଇ ସଦସ୍ୟ ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ କୋର୍ଟ ୫ ଦିନ ପାଇଁ ତିହାର ଜେଲ୍ ପଠାଇଛନ୍ତି । ପୁଲିସ ସେମାନଙ୍କ ବିରୋଧରେ ବେଆଇନ ଅନୁପ୍ରବେଶ, ସରକାରୀ ଆଦେଶର ଅବମାନନା ଓ ଶାନ୍ତି ଭଙ୍ଗ ଭଳି ଅଭିଯୋଗରେ ମାମଲା ରୁଜୁ କରିଛି । ଏବେ ପରବର୍ତ୍ତୀ ଶୁଣାଣି ଉପରେ ନଜର ରହିଛି । ଏହି ଘଟଣାରେ ପ୍ରଥମ ଥର ପାଇଁ ଖୋଲାଖୋଲି ଭାବେ ସିଜେପିକୁ ସମର୍ଥନ ଜଣାଇଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ◆◆ପୃଷ୍ଠା ୭

## ନଭେମ୍ବର ନିର୍ବାଚନ ଉପରେ ଇରାନର ନଜର: ହର୍ମୁଜ୍‌ରେ ନୂଆ ଚାଲ୍‌ରେ ଫସିବେ କି ଟ୍ରମ୍ପ ?



ନୂଆଦିଲ୍ଲୀ,୧୪/୧୦ : ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ହର୍ମୁଜ୍ ପ୍ରଣାଳୀରେ ପୁଣି ବଢ଼ିଛି ଉତ୍ତେଜନା। ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ତିକ୍ତତା ଏବେ ବିଶ୍ୱ ତୈଳ ବଜାର ପାଇଁ ଚିନ୍ତାର କାରଣ ପାଲଟିଛି । ଇରାନ ଜାହାଜଗୁଡ଼ିକ ଉପରେ ଆକ୍ରମଣର ନୂଆ ରଣନୀତି ଆପଣାଉଥିବା ଦୁଇଜଣ ବରିଷ୍ଠ ଇରାନୀ ଅଧିକାରୀଙ୍କ ସୂଚନାକୁ ଆଧାର କରି ଏହି ଖବର ସାମ୍ନାକୁ ଆସିଛି। ତେହେରାନର ଲକ୍ଷ୍ୟ ହେଉଛି ତେଲ ଦରକୁ ଉଚ୍ଚ ସ୍ତରରେ ରଖି ଆମେରିକା ଉପରେ ଚାପ ବଢ଼ାଇବା । ପାରସ୍ୟ ଉପସାଗରକୁ ଓମାନ ଉପସାଗର ସହ ଯୋଡୁଥିବା ହର୍ମୁଜ୍ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତେଲ ଓ ତରଳ ପ୍ରାକୃତିକ ଗ୍ୟାସ୍ ପରିବହନ ହୋଇଥାଏ। ଏହି ମାର୍ଗରେ ବାଧା ସୃଷ୍ଟି ହେଲେ ବିଶ୍ୱ ଶକ୍ତି ବଜାର ଉପରେ ଗୁରୁତର ପ୍ରଭାବ ପଡ଼ିପାରେ। ◆◆ପୃଷ୍ଠା ୭


ସାଗରିକା




ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ପର୍ବ ଓ ସାରସ୍ୱତ ସମାରୋହ- ୨୦୨୬

ମହାଶୟ/ ମହାଶୟା;

ସାହିତ୍ୟ ସଂସ୍କୃତି ପତ୍ରିକା 'ସାଗରିକା'ର ଶାରଦୀୟ ବିଶେଷାଙ୍କର ଉନ୍ମୋଚନ ଉତ୍ସବ ତଥା ସାରସ୍ୱତ ସମାରୋହ ଷ୍ଟେସନ କ୍ଲବ (ଦୁର୍ଗା ମେଡିସିନ୍ ଷ୍ଟୋର ପାଖ) ସଭାଗୃହରେ ତା ୧୭.୧୦.୨୦୨୬ ଶନିବାର ସଂଧ୍ୟା ୬ ଘଟିକା ସମୟରେ ଅନୁଷ୍ଠିତ ହେବ।

ଆପଣ ଏହି ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ସଭାରେ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ଆମର ବିନମ୍ର ଅନୁରୋଧ।

ଆପଣଙ୍କ ଅପେକ୍ଷାରେ....

ସୃଷ୍ଟିଧର ପରିଡ଼ା

ମୁଖ୍ୟ ସମ୍ପାଦକ: ସାଗରିକା/ ଧ୍ୱନି ପ୍ରତିଧ୍ୱନି ବାଲେଶ୍ୱର

# ଆକ୍ସନ ମୋଡ଼ରେ ଜିଲ୍ଲାପ୍ରଶାସନ: ଇକୋସେନ୍ସିଟିଭ୍ ଜୋନରେ ୧୩ଟି ଇଟାଭାଟି ମାଟିରେ ମିଶିଲା, ପ୍ରତିବାଦରେ ରାସ୍ତାରୋକ



ନୀଳଗିରି,୧୪/୧୦ (ନି.ପ୍ର): ନୀଳଗିରି କୁଳଡ଼ିହା ଅଭୟାରଣ୍ୟର ଇକୋ ସେନ୍ସିଟିଭ୍ ଜୋନ୍ ରେ ଥିବା ୧୩ଗୋଟି ଇଟାଭାଟିକୁ ଭାଙ୍ଗିବାପାଇଁ ମାନ୍ୟବର ଉଚ୍ଚନ୍ୟାୟାଳୟ ବାଲେଶ୍ୱର ଜିଲ୍ଲାପାଳ, ନିଳଗିରି ଉପ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରିକରିଥିବା ବେଳେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ ଅଧିକାରୀ, ନୀଳଗିରି ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ, ପୋଲିସ ପ୍ରଶାସନ ମିଳିତଭାବେ ମଙ୍ଗଳବାର ଦିନ ସକାଳେ ନୀଳଗିରି ସନ୍ତରାଗଡିଆ ଅଞ୍ଚଳରେ ଥିବା ବେଆଇନ୍ ୧୩ଗୋଟି ଇଟାଭାଟିକୁ ଭାଙ୍ଗି ମାଟିରେ ମିଶାଇଦେଇଛି। ସୂଚନା ଅନୁଯାୟୀ ନୀଳଗିରି ତହସିଲ ଅଧିନରେ ଥିବା ଉକ୍ତ ୧୪ଗୋଟି ଇଟାଭାଟି ଇକୋ ସେନ୍ସିଟିଭ୍ ଜୋନରେ ରହିଥିବା ବେଳେ ଏହାପୂର୍ବରୁ ଗୋଟିଏ ଇଟା ଭାଟିକୁ ସ୍ଥାନୀୟପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା। ମାତ୍ର ଅନ୍ୟ ୧୩ଗୋଟି ଇଟାଭାଟି ଇକୋ ସେନ୍ସିଟିଭ୍ ଜୋନ୍ ରେ ରହିଥିବା ବେଳେ ଇଟାଭାଟି ଭଙ୍ଗାଯାଇନଥିବାରୁ ମାନ୍ୟବର ଉଚ୍ଚନ୍ୟାୟାଳୟରେ ମାମଲା ରହିଥିଲା।ଦୀର୍ଘମାସ ଧରି ଏହି ମାମଲା ବିଚାରଧୀନ ଥିବାବେଳେ ଶେଷରେ ୧୩ଗୋଟି ଇଟାଭାଟିକୁ ଭାଙ୍ଗିବାପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ୬ପ୍ଲାଟୁନ୍ ପୋଲିସ ଫୋର୍ସ,୨ଜଣ ଅତିରିକ୍ତ ଏସପି, ଏ ଡି ଏମଙ୍କ ସମେତ ସ୍ଥାନୀୟ ପ୍ରଶାସନ ମିଳିତଭାବେ ବୁଲଡୋଜର ଲଗାଇ ଗୋଟିଏ ପରେ ଗୋଟିଏ ମୋଟ ୧୩ଗୋଟି ଇଟାଭାଟିକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି । ତେବେ ଗରୀବଲୋକଙ୍କ ଜୀବନ ଜୀବିକାକୁ ଆଖିଆଗରେ ରଖି ଏହିସବୁ ଇଟାଭାଟି ନଭାଙ୍ଗିବା ସହ ଜନବସତି ଅଞ୍ଚଳରୁ ଇକୋସେନ୍ସିଟିଭ୍ ଜୋନ୍ ହଟାଇବା ଉଦ୍ଦେଶ୍ୟରେ ଦାଶରଥିପୁର ଛକନିକଟରେ ହଜାରହଜାର ଲୋକ ରାସ୍ତା ଅବରୋଧ କରିଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡିମଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା।ଏହି ଘଟଣାରେ ୧୭ଜଣଙ୍କୁ ପୋଲିସ ଥାନାରେ ଅଟକରଖି ପରେ ଛାଡ଼ି ଦେଇଥିବାର ଶୁଣିବାକୁ ମିଳିଛି। ଇଟାଭାଟି ଉଚ୍ଛେଦ ପ୍ରକ୍ରିୟା ସମୟରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହିତ ଆଇ.ଏ.ଏସ ଅଧିକାରୀ ତଥା ଉପ ଜିଲ୍ଲାପାଳ ଶିବ ମାଲ୍ୟ, ସହକାରୀ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଓ ହେମନ୍ତ ସିଂହ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ନୀଳଗିରିର ଭାରପ୍ରାପ୍ତ ତହସିଲଦାର ଶୁଭଶ୍ରୀ ଜେନା, ବିଡିଓ ବିକ୍ରମ କେଶରୀ ପରିଡ଼ା, ଅତିରିକ୍ତ ଏସପି ପ୍ରମୋଦ କୁମାର ମଲ୍ଲିକ, ନୀଳଗିରି ଏସଡିପିଓ ନିର୍ମଳା ଗୋଛାୟତ, ଆଇ ଆଇ ସି ଗୋବର୍ଦ୍ଧନ ନାୟକ, ବାଲେଶ୍ୱର ଡି ଏଫ୍ ଓ, ଖଣିବିଭାଗ , ପୂର୍ତ୍ତବିଭାଗ ,ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟବିଭାଗ, ଅଗ୍ନିଶମ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ୭୦ତମ ଭଦ୍ରକ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଭଦ୍ରକ ,୧୪/୧୦ (ନି.ପ୍ର): ହନୁମାନ ଜିଉ ଉଚ୍ଚ ବିଦ୍ୟାଳୟ ତତ୍ତ୍ୱାବଧାନରେ ରେଳବାଇ ପଡ଼ିଆରେ ୭୦ତମ ଭଦ୍ରକ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୭ ଉଦ୍‌ଘାଟିତ ହୋଇଯାଇଅଛି । ଜିଲ୍ଲା ଶିକ୍ଷାଧିକାରୀ ଡ଼. ଜଗବନ୍ଧୁ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ଲୋକସଭା ସାଂସଦ ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ, ମୁଖ୍ୟ ବକ୍ତା ଭଦ୍ରକ ବିଧାୟକ ଶ୍ରୀଯୁକ୍ତ ସୀତାଂଶୁ ଶେଖର ମହାପାତ୍ର, ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଜଗବନ୍ଧୁ ସାହୁ ଓ ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ, ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଖଟୁଆ ଯୋଗଦାନ କରି ଛାତ୍ର ଜୀବନରେ କ୍ରୀଡ଼ାର ଆବଶ୍ୟକତା, ଶୃଙ୍ଖଳା ତଥା ଚରିତ୍ର ଗଠନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲା ବେଳେ କେନ୍ଦୁଆପଦା ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ଶଶୀଶେଖର କରଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶଶୀକାନ୍ତ ବେହେରା ସଭା ସଂଚାଳନ କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ୭ଟି ବ୍ଲକରୁ ୬୦୫ ଜଣ ପ୍ରତିଯୋଗୀ ଓ ୧୩୭ ଜଣ ପ୍ରଧାନଶିକ୍ଷକ ଓ କ୍ରୀଡ଼ା ଶିକ୍ଷକ ଯୋଗଦାନ କରିଥିଲେ । କ୍ରିକେଟ, ଖୋ ଖୋ, କବାଡ଼ି ଓ ଭଲିବଲ ପ୍ରତିଯୋଗିତା ୩ ଦିନ ଧରି ଚାଲିବ । ଏଥିରେ ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ, ଭୀମ ଚରଣ ପରିଡ଼ା, ସମରେନ୍ଦ୍ରନାଥ ମିଶ୍ର, ଉମେଶ ଚନ୍ଦ୍ର ମାଝି, ପ୍ରଦୀପ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ବ୍ଲକ ସମ୍ପାଦକ ମାନସ କୁମାର ନାୟକ, ପ୍ରଭୁଦତ୍ତ ପଣ୍ଡା, ସୁକାନ୍ତ ଜେନା, ମାନସ ରଞ୍ଜନ ନାୟକ, ମନୋଜ ଶଙ୍ଖୁଆ, ପ୍ରଭାତ ଜେନା, ଜିତେନ୍ଦ୍ର କୁମାର ସାହୁ, ବିକଶି ସାହୁ, ଜୟନ୍ତୀ ନାୟକ, ତପନ ମିଶ୍ର, ରଞ୍ଜନ ବେହେରା, ଅଶୋକ ପଣ୍ଡା, ବିନୟ ସମାଲ, ବିକ୍ରମ ଦାସ, ମାନସୀ ପ୍ରଧାନ, ଅକ୍ଷୟ ସେଠୀ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ । ଶେଷରେ ଶିବ ନାରାୟଣ ପତି ଧନ୍ୟବାଦ ଜ୍ଞାପନ କରିଥିଲେ । ଜୁନିୟର ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଲିଜା ଦାସ, ରୁବିନା ଖାତୁନ ଓ ଅରୁଣ କୁମାର ବାରିକ୍ ପ୍ରାଥମିକ ଚିକିତ୍ସା ପ୍ରଦାନ କରିଥିଲେ ।

## ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୧୪/୧୦ (ନି.ପ୍ର): ସୁଦର୍ଶନ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅଧିନସ୍ଥରେ ଆଜି ସୁଦର୍ଶନ ଆଂଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ମଦନ ମୋହନ କର ସହ ଶିକ୍ଷା ଅଧିକାରୀ ଦେବଦତ ଶତପଥୀ ଖଗେଶ୍ୱର ନାୟକ ଆଂଚଳିକ ସାଧନ କର୍ମୀ ଅକ୍ଷୟ କୁମାର ପୋଥାଳ ଓ ଚକ୍ରଧର ନାୟକ ପ୍ରଧାନ ଶିକ୍ଷକ ଏବଂ ସୁଦର୍ଶନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କନକଲତା ରାଉତ ସଭାପତିତ୍ୱରେ ଆଂଚଳିକ ସାଧନକେନ୍ଦ୍ରର ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ଭାଗ ନେଇଥିଲେ ଗୁଆଲସିଂ ପଂଚାୟତର ସରପଂଚ ମଧୁସ୍ମିତା ଦାସ କୁନି କୁନି ପିଲାମାନଙ୍କୁ ସୁରଭି ବିଷୟରେ କହିଥିଲେ ଏବଂ ଦେବଦତ ଶତପଥୀ ଉଦଘାଟନ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସୁନ୍ଦର ଅଭିଭାଷଣ ଦେଇଥିଲେ ସର୍ବଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଂଟନ କରିଥିଲେ ସୁରଭି କାର୍ଯ୍ୟକ୍ରମରେ ପଂଚସଖା ସଭାପତି କାଙ୍ଗାଳି ଚରଣ ବାରିକ, ଗୌରଙ୍ଗ ଚରଣ ସାହୁ, ସ୍କୁଲ କମିଟିର ସଭାପତି ବ୍ରଜସୁନ୍ଦର ସେଠି, ଶିକ୍ଷକ ରାମଚନ୍ଦ୍ର ବେହେରା, ଧିରେନ ରାଉଳ, ରବୀନ୍ଦ୍ର ଦାସ, ଗୀତାଞ୍ଜଳି ରାଉତ, ଲକ୍ଷ୍ମୀପ୍ରିୟା ଖଟୁଆ, ଅନସୁୟା ପଲାଇ, ପ୍ରକାଶ ପ୍ରାଣୀଗ୍ରାହୀ, ମାନସ ରଞ୍ଜନ ସାହୁ, ଶୁଭମ ଦାସ, ନିଶିକାନ୍ତ ଦାସ, ନିର୍ଦ୍ଦେଶକ ଓ ସୁକଦେବ ପାତ୍ର, ଅବସର ପ୍ରାପ୍ତ ଶିକ୍ଷକ ବିଚାରପତି ଭାବେ ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଆଜିର ସଭାକୁ ଆଂଚଳିକ ସାଧନକର୍ମୀ ଅକ୍ଷୟ କୁମାର ପୋଥାଳ ସୁଚାରୁ ରୂପେ ସୁରଭି କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିବାରୁ ସମସ୍ତେ ଖୁସି ହୋଇଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଂଟନ କରିଥିଲେ ଏବଂ ଆଂଚଳିକ ସାଧନ କେନ୍ଦ୍ରର ଯେଉଁ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମଣ୍ଡଳ ସ୍ତରରେ ଅଂଶଗ୍ରହଣ କରି ଶ୍ରେଷ୍ଠ ସ୍ଥାନ ଅଧିକାର କରିବାକୁ କହିଥିଲେ। ପ୍ରାକ୍ତନ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ ସରୋଜକାନ୍ତ ବିହାରୀ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ସୁରଭି ପ୍ରସଙ୍ଗରେ ସୁନ୍ଦର ବକ୍ତବ୍ୟ ରଖିଥିଲେ ଓ ବିକଶିତ ଭାରତ ଗଠନ ପାଇଁ ଶିକ୍ଷା ଏକ ବଳିଷ୍ଠ ମାଧ୍ୟମ ଚରିତ୍ର ଗଠନ କଳାସୌନ୍ଦର୍ଯ୍ୟର ବିକାଶ ନୃତ୍ୟକଳାର ବିକାଶ ହେବ ପରାମର୍ଶ ଦେଇଥିଲେ।

# ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ ପୁଲିସ ଅଫିସର ସଂଘର ବୈଠକ

## ସୁନୀଲ କୁମାର ପଟ୍ଟନାୟକ ନୂତନ ସମ୍ପାଦକ ନିର୍ବାଚିତ



ବାରିପଦା,୧୪/୧୦ (ନି.ପ୍ର): ବାରିପଦା ତକତପୁର ସ୍ଥିତ ରୁଚି ଗେଷ୍ଟ ହାଉସ ଠାରେ ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ ପୋଲିସ ଅଫିସର ସଂଘର ଏକ ମାସିକ ବୈଠକ ସଂଘର ସଭାପତି ତଥା ପୂର୍ବତନ ଏସପି ଦିଲ୍ଲୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ପୂର୍ବତନ ସମ୍ପାଦକ ସ୍ୱର୍ଗତ ସତ୍ୟନାରାୟଣ ସିଂହବାବୁଙ୍କ ଦେହାନ୍ତ ଯୋଗୁଁ ଖାଲି ପଡ଼ିଥିବା ସମ୍ପାଦକ ପଦବୀ ପାଇଁ ସଂଘର ଯୁଗ୍ମ -ସମ୍ପାଦକ ନବୀନ ବିଶ୍ୱାଳ ସୁନୀଲ କୁମାର ପଟ୍ଟନାୟକଙ୍କ ନାମ ପ୍ରସ୍ତାବ ଆଗତ କରିଥିଲେ। ଉକ୍ତ ପ୍ରସ୍ତାବକୁ ବୈଠକରେ ସର୍ବସମ୍ମତିକ୍ରମେ ଗୃହୀତ କରାଯିବା ପରେ ସୁନୀଲ କୁମାର ପଟ୍ଟନାୟକ ସଂଘର ନୂତନ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଏତଦ ବ୍ୟତୀତ ସଂଘ ର ସହ ସମ୍ପାଦକ ଶ୍ରୀ ଛତିଶ ଚନ୍ଦ୍ର ମହାନ୍ତ ଙ୍କୁ ନିଜ କାର୍ଯ୍ୟ ଭାର ସହ ଅତିରିକ୍ତ ଦାୟିତ୍ୱ ଭାବେ କୋଷାଧକ୍ଷ ପଦ ପାଇଁ ଶ୍ରୀଯୁକ୍ତ ବିଶ୍ୱାଳ ଙ୍କ ଦ୍ୱାରା ପ୍ରସ୍ତାବ ଆଗତ ହେବାରୁ ଏହା ମଧ୍ୟ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଥିଲା. ଏହାବ୍ୟତୀତ ସଂଘର ଆଗାମୀ ବାର୍ଷିକ ସମ୍ମିଳନୀ ଆୟୋଜନ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ସଂଘର ଏକତା, ପାରସ୍ପରିକ ସହଯୋଗ ଓ ସେବା ମନୋଭାବକୁ ଆହୁରି ସୁଦୃଢ଼ କରିବା ସହ ସାମାଜିକ କାର୍ଯ୍ୟକଳାପରେ ସକ୍ରିୟ ଭାଗୀଦାର ହେବାକୁ ସଦସ୍ୟମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଶେଷରେ ବୈଠକର ପରିସମାପ୍ତି ଘଟିଥିଲା।

# ଇନ୍‌ଟାକ୍ ଚାପ୍ଟର ଭଦ୍ରକର ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ ,୧୪/୧୦ (ନି.ପ୍ର): ଇନଟାକ୍ ଚାପ୍ଟର ଭଦ୍ରକ ଶାଖାର ଏକ ସ୍ୱତନ୍ତ୍ର ଅଧିବେଶନ ନିତ୍ୟାନନ୍ଦ ଭବନ, କୁଆଁସ, ଭଦ୍ରକର ଠାରେ ଶାଖାର କନଭେନର ଅବସରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ଦିଗମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । କୋ-କନ୍‌ଭେନର ପ୍ରଭାକର ମଲ୍ଲିକ ତଥା ବରିଷ୍ଠ ସଭ୍ୟ ହରମୋହନ କୁଅଁର, ଗୋଲକ ବିହାରୀ ସାହୁ, ଅଜିତ୍ କୁମାର ନାୟକ, ମୁକ୍ତିକାନ୍ତ ମହାପାତ୍ର ଓ କରୁଣାକର ଉପାଧ୍ୟାୟ ମଞ୍ଚାସୀନ ହୋଇ ସଭା ପରିଚାଳନାରେ ସହଯୋଗ କରିଥିଲେ ।

ଇତି ମଧ୍ୟରେ ସ୍ୱର୍ଗବାସୀ ହୋଇଥିବା ସଭ୍ୟ ଅଭିମନ୍ୟୁ ମହାନ୍ତିଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ସର୍ବ ପ୍ରଥମେ ଇନ୍‌ଟାକ୍‌ର ଦିଲ୍ଲୀସ୍ଥିତ ମୁଖ୍ୟ ଶାଖା ତରଫରୁ ନୂଆକରି ହୋଇଥିବା ଆଜୀବନ ସଭ୍ୟ ଓ ସାଧାରଣ ସଭ୍ୟମାନଙ୍କର ବାର୍ଷିକ ନବୀକରଣ ଦେୟ ବୃଦ୍ଧି କରାଯାଇଥିବାରୁ ସର୍ବସମ୍ମତିକ୍ରମେ ଏହା ଘୋର ବିରୋଧ କରାଯାଇ ପୂର୍ବ ନିର୍ଦ୍ଧାରିତ ଦେୟ ରାଶି କାଏମ୍ ରଖିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ




ହୋଇଥିଲା । ଭଦ୍ରକ ଶାଖା ଇନ୍‌ଟାକ୍‌ର ବାର୍ଷିକ ଉତ୍ସବ ଆଗାମୀ ତା ୧୩.୧୨.୨୦୨୬ରିଖ ଦିନ କରାଯିବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଗଲା । ଏହି ଉଦ୍ଦେଶ୍ୟରେ ତା ୨୨.୧୧.୨୬ରିଖ ଦିନ ସ୍ଥାନୀୟ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭଦ୍ରକର ଐତିହାସିକ ଓ ସଂସ୍କୃତି ବିଷୟ ବସ୍ତୁ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇ ସେମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବାକୁ ସ୍ଥିର କରାଗଲା । ଏହାର ସୁପରିଚାଳନା ପାଇଁ ୨୫ଜଣ ସଭ୍ୟଙ୍କୁ ନେଇ ଗୋଟିଏ ଷ୍ଟିୟରିଙ୍ଗ୍ କମିଟି ଗଢ଼ା ଗଲା । ଏହାଛଡ଼ା ଭଦ୍ରକରେ ଲୋକଲୋଚନକୁ ଆସିପାରିନଥିବା ଐତିହ୍ୟସ୍ଥଳୀ ଗୁଡ଼ିକୁ ଚିହ୍ନଟ କରାଯିବା ପାଇଁ ଅନ୍ୟ ଏକ ୧୫ଜଣିଆ କମିଟି ଗଢ଼ା ଗଲା । ଉପସ୍ଥିତ ସଭ୍ୟ/ସଭ୍ୟାମାନଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରିଥିଲେ ଇନ୍‌ଟାକ୍ ସଭ୍ୟା ଶ୍ରୀମତୀ କଳ୍ପନା ବେହେରା । ଆଜିର ବୈଠକରେ ଅଧିକାଂଶ ସଭ୍ୟ ଉପସ୍ଥିତ ଥିବାରୁ ସଭାପତି ଖୁସି ପ୍ରକଟ କରିଥିଲେ । ସଭ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସଂଗ୍ରାମ ସାହୁ, ଯୁଧିଷ୍ଠିର ବାରିକ୍, ଆଦିତ୍ୟ କୁମାର ନାୟକ, ପଦ୍ମନାଭ ନାୟକ, ସୁଧାକର ରାଉତ, ବାଦଲ କିଶୋର ମହାପାତ୍ର, ଅରବିନ୍ଦ ବସନ୍ତରାୟ, ବାବୁଲାଲ୍ ଦାସ, ସୁଦାମ ଚରଣ ଦାସ, କାଶୀନାଥ ପଣ୍ଡା, ଆଦିତ୍ୟ କୁମାର ଗୋସ୍ୱାମୀ, ହୃଷିକେଶ ମହାନ୍ତି, ଶାନ୍ତନୁ କୁମାର ରାଉତ, ଲକ୍ଷ୍ମଣ କୁମାର ମହାନ୍ତି, ଚିତ୍ତରଂଜନ ବରାଳ, ବିଜୟ କୁମାର ମହାନ୍ତି, ରବୀନ୍ଦ୍ର କୁମାର ମହାରଣା, ଚନ୍ଦ୍ରମୋହନ ମହାନ୍ତି, କୈଳାସ ଚନ୍ଦ୍ର ପଣ୍ଡା, ଦୁଃଶାସନ ମହାନ୍ତି, ତାରକଦାସ ଆଢ୍ୟ, ଗୋପାଳ ଚରଣ ସେଠୀ, ହରେକୃଷ୍ଣ ସାହୁ, ଅକ୍ଷୟ କୁମାର ହୋତା, ପ୍ରଦୀପ୍ତ କୁମାର ଦାସ, ସଂଗ୍ରାମ କେଶରୀ ଦାସ, ରତିକାନ୍ତ ମହାନ୍ତି, ଗୟାଧର ପଣ୍ଡା, ସନ୍ତୋଷ କୁମାର ମହାନ୍ତି, ସୁରେଶ କୁମାର ସାହୁ, ମଦନ ମୋହନ ନାୟକ, ସ୍ନେହଲତା ବେହେରା, ବିଚିତ୍ରାନନ୍ଦ ମହାନ୍ତି, ଦୀଲିପ୍ କୁମାର ନାୟକ, ପ୍ରିୟଙ୍କା ପ୍ରିୟଦର୍ଶୀ ପାଣିଗ୍ରାହୀ, ଶରତ କୁମାର ସାହୁ ଓ ଭାରତ ବାଇ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ସଭ୍ୟ ଶ୍ରୀ ରାମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବସ୍ତା ବ୍ଲକରେ ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲିଆପାଳ ,୧୪/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପରିସରରେ ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ମିହିର ରଞ୍ଜନ ବେହେରା ଙ୍କ ସଭାପତିତ୍ୱ ରେ ଅଧକ୍ଷା ଅଞ୍ଜଳି ଦାସ, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଉପାଧ୍ୟକ୍ଷ ଦିଲ୍ଲୀପ ଦାଶମହାପାତ୍ର,ଏଇ କୋଇଲି ଟୁଡୁ ପ୍ରମୁଖ ଯୋଗ ଦେଇ ସରକାର ଙ୍କ ର ସେବା ସେତୁ ଅଭିଯାନ ର ଉଦେଶ୍ୟ ସମ୍ପର୍କ ରେ ମତ ରଖି ଥିଲେ। କେନ୍ଦ୍ର ସରକାର ଲୋକ ମାନଙ୍କ ର ବିଭିନ୍ନ ସମଷ୍ୟା ର ତ୍ୱରିତ ପଦକ୍ଷେପ ନେବାକୁ ସେପଟ୍ମେର ମାସ ୧୭ ତାରିଖ ରୁ ଅକ୍ଟୋବର ମାସ ୧୭ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମ ରେ ଲୋକ ମାନଙ୍କ ପାଖରେ ପହଂଚିବାକୁ ଚେଷ୍ଟା ଜାରି ରଖିଛନ୍ତି। ଏବଂ ଶେଷ ପର୍ଯ୍ୟାୟ ରେ ବ୍ଲକ ର ସମସ୍ତ ଅଧିକାରୀ,ଜନପ୍ରତିନିଧି,ସମାଜସେବୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସରପଞ୍ଚ, ସଦଶ୍ୟ ସଦଶ୍ୟା ମାନଙ୍କୁ ନେଇ ସେବା ସମ୍ପର୍କିତ କର୍ମଶାଳା ର ଆୟୋଜନ କରାଯାଇ ସମସ୍ତ ଙ୍କୁ ସଚେତନ କରାଯଇଛି। ସରକାର ଙ୍କ କହିବା ଅନୁସାରେ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଯାଇ ନୟାନ୍ତ ହେଉଥିବା ବେଳେ ଏବେ ସରକାର ବ୍ଲକ ଲୋକଙ୍କ ପାଖକୁ ଯାଇ ସମଷ୍ୟା ସମାଧାନ କରିବ ବୋଲି ନିଷ୍ପତି ନେଇ ଥିବା ନେତୃତ୍ୱ ମଣ୍ଡଳି କହିଛନ୍ତି। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଅନେକ ଲୋକଙ୍କୁ ଜବ କାର୍ଡ, ରେସନ କାର୍ଡ ବଣ୍ଟନ କରାଯାଇଥିଲା।

# ଠିକା ଶ୍ରମିକମାନଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ଆହୁରି ସୁଦୃଢ଼ କରିବା ପାଇଁ ସେଲ୍, ରାଉରକେଲା ଇସ୍ପାତ କାରଖାନାରେ 'ସୁରକ୍ଷା ଚର୍ଚ୍ଚା'ର ଶୁଭାରମ୍ଭ

ରାଉରକେଲା,୧୪/୧୦ (ନି.ପ୍ର): ଠିକା ଶ୍ରମିକମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତା ଏବଂ ଭାଗୀଦାରୀକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି) ପକ୍ଷରୁ ଅକ୍ଟୋବର ୧୨ ତାରିଖ ରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଠାରେ ଏକ ନୂତନ ସୁରକ୍ଷା ଅଭିଯାନ 'ସୁରକ୍ଷା ଚର୍ଚ୍ଚା'ର ଶୁଭାରମ୍ଭ କରାଯାଇଛି। 'ଅପନୋ ସେ ଅପନୋ କି ବାତ୍, ସୁରକ୍ଷା କେ ଲିଏ' ବିଷୟବସ୍ତୁ ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଶ୍ରମିକମାନଙ୍କୁ ସେମାନଙ୍କର ସୁରକ୍ଷା ସମ୍ବନ୍ଧୀୟ ଚିନ୍ତା ବ୍ୟକ୍ତ କରିବା, ଅସୁରକ୍ଷିତ ପରିସ୍ଥିତି ବିଷୟରେ ଜଣାଇବା ଏବଂ କାର୍ଯ୍ୟସ୍ଥଳକୁ ଅଧିକ ସୁରକ୍ଷିତ କରିବା ପାଇଁ ବ୍ୟବହାରିକ ପଦକ୍ଷେପର ପରାମର୍ଶ ଦେବା ପାଇଁ ଏକ ସୁସଂଗଠିତ ମଞ୍ଚ ପ୍ରଦାନ କରିଥିଲା। ଉଦ୍‌ଯାପନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବି. ଆର. ପଲାଇ କହିଥିଲେ ଯେ, ଠିକା ଶ୍ରମିକମାନେ ଆର.ଏସ.ପି.ର



ପରିଚାଳନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ସେମାନଙ୍କ ସୁରକ୍ଷା ହେଉଛି ପରିଚାଳନା କର୍ତୃପକ୍ଷ, ସୁପରଭାଇଜର, ଠିକାଦାର ଏବଂ ଶ୍ରମିକମାନଙ୍କର ଯୌଥ ଦାୟିତ୍ୱ। ସୁରକ୍ଷା କୁ ବଳି ଦେଇ କୌଣସି କାର୍ଯ୍ୟ କରାଯିବା ଉଚିତ ନୁହେଁ ବୋଲି ସେ ଜୋର ଦେଇ କହିଥିଲେ। ସେ ସମସ୍ତ ଅଂଶୀଦାରମାନଙ୍କୁ ସୁରକ୍ଷା ସଚେତନତାକୁ ସୁରକ୍ଷିତ ବ୍ୟବହାରରେ ପରିଣତ କରିବାକୁ ଏବଂ ପ୍ରତ୍ୟେକ ଶ୍ରମିକ କର୍ମ ଶେଷରେ ସୁରକ୍ଷିତ ଭାବେ ଘରକୁ ଫେରିବା ସୁନିଶ୍ଚିତ କରିବାକୁ ଆହ୍ୱାନ ଜଣାଇଥିଲେ। ଏହା ପୂର୍ବରୁ ମୁଖ୍ୟ ମହାପ୍ରବନ୍ଧକ ପ୍ରଭାରୀ (ସେବା) ଶ୍ରୀ ଅତିଶ ଚନ୍ଦ୍ର ସରକାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ 'ନିଅର୍-ମିସ୍' ଘଟଣା ଏବଂ ଅସୁରକ୍ଷିତ ପରିସ୍ଥିତିରୁ ଶିକ୍ଷା ଲାଭ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟକ୍ରମର ଆଲୋଚନାକୁ କାର୍ଯ୍ୟସ୍ଥଳ ସୁରକ୍ଷାର ବାସ୍ତବ ସୁଧାରରେ ପରିଣତ କରିବାକୁ ଅନୁରୋଧ କରିଥିଲେ। ଏହି ଅଭିଯାନରେ ମୁଖ୍ୟ ମହାପ୍ରବନ୍ଧକ(ସୁରକ୍ଷା ଓ ଅଗ୍ନିଶମ ସେବା) ଶ୍ରୀ ହିରାଲାଲ ମହାପାତ୍ର, ମହାପ୍ରବନ୍ଧକ(ସୁରକ୍ଷା ଇଞ୍ଜିନିୟରିଂ ବିଭାଗ) ଶ୍ରୀ ଅବକାଶ ବେହେରା, ବରିଷ୍ଠ ଅଧିକାରୀ, ବିଭାଗୀୟ ସୁରକ୍ଷା ଅଧିକାରୀ, ସ୍ଥାନୀୟ ସୁରକ୍ଷା ଅଧିକାରୀ ଏବଂ ବିଭିନ୍ନ ବିଭାଗର ପ୍ରାୟ ୧୦୦ ଜଣ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ 'ଉଚ୍ଚ ସ୍ଥାନରେ କାର୍ଯ୍ୟ' ଉପରେ ଏକ ବୈଷୟିକ ପ୍ରସ୍ତୁତି ପ୍ରଦାନ କରାଯାଇଥିଲା। ଏସ.ଏମ.ଏସ-୨, ସି.ପି-୨ ଏବଂ ଟି.ଏଣ୍ଡ.ଆର.ଏମ୍ ର ବିଭାଗୀୟ ସୁରକ୍ଷା ଅଧିକାରୀମାନଙ୍କ ସହିତ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ସହକାରୀ ମହାପ୍ରବନ୍ଧକ ଶ୍ରୀ ବି. କେ. ପାଢ଼ୀ ପୂର୍ବରୁ ଘଟିଥିବା ଘଟଣା ଏବଂ 'ନିଅର୍-ମିସ୍'ରୁ ମିଳିଥିବା ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସର ରେ ଆୟୋଜିତ ଏକ ମୁକ୍ତ-ଆଲୋଚନା ଅଧିବେଶନ ଠିକା ଶ୍ରମିକମାନଙ୍କୁ କାର୍ଯ୍ୟସ୍ଥଳ ସୁରକ୍ଷାରେ ସୁଧାର ଆଣିବା ପାଇଁ ସେମାନଙ୍କର ନିରୀକ୍ଷଣ, ଚିନ୍ତା ଏବଂ ପରାମର୍ଶ ପ୍ରକଟ କରିବାକୁ ସକ୍ଷମ କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଧିକ ସଂଖ୍ୟକ ଠିକା ଶ୍ରମିକଙ୍କ ନିକଟରେ ପହଞ୍ଚିବା ପାଇଁ ଏହି ନୂତନ ପ୍ରୟାସ, 'ସୁରକ୍ଷା ଚର୍ଚ୍ଚା' ମାସକୁ ଦୁଇଥର, ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ଦିନ ଆୟୋଜିତ ହେବ। ପ୍ରାରମ୍ଭରେ ଶ୍ରୀ ଅବକାଶ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ବରିଷ୍ଠ ପ୍ରବନ୍ଧକ ଶ୍ରୀ ସୌମ୍ୟ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଉପ-ପ୍ରବନ୍ଧକ ଶ୍ରୀ ନୀଳକଣ୍ଠ ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।'

**ଧାରାବାହିକ:** ଭାଗ-୬୦

# ସଂକ୍ଷିପ୍ତ ଭାଗବତ କଥାମୃତ

## ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



ପଞ୍ଚଭୂତର ଆବରଣ ସ୍ୱାଭାବ ହେତୁ ତାହା ତାମସିକ ଗୁଣ ବିଶିଷ୍ଟ ଏବଂ ଦଶ ଇନ୍ଦ୍ରିୟର ବୃତ୍ତି ସ୍ୱଭାବ ହେତୁ ତାହା ରାଜସିକ ଗୁଣ ବିଶିଷ୍ଟ ଅଟେ । ଇନ୍ଦ୍ରିୟାଧିପତି ଏକାଦଶ ଦେବତା ଯଥା-ଦିକ୍, ବାୟୁ, ସୂର୍ଯ୍ୟ, ବରୁଣ, ଅଶ୍ୱିନୀକୁମାର, ଅଗ୍ନି, ଇନ୍ଦ୍ର, ବିଷ୍ଣୁ, ମିତ୍ର, ପ୍ରଜାପତି ଓ ଚନ୍ଦ୍ରମା । ପ୍ରକାଶ ସ୍ୱଭାବ ହେତୁ ତାହା ସାତ୍ୱିକ ଗୁଣ ବିଶିଷ୍ଟ ଅଟେ । ମନ ଦେବଗଣଙ୍କ ମଧ୍ୟରେ ଗୃହୀତ ହୁଏ । ବ୍ରହ୍ମରୂପୀ ମୁଁ ନିଜେ ଏମାନଙ୍କ ମଧ୍ୟରେ ତତ୍ତ୍ୱ ବା ଗୁରୁ ରୂପେ ପ୍ରବେଶ କରି ସଂହତି ସୃଷ୍ଟିକରିବା ଫଳରେ ଏମାନେ ଏକତ୍ର ମିଳି ବ୍ରହ୍ମାଣ୍ଡ ସୃଷ୍ଟିକଲେ । ଜଳ ମଧ୍ୟସ୍ଥ ସେହି ହେମମୟ ବ୍ରହ୍ମାଣ୍ଡ ମଧ୍ୟରେ ମୁଁ ନାରାୟଣ ରୂପେ ସ୍ଥିତ ହେଲି । ମୋର ନାଭି କମଳରୁ ମୋର ଆଜ୍ଞାରେ ବ୍ରହ୍ମା ପ୍ରକଟ ହେଲେ । ରଜଗୁଣ ପ୍ରଧାନ ବିଶ୍ୱାତ୍ମା ବ୍ରହ୍ମା ମୋର ଅନୁଗ୍ରହ ଲାଭକରି ତପସ୍ୟା ଦ୍ୱାରା ମୋତେ ସନ୍ତୁଷ୍ଟ କଲେ ଏବଂ ମୋର ଆଦେଶରେ ଭୂ, ଭୁବଃ ଓ ସ୍ୱ ଏହି ତିନିଲୋକ ଓ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ସୃଷ୍ଟିକଲେ ଏବଂ ବେଦବାକ୍ୟ ଛନ୍ଦ ଦ୍ୱାରା ନୀତି ନିୟନ୍ତ୍ରଣ କଲେ । ଦେବଗଣଙ୍କ ବାସସ୍ଥାନ ସ୍ୱ ବା ସ୍ୱର୍ଗ ଭୂତଗଣଙ୍କର ସ୍ଥାନ ଭୁବଃ ବା ଅନ୍ତରୀକ୍ଷ ଏବଂ ମନୁଷ୍ୟାଦି ପ୍ରାଣୀଗଣଙ୍କର ସ୍ଥାନ ଭୂଃ ବା ପୃଥିବୀ ହେଲା ସିଦ୍ଧଗଣଙ୍କର ବାସସ୍ଥାନ ଏହାର ଉର୍ଦ୍ଧ୍ୱରେ ମହୋର୍ଲକ ନିର୍ଦ୍ଦିଷ୍ଟ ହେଲା । ପୃଥିବୀର ନିମ୍ନ ଦେଶରେ ଅତଳ, ବିତଳ ଆଦି ଅସୁର ଓ ନାଗଗଣଙ୍କର ସ୍ଥାନ ହେଲା । ସତ୍ୱ, ରଜୋ ଓ ତମ ଗୁଣର ପ୍ରଭାବରେ ଅନୁଷ୍ଠିତ ଦେବ, ମନୁଷ୍ୟ ଓ ଅସୁରାଦିର ସକଳ କର୍ମଫଳ ଏହି ତିନି ଲୋକରେ ଭୋଗ ହୋଇଥାଏ । ଯୋଗ ତପସ୍ୟା, ସନ୍ୟାସ ଆଦି ଦ୍ୱାରା ପୁଣ୍ୟର ତାରତମ୍ୟ ଅନୁସାରେ ମୋହ, ଜନ,ତପଃ ଓ ସତ୍ୟ ଲୋକ ପ୍ରାପ୍ତ ହୋଇଥାଏ । ଭକ୍ତି ଯୋଗର ସାଧକ ମୋର ନିଜ ସ୍ଥାନ ବୈକୁଣ୍ଠ ପ୍ରାପ୍ତ ହୁଏ । ସୃଷ୍ଟିପରେ ଏହାକୁ ମୁଁ ପାଳନ କରି ପୁଣି ଅନ୍ତଃକାଳରେ ସମ୍ବରଣ କରେ । ମୁଁ କାଳରୂପୀ ପରମେଶ୍ୱର ଜୀବର କର୍ମ ସମୂହର ଫଳଦାତା । କର୍ମ ବଳରେ କେହି ସତ୍ୟ ଲୋକ ପର୍ଯ୍ୟନ୍ତ ଉର୍ଦ୍ଧ୍ୱଗତି କରେ ତ କେହି ସ୍ଥାବର ଜନ୍ମ ପର୍ଯ୍ୟନ୍ତ ନିମ୍ନ ଗତି ପ୍ରାପ୍ତ ହୁଏ । ଉଦ୍ଧବ,ମୋର ଅଦ୍ୱିତୀୟ ଆତ୍ମା ସ୍ୱରୂପର ପ୍ରତିପାଦନ ନିମିତ୍ତ ମୁଁ ତୁମ ନିକଟରେ ସୃଷ୍ଟି ବର୍ଣ୍ଣନା ପ୍ରକାଶ କଲି । ସୃଷ୍ଟିର ସମସ୍ତ କାର୍ଯ୍ୟ କାରଣ ଦ୍ୱାରା ବ୍ୟାପ୍ତ । କାର୍ଯ୍ୟ ଓ କାରଣ ପରସ୍ପର ରୂପାନ୍ତରିତ ହେଲେ ମଧ କାରଣ ହିଁ ସତ୍ୟ । କାର୍ଯ୍ୟ ରୂପାନ୍ତରିତ ହୁଏ । ଯେଉଁ ତତ୍ୱ ପଦାର୍ଥର ଆଦି, ଅନ୍ତ ଓ ମଧ୍ୟରେ ଥାଏ ତାହା ସତ୍ୟ ,ଯଥା- ସ୍ୱର୍ଣ୍ଣ, ରୌପ୍ୟ ଓ ମୃତ୍ତିକାଦି । ଏହି ବସ୍ତୁଗୁଡିକ ମୂଳ ଉପାଦାନ ବା କାରଣ । ଏହାର ବିକାର ହିଁ ବ୍ୟବହୃତ ହୁଏ ଓ ରୂପାନ୍ତରିତ ହୁଏ । ଯଥା- ସୁବର୍ଣ୍ଣର ବିକାର ବିଭିନ୍ନ ପ୍ରକାର ଅଳଙ୍କାର, ମୃତ୍ତିକାର ବିକାର ଘଟ, କଳସୀ ଇତ୍ୟାଦି । ସେହିପରି ପ୍ରକୃତି, ପୁରୁଷ ଓ କାଳ ଏହି ତିନି ତତ୍ତ୍ୱକୁ କାରଣ କୁହାଯାଏ । ଏହା କାର୍ଯ୍ୟ ନୁହେଁ । କାର୍ଯ୍ୟ ହେଉଛି ଜଗତ ଯାହାକି ଏହି ତିନି ତତ୍ତ୍ୱ ବା କାରଣରୁ ଉଦ୍ଭୂତ । ପ୍ରଥମତ ପ୍ରକୃତିରୂପୀ କାରଣରୁ କାର୍ଯ୍ୟ ରୂପୀ ଜଗତର ସୃଷ୍ଟି । ପ୍ରକୃତରେ ଅଧିଷ୍ଠାତା ହେଉଛି ପୁରୁଷ ଅର୍ଥାତ ପ୍ରକୃତି ଓ ପୁରୁଷ ଜଗତର ପିତାମାତା । ଗୁଣକ୍ଷୁବ୍ଧ ପ୍ରକୃତିର ସୃଷ୍ଟ ଜଗତର ଅଭିବ୍ୟକ୍ତି ହିଁ କାଳ । ପ୍ରକୃତି, ପୁରୁଷ ଓ କାଳ ଏହି ତିନି ତତ୍ତ୍ୱର ସମଷ୍ଟି ବ୍ରହ୍ମ ସ୍ୱରୂପ । ସେହି ବ୍ରହ୍ମ ସ୍ୱରୂପ ମୁଁ ନିଜେ । ମୁଁ ନିଜେ ଏହି ତିନି ତତ୍ତ୍ୱ ରୁପରେ ପ୍ରକାଶିତ ହୋଇ ଲୀଳା ରଚନା କରିଥାଏ ଏବଂ ଲୀଳା ଶେଷରେ ତାହା ପୁଣି ମୋଠାରେ ଲୀନ ହୁଏ । ମୋର କଟାକ୍ଷ ମାତ୍ରେ ମୋଠାରୁ ବ୍ରହ୍ମାଣ୍ଡ ସୃଷ୍ଟି ହୁଏ ଓ ମୋର ଇଚ୍ଛାରେ ତାହା ଲୀନ ହୁଏ । ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୁଁ ଏକମାତ୍ର କର୍ତ୍ତା ଓ ଅଦ୍ୱିତୀୟ ସାକ୍ଷୀ । ପ୍ରଳୟ ପରେ ପୁଣି ନୂତନ ସୃଷ୍ଟି ରଚନା ପର୍ଯ୍ୟନ୍ତ ମୁଁ ନିଜେ ନିଜର ଆଶ୍ରା ବା ଆଧାରରେ ରହୁଥିବା ହେତୁ ମୋର ନାମ ନିରାଧାର ।

### ୨୫ଶ ଅଧ୍ୟାୟ, ତ୍ରିଗୁଣର ବୃତ୍ତି ନିରୂପଣ

ଶ୍ରୀ ଭଗବାନ କହିଲେ, ହେ ଉଦ୍ଧବ, ମୁଁ ତୁମକୁ ତ୍ରିଗୁଣର ଲକ୍ଷଣ ଅର୍ଥାତ୍ ଯେଉଁ ଗୁଣର ପ୍ରଭାବରେ ଯେଉଁ ଆଚରଣ ପ୍ରକାଶ ପାଏ ତାହା ତୁମ୍ଭଙ୍କୁ କହୁଛି । ପ୍ରକୃତି ଓ ପୁରୁଷର ସ୍ୱରୂପ ଓ ଏହାର ପାର୍ଥକ୍ୟ ବିଷୟରେ ଜ୍ଞାନ ଅର୍ଜନ କଲେ ମନୁଷ୍ୟ ଯେ ଦୁଃଖ ମୁକ୍ତ ହେବ ତାହା ନୁହେଁ ତ୍ରିଗୁଣର ବିଭିନ୍ନ ବୃତ୍ତି ସମୂହକୁ ଐକାନ୍ତିକ ଚେଷ୍ଟା ଦ୍ୱାରା ଜୟ କରିପାରିଲେ ସୁଖ, ଦୁଃଖାଦି ଦ୍ୱନ୍ଦ୍ୱର ନିଷ୍କୃତି ମିଳେ । ସେହି ହେତୁ ତ୍ରିଗୁଣର ବୃତ୍ତି ସମୂହ ନିରୂପିତ କରାଯାଇଛି । ଏହା ଜାଣିଲେ ଅସତ ବୃତ୍ତିକୁ ଜୟ କରିବା ନିମିତ୍ତ ମନୁଷ୍ୟ ଚେଷ୍ଟା କରିବ । ସମ, ଦମ, ତ୍ୟାଗ, ବିଚାରଶୀଳତା, ତପସ୍ୟା ବା ନିଷ୍ଠାର ସହ ସ୍ୱଧର୍ମାଚାରଣ ସତ୍ୟ ଭାଷଣ, ଦୟା, କ୍ଷମା, ସ୍ମୃତି, ସନ୍ତୋଷ, ଅନାସକ୍ତ, ଶ୍ରଦ୍ଧା, ଦାନ, ସରଳତା, ବିନୟ, ଲଜ୍ଜା, ଧୃତି, ସ୍ଥିରଚିତ୍ତ, ତତ୍ତ୍ୱବିଚାରାଦି ସତ ଗୁଣର ବୃତ୍ତି । ଇନ୍ଦ୍ରିୟ ତୃପ୍ତିର ଅଭିଳାଷ ସ୍ୱାର୍ଥଚେଷ୍ଟା, ଭୋଗକାମନା, ବାସନା, ବିଳାସ, ଗର୍ବ, ଦମ୍ଭ, ଅଭିମାନ, ଲୋଭ, ଧନପ୍ରାପ୍ତି ନିମିତ୍ତ ଦେବପୂଜା, ଭେଦବୁଦ୍ଧି, ଅହଂକାର, ପ୍ରଶଂସା ପ୍ରିୟତା, ଅନ୍ୟ ପ୍ରତି ଉପହାସ ସ୍ୱପ୍ରଭାବ ପ୍ରକାଶ ଶକ୍ତରି ପ୍ରଦର୍ଶନ, ଯଶଲିପ୍ସା ଏ ସବୁ ରଜ ଗୁଣର ଲକ୍ଷଣ । କ୍ରୋଧ, ଲୋଭ, ମିଥ୍ୟାଭାଷଣ, ହିଂସା, ମାଗିବା ମନୋବୃତ୍ତି, ଦମ୍ଭ, କ୍ଳାନ୍ତି, କଳହ, ଶୋକ, ମୋହ, ବିଷାଦ, ଦୈନ୍ୟ, ନିଦ୍ରା, ଆଳସ୍ୟ, ଭୟ ଓ ଜଡତା ଏସବୁ ତମୋ ଗୁଣର ବୃତ୍ତି । ଏହି ତିନି ଗୁଣର ମିଶ୍ରଣ ଫଳରେ ମଧ କେତେକ ବୃତ୍ତ ଜାତ ହୁଏ । ଧର୍ମ କର୍ମରେ ଚିତ୍ତ ନିବେଶ କରି ମଧ କେତେକ ବ୍ୟକ୍ତି ଦୃଢ ଭାବରେ ଗୃହସ୍ଥାଶ୍ରମ ଆଚରଣ କରିଥାନ୍ତି । ଏବଂ ମୁଁ ଏବଂ ମୋର ଏହି ଭାବରେ ଛନ୍ଦି ହୋଇଥାନ୍ତି । ଅନେକ ଗୃହସ୍ଥ ମଧ ଶମ, ଦମ, ଦୟା, ଶାନ୍ତି ଓ ନିଷ୍କପଟତାର ଆଚରଣ କରିଥାନ୍ତି । ଏହା ସତ୍ୱ ଓ ରଜୋଗୁଣର ମିଶ୍ରଣ । ଧର୍ମ, ଅର୍ଥ, କାମ ଯଥାକ୍ରମେ ସତ୍ୱ, ରଜ ଓ ତମ ଗୁଣର କାର୍ଯ୍ୟ । ଏହାର ମିଶ୍ରଣ ମଧ ବ୍ୟକ୍ତି ବିଶେଷ ପାଖରେ ସମ୍ଭବ ହୋଇପାରେ । ଯଦି କେହି ଫଳ କାମନା ରହିତ ହୋଇ କର୍ମାନୁଷ୍ଠାନ କରେ ମୋର ଭଜନ, କୀର୍ତ୍ତନ କରେ ତେବେ ତାହାରିଠାରେ ସତ୍ୱଗୁଣର ଉଦ୍ରେକ ହୋଇଛି ବୋଲି ଜାଣିବ । ଫଳକାମନା କରି ଧର୍ମକର୍ମାନୁଷ୍ଠାନ କଲେ ମୋର ଭଜନ କୀର୍ତ୍ତନ କରେ ତେବେ ତାହାଠାରେ ସତ୍ୱଗୁଣର ଉଦ୍ରେକ ହୋଇଛି ଜଣାଯିବ । କ୍ରୋଧ ହେତୁ ଶତ୍ରୁନିଧନ କାମନା କରି ମୋର ଉପାସନା କଲେ ତମୋ ଗୁଣ ପ୍ରକାଶ ପାଏ । କେବଳ ସତ୍ୱଗୁଣ ସମ୍ପନ୍ନ ବ୍ୟକ୍ତି ତ୍ରିଲୋକରେ ପରମଗତିକୁ ପ୍ରାପ୍ତହୁଏ । ରଜୋଗୁଣୀ ମାନବ ରୂପରେ ଜନ୍ମ-ମରଣ ଚକ୍ରରେ ଏବଂ ତମୋଗୁଣୀ ତୀର୍ଯ୍ୟକ ଯୋନି ବା ନରକରେ ପତିତ ହୁଏ । ସତ୍ୱ ଗୁଣରେ ସାତ୍ୱିକ ଓ ପବିତ୍ର ଆହାର, ରଜୋଗୁଣରେ ସୁସ୍ୱାଦୁ, ଅପଥ୍ୟ ଓ ଉତ୍ତେଜକ ଆହାର ଏବଂ ତମୋ ଗୁଣରେ ଦୁର୍ଗନ୍ଧ, ନଷ୍ଟ ଖାଦ୍ୟର ଅନୁପ ଯୋଗୀ ଭୋଜନ ପ୍ରକାଶ ପାଏ । ସତ୍ତ୍ୱ ଗୁଣରେ ଜାଗ୍ରତ ଅବସ୍ଥା, ରଜୋରେ ସ୍ୱାପ୍ନାବସ୍ଥା ଓ ତମୋଗୁଣରେ ନିଦ୍ରାବସ୍ଥା ଭୋଗହୁଏ । ତୁରୀୟ ଅର୍ଥାତ୍ ତିନିଗୁଣର ଅତୀତ ଆତ୍ମାତତ୍ତ୍ୱ ତିନି ଅବସ୍ଥାର ମଧ୍ୟରେ ସମଭାବରେ ରହିଥାଏ । ମୃତ୍ୟୁ କାଳରେ ସତ୍ୱଗୁଣ ପ୍ରକଟ ହେଲେ ସ୍ୱର୍ଗଗମନ, ରଜୋଗୁଣ ପ୍ରଧାନ ହେଲେ ମାନବଜନ୍ମ, ତମୋ ଗୁଣ ପ୍ରବଳ ହେଲେ ନରକଗତି ହୁଏ । ଅର୍ଥାତ୍ ମୃତ୍ୟୁ ସମୟରେ ଯେଉଁ ମତି ସେହି ଗତି ପ୍ରାପ୍ତ ହୁଏ । ତେଣୁ ମନୁଷ୍ୟ ଅନ୍ତତଃ ମୃତ୍ୟୁକାଳରେ ସର୍ବ ଚିନ୍ତାରହିତ ହୋଇ ମୋର ଚରଣରେ ଶରଣ ନେବା ଉଚିତ୍ । ଏଥିନିମିତ୍ତ ପୂର୍ବାଭ୍ୟାସ ନଥିଲେ ଏହା କେବଳ ମୃତ୍ୟୁ ସମୟରେ ସମ୍ଭବ ହୋଇନପାରେ । ବନ ବା ନିର୍ଜନ ସ୍ଥାନରେ ବାସକୁ ସାତ୍ୱିକ, ଗ୍ରାମ୍ୟ ବା ଲୋକାଳୟରେ ବାସକୁ ରାଜସିକ ଏବଂ ଜୁଆ ଆଡ୍ଡାରେ ବାସକୁ ତାମସିକ ବାସ କୁହାଯାଏ । ମୋର ମନ୍ଦିର ନିର୍ଗୁଣ ବାସସ୍ଥାନ ଅଟେ । ଆସକ୍ତି ରହିତ ବ୍ୟକ୍ତିକୁ ସାତ୍ତ୍ୱିକ କର୍ତ୍ତା, ବିଷୟାସକ୍ତି ବ୍ୟକ୍ତିକୁ ରାଜସିକ କର୍ତ୍ତା, ବିଚାରଶୂନ୍ୟ ବ୍ୟକ୍ତି ତାମସିକ କର୍ତ୍ତା ଏବଂ ମୋର ଏକାନ୍ତ ଭାବେ ଶରଣାଗତ ବ୍ୟକ୍ତିକୁ ନିର୍ଗୁଣ କର୍ତ୍ତା କୁହାଯାଏ । ସେହିପରି ଆତ୍ମା ଚିନ୍ତନରେ ଶ୍ରଦ୍ଧାଳୁ ସାତ୍ତ୍ୱିକୀ, କର୍ମରେ ଶ୍ରଦ୍ଧାଳୁ ରାଜସିକୀ ଏବଂ ଅଧର୍ମରେ ଶ୍ରଦ୍ଧାଳୁ ତାମସିକୀ ଓ ମୋର ନିଷ୍କାମ ସେବାରେ ଶ୍ରଦ୍ଧାଳୁ ନିର୍ଗୁଣା ଶ୍ରଦ୍ଧା କୁହାଯାଏ । ସ୍ୱସ୍ଥ୍ୟ ପକ୍ଷରେ ଶୁଦ୍ଧ ଓ ଅନାୟସ ଲବ୍ଧ ଅନ୍ନ ସାତ୍ୱିକ, ରସନେନ୍ଦ୍ରିୟର ପ୍ରୀତି ଉତ୍ପାଦକ ଖାଦ୍ୟ ରାଜସିକ, କ୍ଳେଶକାରକ ଓ ଅପବିତ୍ର ଖାଦ୍ୟ ତାମସିକ ଏବଂ ମୋତେ ନିବେଦିତ ଅନ୍ନ ନିର୍ଗୁଣ ବୋଲି କଥିତ ହୁଏ । ଆତ୍ମା ଅନୁଭୂତିରୁ ସାତ୍ତ୍ୱିକ ଆନନ୍ଦ, ବିଷୟ ସୁଖରୁ ରାଜସିକ, ମୋହ ଓ ନିଷ୍ଠୁରତାରୁ ତାମସିକ ଏବଂ ମୋ ପ୍ରତି ଆନୁଗତ୍ୟରୁ ନିର୍ଗୁଣ ଆନନ୍ଦପ୍ରାପ୍ତି ହୁଏ । ହେ ଉଦ୍ଧବ,ଯେଉଁ ବ୍ୟକ୍ତି ମନରୁ ଉତ୍ପନ୍ନ ଏହି ସକଳ ଗୁଣ ପ୍ରଭାବରୁ ନିଜକୁ ମୁକ୍ତକରି ଭକ୍ତିଯୋଗ ଦ୍ୱାରା ସର୍ବତୋଭାବେ ମୋର ଆଶ୍ରୟ ଗ୍ରହଣ କରେ ସେ ମୋକ୍ଷଲାଭର ଅଧିକାରୀ ହୁଏ । ଯେହେତୁ କେବଳ ମନୁଷ୍ୟର ଜ୍ଞାନଲାଭ ଓ ପ୍ରତ୍ୟକ୍ଷାନୁଭୂତି ସମ୍ଭବ ସେହିହେତୁ ବିବେକୀ ବ୍ୟକ୍ତି ତ୍ରିଗୁଣ ପ୍ରଭାବରୁ ନିଜକୁ ମୁକ୍ତ କରି ମୋର ଚରଣରେ ଶରଣ ନେବା ଉଚିତ୍ ।

### ୨୬ଶ ଅଧ୍ୟାୟ, ପୁରୂରବାଙ୍କ ବ୍ୟରାଗ୍ୟୋକ୍ତି

ଶ୍ରୀଭଗବାନ କହିଲେ ହେ ଉଦ୍ଧବ, ଏହି ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ତପସ୍ୟା ଫଳରେ ପ୍ରାପ୍ତ ହୋଇଥାଏ । ଏହାରି ମାଧ୍ୟମରେ ଦିବ୍ୟ ଜ୍ଞାନର ସ୍ଫୁରଣ ହୁଏ ଓ ମୋର ସ୍ୱରୂପ, ମହିମା ଉପଲବ୍ଧ କରାଯାଏ । ମନୁଷ୍ୟ ଭକ୍ତିଯୋଗ ଦ୍ୱାରା ମୋର ଚରଣରେ ମନୋନିବେଶ କରି ବିଷୟ ଦୁଃଖ ପାସୋରି ଦିଏ ଏବଂ ପରମାମନନ୍ଦ ସ୍ୱରୂପ ମୋତେ ପ୍ରାପ୍ତ ହୁଏ । ଅସତ୍ ସଙ୍ଗ ଫଳରେ ଭକ୍ତିଯୋଗ ନିଷ୍ଠା ବ୍ୟାହତ ହୁଏ । ଯୋଗୀ ଯୋଗଭ୍ରଷ୍ଟ ହୁଏ ଅନ୍ୟ ପକ୍ଷରେ ସତସଙ୍ଗ ବା ସାଧୁସଙ୍ଗ ଦ୍ୱାରା ଯୋଗସିଦ୍ଧି ସହଜ ହୋଇଥାଏ । ଯୌନ ଓ ଜିହ୍ୱା ଲାଳସାସକ୍ତ ଅସାଧୁ ବ୍ୟକ୍ତିର ସଙ୍ଗ ଦୋଷ ସକଳ ଧର୍ମନାଶକରେ । ଜଣେ ଅନ୍ଧକୁ ଅନ୍ୟ ଜଣେ ଅନ୍ଧ ଅନୁସରଣ କରି ଉଭୟେ ନଷ୍ଟ ହେବାପରି ଅସାଧୁ ଓ ତାର ଅନୁସରଣକାରୀ ଉଭୟେ ନଷ୍ଟ ହୁଅନ୍ତି । ମହାଯଶସ୍ୱୀ ସମ୍ରାଟ ବୁଧଗ୍ରହ ସୁତ ପୁରୁରବା ନିଜର ଅପ୍ସରା ପତ୍ନୀ ଉର୍ବଶୀର ବିଚ୍ଛେଦରେ ପ୍ରଥମେ ପାଗଳ ପ୍ରାୟ ହୋଇ ଉଲଗ୍ନ ଅବସ୍ଥାରେ କିଛିକାଳ ଭ୍ରମଣ କରିବା ପରେ ତାଙ୍କର ବୈରାଗ୍ୟ ଉଦୟ ହେଲା । ସେ ଅନୁତପ୍ତ ହୋଇ ସାଶ୍ରୁଲୋଚନରେ ମନେ ମନେ ଚିନ୍ତାକଲେ, ହାୟ ମୋର ଏହି କାମ କଳୁଷିତ ଶରୀର ଉର୍ବଶୀର ଆଲିଙ୍ଗନରେ ଆବଦ୍ଧ ହୋଇ ନଷ୍ଟହେଲା । ଆୟୁଷ ଶେଷ ହେଲା, ଜୀବନ ବ୍ୟର୍ଥ ହୋଇଗଲା । ମୁଁ ନୃପଶ୍ରେଷ୍ଠ ହୋଇ ମଧ ଜଣେ ନାରୀର ବଶୀଭୂତ ହୋଇ ତାର ଅଙ୍ଗ ସୁଖକୁ ଅମୃତ ମନେକଲି, ଆସକ୍ତି ଓ ଲମ୍ପଟ ସ୍ୱଭାବ ହେତୁ ତାର ଚରଣ ଧୂଳିକୁ ମୋର ମସ୍ତକରେ ଧାରଣ କରି ତାହାରି ପଶ୍ଚାତଧାବନ କଲି, ଅଥଚ ସେ ଗଲାବେଳେ ଥରୁଟେ ବି ମୋ ଆଡକୁ ନଚାହିଁ ଚରଣାଘାତ କରି ଚାଲିଗଲା । ମୁଁ ନିର୍ଲ୍ଲଜ ସବୁ ସହ୍ୟକଲି । କେଉଁ ମନ୍ତ୍ର ବଳରେ ସେ ମୋତେ ବଶୀଭୂତ କଲା । ନାରୀପରବଶ ମାନବର ଶୌର୍ଯ୍ୟ, ବୀର୍ଯ୍ୟ, ବିଦ୍ୟା, ବୁଦ୍ଧି, ମର୍ଯ୍ୟଦା ଜ୍ଞାନ, ତପସ୍ୟା, ସନ୍ୟାସ ସବୁ ଲୋପ ଓ ନିଷ୍ଫଳ ହୁଏ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଡୋର

# ନିଜ ସହ ନିଜର ସମ୍ପର୍କ



ଶ୍ୱେତା ରାଉତ୍

ପ୍ରକୃତରେ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କଟି ହେଉଛି ନିଜ ସହ ନିଜର ସମ୍ପର୍କ। ଏହି ସମ୍ପର୍କ ଯେତେ ସୁଦୃଢ଼ ହେବ, ଆମର ବ୍ୟକ୍ତିତ୍ୱ ସେତେ ପରିମାର୍ଜିତ ହେବ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଆମେ ଅନ୍ୟମାନଙ୍କୁ ବୁଝିବା ପାଇଁ ଯେତେ ଚେଷ୍ଟା କରୁଛୁ, ନିଜକୁ ବୁଝିବା ପାଇଁ ସେତେ ସମୟ ଦେଉନାହୁଁ।ପ୍ରତ୍ୟେକ ମଣିଷର ଜୀବନ ଏକ ସ୍ୱତନ୍ତ୍ର ଯାତ୍ରା। କାହାର ରାସ୍ତା ସହଜ, ତ କାହାର ରାସ୍ତା ସଂଘର୍ଷପୂର୍ଣ୍ଣ। କିଏ ଶୀଘ୍ର ସଫଳତା ପାଏ, ତ ଆଉ କିଏ ଅନେକ ବାଧା ଅତିକ୍ରମ କରି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚେ। ତେଣୁ ଅନ୍ୟର ସଫଳତା, ରୋଜଗାର କିମ୍ବା ଜୀବନଶୈଳୀକୁ ନେଇ ଅଯଥା ଆଲୋଚନା କରିବା ପରିବର୍ତ୍ତେ ନିଜର ଉନ୍ନତି ପାଇଁ ଚିନ୍ତା କରିବା ଅଧିକ ଜରୁରୀ।

କେହି ଅଧିକ ଟଙ୍କା ରୋଜଗାର କରୁଛି ବୋଲି ତା' ପ୍ରତି ଈର୍ଷା କରିବା, କେହି ଭଲ ପୋଷାକ ପିନ୍ଧୁଛି ବୋଲି ତାକୁ ନେଇ ଆଲୋଚନା କରିବା କିମ୍ବା କେହି ନିଜ ଜୀବନରେ ଖୁସିରେ ଅଛି ବୋଲି ତା ଖୁସି ପଛରେ ଥିବା କାରଣ ଖୋଜିବା ଆମ ଜୀବନକୁ ସମୃଦ୍ଧ କରେ ନାହିଁ। ବରଂ ଆମ ମନରେ ଅସନ୍ତୋଷ ଓ ନକାରାତ୍ମକ ଭାବନା ସୃଷ୍ଟି କରେ।

ପରଚର୍ଚ୍ଚା ଏପରି ଏକ ଅଭ୍ୟାସ, ଯାହା ଆରମ୍ଭରେ ମନକୁ ସାମୟିକ ଆନନ୍ଦ ଦେଇପାରେ, କିନ୍ତୁ ଶେଷରେ ସମ୍ପର୍କରେ ତିକ୍ତତା ଭରିଦିଏ। କାହାର ଅନୁପସ୍ଥିତିରେ ତା' ବିଷୟରେ ଅଯଥା ଆଲୋଚନା କରିବା, ତା'ର ବ୍ୟକ୍ତିଗତ ଜୀବନକୁ ସମାଲୋଚନା କରିବା ଏବଂ ଅନ୍ୟମାନଙ୍କ ମନରେ ତା' ପ୍ରତି ଖରାପ ଧାରଣା ସୃଷ୍ଟି କରିବା ଦ୍ୱାରା ଆମେ ନିଜର ଚରିତ୍ରକୁ ହିଁ ପ୍ରଶ୍ନବାଚୀ ମଧ୍ୟକୁ ଠେଲିଦେଉ।

ଅନେକ ସମୟରେ ଆମେ ଯେଉଁ ବ୍ୟକ୍ତିଙ୍କୁ ନେଇ ଚର୍ଚ୍ଚା କରୁଥାଉ, ତାଙ୍କ ଜୀବନର ସମସ୍ତ ପରିସ୍ଥିତି ବିଷୟରେ ଆମେ ଅବଗତ ନଥାଉ। ତାଙ୍କ ସଂଘର୍ଷ, ବାଧ୍ୟବାଧକତା ଓ ଅସହାୟତାକୁ ନଜାଣି ଆମେ ତାଙ୍କ ବିଷୟରେ ମତାମତ ଦେଇଦେଉ। ଯାହା ଆମ ପାଇଁ ଏକ ସାଧାରଣ ଆଲୋଚନା, ଅନ୍ୟ ଜଣଙ୍କ ପାଇଁ ତାହା ଗଭୀର ମାନସିକ ଯନ୍ତ୍ରଣାର କାରଣ ହୋଇପାରେ।

କାହାର ଅନ୍ୟାୟକୁ ଅନ୍ୟାୟ କହିବା ନିହାତି ଆବଶ୍ୟକ,କିନ୍ତୁ ସତ୍ୟ ଜାଣିବା, ନ୍ୟାୟସଙ୍ଗତ ଭାବେ ବିଚାର କରିବା ଓ ଗଠନମୂଳକ ସମାଲୋଚନା କରିବା ଏବଂ କେବଳ ନିନ୍ଦା କରିବା ମଧ୍ୟରେ ଆକାଶପାତାଳ ତଫାତ ରହିଛି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ସାମାଜିକ ଦାୟିତ୍ୱ, କିନ୍ତୁ ଅନ୍ୟର ଦୁର୍ବଳତାକୁ ନିଜ ମନୋରଞ୍ଜନର ବିଷୟ କରିବା ମାନବିକତାର ପରିଚୟ ନୁହେଁ।

ଯେଉଁ ମଣିଷ ଅନ୍ୟର ଦୋଷ ଖୋଜିବା ପରିବର୍ତ୍ତେ ତା'ର ଭଲ ଗୁଣକୁ ପ୍ରଶଂସା କରିବା ଶିଖେ, ବିଫଳତା ଅନ୍ୟର ଦୁଃଖକୁ ଉପହାସ କରିବା ପରିବର୍ତ୍ତେ ସହାନୁଭୂତି ଦେଖାଏ ଏବଂ ନିଜର ଅହଂକାରକୁ ପଛରେ ପକାଇ ସମ୍ପର୍କକୁ ଗୁରୁତ୍ୱ ଦିଏ, ସେ ଧୀରେ ଧୀରେ ସମସ୍ତଙ୍କ ହୃଦୟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରେ।ଅନ୍ୟର ଜୀବନ ଉପରେ ନଜର ରଖିବା ଅପେକ୍ଷା ନିଜ ବିବେକ ଉପରେ ନଜର ରଖିବା ଅଧିକ ଜରୁରୀ। ଅନ୍ୟର ରୋଜଗାର ଗଣିବା ଅପେକ୍ଷା ନିଜର ମାନବିକତାକୁ ସମୃଦ୍ଧ କରିବା ଆବଶ୍ୟକ,ଅନ୍ୟର ପାପ ଖୋଜିବା ଅପେକ୍ଷା ନିଜର ଅନ୍ତରାତ୍ମାକୁ ପଚାରିବା ଅଧିକ ଶ୍ରେୟସ୍କର କାରଣ ଅନ୍ୟର ଦୋଷ ଜାଣିଲେ ଆମେ ତାକୁ ବିଚାର କରିପାରିବା, କିନ୍ତୁ ନିଜର ଦୋଷ ଜାଣିଲେ ଆମେ ନିଜକୁ ବଦଳାଇପାରିବା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ସେ କ'ଣ ଅଧିକ ଡିମାଣ୍ଡିଙ୍ଗ ?

କିଛି ଲୋକ ଅଧିକ ଡିମାଣ୍ଡିଙ୍ଗ ହୋଇଥାନ୍ତି । ସତ କହିବାକୁ ଗଲେ ସେମାନେ ସେମାନଙ୍କ ସମ୍ପର୍କରେ ଅସୁରକ୍ଷିତଥାନ୍ତି । ତାଙ୍କ ସହ ସମ୍ପର୍କ ରଖିଲେ ଆପଣ ଖୁବ ଶୀଘ୍ର ସାଇକିଆଟ୍ରିଷ୍ଟଙ୍କ ନିକଟକୁ ଯିବେ । ପ୍ରାରମ୍ଭିକ ସ୍ତରରେ ଏହା ସମସ୍ୟା ସୃଷ୍ଟି କରିଥାଏ । କିଛି ବ୍ୟକ୍ତି ଅତି ଅବାସ୍ତବ ଆଶା ରଖିଥାନ୍ତି । ତେବେ କେମିତି ଜାଣିବେ ଯେ, ସେ ଅଧିକ ଡିମାଣ୍ଡିଙ୍ଗ ।

♦ ଏମିତି ବ୍ୟକ୍ତି ବିଶ୍ୱାସ କରନ୍ତି ଯେ, ସେମାନଙ୍କ ପାର୍ଟନର ହେଉଛନ୍ତି ସେମାନଙ୍କ ସମ୍ପତ୍ତି ଏବଂ ସେମାନଙ୍କର ମୂଳଲକ୍ଷ୍ୟ ତାଙ୍କୁ ସନ୍ତୁଷ୍ଟ କରିବା ସଙ୍ଗେ ସଙ୍ଗେ ସବୁ ସମୟରେ ତାଙ୍କୁ ଖୁସି କରାଇବାକୁ ହେବ।

♦ ସେ ଆପଣଙ୍କୁ ତାଙ୍କ ଅକ୍ତିଆରକୁ ଆଣିବା ପାଇଁ ସବୁ ସମୟରେ ଆପଣଙ୍କୁ ରୋମାଣ୍ଟିକ ଟେକ୍ସଟ ମେସେଜ ପଠାଉଥିବ ଏବଂ ଏହାଦ୍ୱାରା ଆପଣ ଅନୁଭୂବ କରିପାରୁଥିବେ ଯେ, ଆପଣ ତାଙ୍କର ଅଧିକ ନିକଟତର ହୋଇଯାଉଛନ୍ତନି।

♦ ସେ ଅପଣଙ୍କ ଉପସ୍ଥିତି ସହ ସମ୍ପୂର୍ଣ୍ଣ ଭାବେ ଆଡ଼ିକଟେଡ଼ ହୋଇଯାଇଥିବେ ଏବଂ ଆପଣ ତାଙ୍କୁ ଛାଡ଼ି ଅନ୍ୟ କୁଆଡ଼େ ଯିବାକୁ ସେ ଆଦୌ ପସନ୍ଦ କରୁ ନଥିବେ।

♦ ସେ ଆପଣଙ୍କୁ ଅତ୍ୟଧିକ ସ୍ନେହ ଏବଂ ଭଲପାଇବା ଦେଉଥିବେ କିନ୍ତୁ ଆପଣ ତାଙ୍କର ଏହିପରି କାର୍ଯ୍ୟକଳାପରେ ଏକଦମ ଅତିଷ୍ଠ ହୋଇଯାଉଥିବେ ଏବଂ ଏହା ଅନୁଭବ କରଉଥିବ।

♦ ସେ ଆପଣଙ୍କୁ ଆପଣଙ୍କ ସାଙ୍ଗମାନଙ୍କ ସହ ବାହାରକୁ ଯିବାପାଇଁ ଆଦୌ ଅନୁମତି ଦେଉନଥିବେ। ଆପଣଙ୍କ ବୁଲାବୁଲି ଉପରେ ସେ ରେଷ୍ଟ୍ରିକସନ ଲଗାଉଥିବେ ଏବଂ ଏକାକୀ ବାହାରକୁ ଯିବାକୁ ଦେଉନଥିବେ। ସେ ଆପଣଙ୍କୁ ଆଦୌ ସ୍ପେସ ଦେଉନଥିବେ ଏବଂ ଆପଣ ଯଦି ତାଙ୍କ କଥା ନଶୁଣୁଥିବେ ତେବେ ସେ କାନ୍ଦୁଥିବେ। ଏହାଦ୍ୱାରା ସେ ଆପଣଙ୍କୁ ଇମୋସନାଲ ବ୍ଲାକମେଲ୍ କରିଥାନ୍ତି।

♦ ଆପଣଙ୍କର ଆପଣଙ୍କ ସହକର୍ମୀଙ୍କ ସହ କିଛି ଖରାପ ସମ୍ପର୍କ ରହିଛି ଏକଥା ସେ ସନ୍ଦେହ କରୁଥିବେ।

♦ ସେ ଆପଣଙ୍କ ଆଟେନସନ ସବୁ ସମୟରେ ଡିମାଣ୍ଡ୍ କରିବେ ଏବଂ ଯଦି ଆପଣ ତାଙ୍କୁ



ଯଥେଷ୍ଟ ଆଟେନସନ ନଦେବେ ତେବେ ସେ ଆପଣଙ୍କୁ ବାରମ୍ବାର କହିବେ ଯେ, ଆପଣ ଆଦୌ ତାଙ୍କ ପାଇଁ କେୟାରିଙ୍ଗ ନୁହନ୍ତି।

# ଆପଣ ତାଙ୍କ ପ୍ରତି କେୟାରିଙ୍ଗ



ଚେଷ୍ଟା କରନ୍ତୁ। ଏହା ନିଶ୍ଚିତ ଯେ, ସେ ଆପଣଙ୍କ ହାତ ଲେଖା କବିତା ଦେଖିଲେ ନିଶ୍ଚିତ ଭାବେ ହସିବେ।

♦ ତାଙ୍କୁ ରିଲାକ୍ସ କରିବାକୁ ତାଙ୍କ ପାଇଁ ଗୋଟିଏ ଦିନ ଦିଅନ୍ତୁ। ଏକ ସ୍ପେଶାଲ ପ୍ଲାନିଙ୍ଗ କରନ୍ତୁ। ଏବଂ ତାଙ୍କ ସହ ପୁରାଦିନ ଅତିବାହିତ କରନ୍ତୁ। ଏହାଦ୍ୱାରା ସେ ଅନୁଭବ କରିବେ ଯେ, ଆପଣ ତାଙ୍କୁ ବହୁତ ଭଲପାଆନ୍ତି।

♦ ଯଦି ଆପଣ ଭଲଭାବେ ଜାଣନ୍ତି ଯେ, ସେ ଆପଣଙ୍କ ବିଷୟରେ ଜାଣିବା ପାଇଁ ସବୁବେଳେ ଇଚ୍ଛୁକ ଏବଂ ଆପଣ ବାହାରେ ଥିବାବେଳେ ସେ ଆପଣଙ୍କୁ ଫୋନ କରି ବୁଝନ୍ତି ଆପଣ କେଉଁଠାରେ ଅଛନ୍ତି ତେବେ ସେହି ସମାନ ଉପାୟରେ ଆପଣ ତାଙ୍କ ସହ ମଧ ଟ୍ରିଟ କରିବା ଦରକାର। ସମୟକୁ ସମୟ ଆପଣ ତାଙ୍କୁ ଜଣାନ୍ତୁ ଯେ, ଆପଣ କେଉଁଠି ଅଛନ୍ତି ଏବଂ ଏଥିସହ ଆପଣ ନିଜେ ମଧ ତାଙ୍କ ବିଷୟରେ ପଚାରି ବୁଝନ୍ତୁ।

♦ ଯଦି ସେ ଆପଣଙ୍କ ନିଷ୍ପତ୍ତିର ସମାଲୋଚନାକରୁଛନ୍ତି କିମ୍ବା ମଜାକ କରୁଛନ୍ତି, ତେବେ ଆପଣ ତାଙ୍କର ଉପଦେଶ ନିଅନ୍ତୁ। ସମୟ ସମୟରେ ସେ ଠିକ୍ କଥା କହିଥାନ୍ତି ଏବଂ ଆପଣଙ୍କୁ ଠିକ୍ ବାଟରେ ଗାଇଡ଼୍ କରିନେଇପାରନ୍ତି।

# କ୍ଷମତା, ସମ୍ପତ୍ତି ଏବଂ ସ୍ୱଚ୍ଛତା

ଗଣତନ୍ତ୍ରରେ ରାଜନୈତିକ କ୍ଷମତା ଏବଂ ବ୍ୟକ୍ତିଗତ ସମ୍ପତ୍ତି ମଧ୍ୟରେ ଥିବା ସୀମାରେଖା ସର୍ବଦା ଏକ ବିତର୍କର ବିଷୟ ହୋଇଆସିଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ପ୍ରକାଶ ପାଇଥିବା ଆର୍ଥିକ କାରବାରର ରିପୋର୍ଟ ଏହି ବିତର୍କକୁ ପୁଣି ଥରେ ଉଜ୍ଜୀବିତ କରିଛି । ସେପ୍ଟେମ୍ବର ୨୦୨୬ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, କେବଳ ଜୁଲାଇ ମାସରେ ଟ୍ରମ୍ପଙ୍କ ଆକାଉଣ୍ଟରୁ ଏକ ହଜାରରୁ ଅଧିକ ଥର ସେୟାର ବଜାରରେ କିଣାବିକା କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୭୯ ନିୟୁତ ଡଲାରରୁ ୨୭୦ ନିୟୁତ ଡଲାର ମଧ୍ୟରେ ରହିବ । ଏହି ତଥ୍ୟ ସାମ୍ନାକୁ ଆସିବା ପରେ ରାଷ୍ଟ୍ରପତିଙ୍କ ନୈତିକତା, ସ୍ୱଚ୍ଛତା ଏବଂ ସମ୍ଭାବ୍ୟ ସ୍ୱାର୍ଥର ସଂଘାତକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏତେ ବଡ଼ ଧରଣର ଆର୍ଥିକ କାରବାର କୌଣସି ସାଧାରଣ ନିବେଶକଙ୍କ ପକ୍ଷରେ ସମ୍ଭବ ନୁହେଁ ଏବଂ ଜଣେ କ୍ଷମତାସୀନ ରାଷ୍ଟ୍ରପତିଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ଅସ୍ୱାଭାବିକ ଅଟେ । ବିଶେଷ କରି ଯେତେବେଳେ ଦେଶର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତିଙ୍କ ନିଷ୍ପତ୍ତି ସିଧାସଳଖ ଭାବରେ ବଜାରକୁ ପ୍ରଭାବିତ କରିବାର କ୍ଷମତା ରଖିଥାଏ, ସେତେବେଳେ ଏପରି କାରବାର କେବଳ ସନ୍ଦେହ ଘେରରେ ରହେ ନାହିଁ ବରଂ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏକ ଆହ୍ୱାନ ସୃଷ୍ଟି କରେ । ଆମେରିକୀୟ ନିର୍ବାଚନ ଆଇନ ଏବଂ ସରକାରୀ ନୈତିକତା ନିୟମ ଅନୁଯାୟୀ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କୁ ସେମାନଙ୍କର ଆର୍ଥିକ କାରବାରର ବିବରଣୀ ପ୍ରଦାନ କରିବାକୁ ପଡ଼ିଥାଏ, କିନ୍ତୁ ଏହି ଆଇନ ସେମାନଙ୍କୁ ସେୟାର ବଜାରରେ କାରବାର କରିବାରୁ ବାରଣ କରେ ନାହିଁ । ତେବେ ନୈତିକ ଦୃଷ୍ଟିକୋଣରୁ ଏହା କେତେ ଗ୍ରହଣୀୟ, ତାହା ଏବେ ଏକ ବଡ଼ ପ୍ରଶ୍ନ ପାଲଟିଛି ।

ଯଦି ଆମେ ତଥ୍ୟ ଉପରେ ନଜର ପକାଇବା, ତେବେ ଜୁଲାଇ ମାସର କାରବାରଗୁଡ଼ିକର ପରିସଂଖ୍ୟାନ ଆଶ୍ଚର୍ଯ୍ୟଜନକ ଅଟେ । ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ୪୪୦ରୁ ଅଧିକ ଥର ସେୟାର କିଣିଛନ୍ତି ଏବଂ ୭୦୦ରୁ ଅଧିକ ଥର ସେୟାର ବିକ୍ରି କରିଛନ୍ତି । ଏହି କାରବାର ମଧ୍ୟରେ ବିଶ୍ୱର କିଛି ବୃହତ୍ତମ ଟେକ୍ନୋଲୋଜି କମ୍ପାନୀ ସାମିଲ ଅଛନ୍ତି । ଜୁଲାଇ ୨୦ ତାରିଖରେ ଟ୍ରମ୍ପଙ୍କ ଆକାଉଣ୍ଟରୁ ଆମାଜନ ଏବଂ ମାଇକ୍ରୋସଫ୍ଟର ୫ ନିୟୁତରୁ ୨୫ ନିୟୁତ ଡଲାର ପର୍ଯ୍ୟନ୍ତ ସେୟାର ବିକ୍ରି କରାଯାଇଥିଲା । ସେହି ଗୋଟିଏ ଦିନରେ ଓରାକଲ୍ ଏବଂ କଷ୍ଟକୋ କମ୍ପାନୀର ପ୍ରାୟ ୫ ନିୟୁତ ଡଲାରର ସେୟାର, ଏବଂ ଏନଭିଡିଆର ୫ ଲକ୍ଷରୁ ୧ ନିୟୁତ ଡଲାରର ସେୟାର ମଧ୍ୟ ବିକ୍ରି କରାଯାଇଥିଲା । ଏହା ସହିତ ଇନଟୁଇଟ୍ ଏବଂ ସେଲ୍ସଫୋର୍ସ ଭଳି କମ୍ପାନୀରେ ୫ ନିୟୁତ ଡଲାର ପର୍ଯ୍ୟନ୍ତ ନୂତନ ନିବେଶ କରାଯାଇଥିଲା । ଏହି ବିଶାଳ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଆମେରିକା ସରକାରଙ୍କ ବିଭିନ୍ନ ନିୟମ, କୃତ୍ରିମ ବୁଦ୍ଧିମତ୍ତା ନୀତି ଏବଂ ଆଣ୍ଟିଟ୍ରଷ୍ଟ ଆଇନ ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇଥାନ୍ତି । ତେଣୁ ଜଣେ ରାଷ୍ଟ୍ରପତି ଏହି କମ୍ପାନୀଗୁଡ଼ିକରେ ଏତେ ବଡ଼ ଧରଣର ନିବେଶ କରିବା ନିଶ୍ଚିତ ଭାବରେ ସରକାରୀ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ ।

ଏହି ତାଲିକାରେ ସ୍ପେସ୍-ଏକ୍ସ ଭଳି କମ୍ପାନୀ ମଧ୍ୟ ରହିଛି, ଯାହାକି ଆମେରିକା ସରକାରଙ୍କ ଏକ ପ୍ରମୁଖ ପ୍ରତିରକ୍ଷା ଠିକାଦାର ଅଟେ । ଜୁନ୍ ମାସରେ ସ୍ପେସ୍-ଏକ୍ସ ଆମେରିକା ଇତିହାସର ସବୁଠାରୁ ବଡ଼ ଆଇପିଓ ଜାରି କରି ୧.୭୭ ଟ୍ରିଲିୟନ ଡଲାରର ମୂଲ୍ୟାୟନ ହାସଲ କରିଥିଲା । ଜୁଲାଇ ୧୦ ତାରିଖରେ ଟ୍ରମ୍ପ ସ୍ପେସ୍-ଏକ୍ସର ୧୫,୦୦୦ ରୁ ୫୦,୦୦୦ ଡଲାର ମୂଲ୍ୟର ସେୟାର କିଣିଥିଲେ ଏବଂ ଜୁଲାଇ ୧୭ ତାରିଖରେ କିଛି ସେୟାର ବିକ୍ରି ମଧ୍ୟ କରିଥିଲେ । ଏଲନ୍ ମସ୍କଙ୍କ ସହିତ ଟ୍ରମ୍ପଙ୍କ ରାଜନୈତିକ ସମ୍ପର୍କ ଏବଂ ସ୍ପେସ୍-ଏକ୍ସର ସରକାରୀ ଚୁକ୍ତିନାମାଗୁଡ଼ିକୁ ଦୃଷ୍ଟିରେ ରଖିଲେ ଏହି କାରବାରଗୁଡ଼ିକ ଅତ୍ୟନ୍ତ ସମ୍ବେଦନଶୀଳ ମନେହୁଏ । ଏହି ସମସ୍ତ ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଦୈନିକ ହାରାହାରି ୫୦ଟି କାରବାର କରାଯାଇଛି, ଯାହାକି ଏକ ସାଧାରଣ ନିବେଶକଙ୍କ ତୁଳନାରେ ବହୁତ ଅଧିକ ଏବଂ ଏହା ଏକ ଆଲଗୋରିଦମିକ୍ ବା ହେଜ୍ ଫଣ୍ଡ ଟ୍ରେଡିଂ ଭଳି ପ୍ରତୀୟମାନ ହେଉଛି । ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦୨୫ରେ ନିଜର ଦ୍ୱିତୀୟ ପାଳି ଆରମ୍ଭ କରିବା ଦିନଠାରୁ ଟ୍ରମ୍ପଙ୍କ ପୋର୍ଟଫୋଲିଓରେ ୨୮,୦୦୦ ରୁ ଅଧିକ ସେୟାର କାରବାର ହୋଇସାରିଲାଣି । ଯଦି ଆମେ ପୂର୍ବତନ ରାଷ୍ଟ୍ରପତିମାନଙ୍କ ସହ ଏହାର ତୁଳନା କରିବା, ତେବେ ଜୋ ବାଇଡେନ ନିଜ କାର୍ଯ୍ୟକାଳ ମଧ୍ୟରେ ମାତ୍ର ୧୩ଟି ସେୟାର କାରବାର କରିଥିଲେ ଏବଂ ବାରାକ୍ ଓବାମା ଗୋଟିଏ ବି ବ୍ୟକ୍ତିଗତ ସେୟାର କାରବାର କରିନଥିଲେ, ବରଂ ସେମାନେ ମ୍ୟୁଚୁଆଲ୍ ଫଣ୍ଡ ଏବଂ ଟ୍ରେଜେରୀ ବଣ୍ଡ ଉପରେ ନିର୍ଭର କରୁଥିଲେ । ଏହି ତୁଳନାତ୍ମକ ଚିତ୍ର ସ୍ପଷ୍ଟ କରୁଛି ଯେ ଟ୍ରମ୍ପଙ୍କ ଆର୍ଥିକ ଗତିବିଧି କେତେ ବ୍ୟାପକ ଅଟେ ।

ଏହି ବିବାଦ ଉପରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ସଫେଇ ଦିଆଯାଇଛି ଯେ ରାଷ୍ଟ୍ରପତିଙ୍କ ସେୟାର ଏବଂ ବଣ୍ଡ ପୋର୍ଟଫୋଲିଓ ସମ୍ପୂର୍ଣ୍ଣ ଭାବରେ ତୃତୀୟ ପକ୍ଷ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ହ୍ୱାଇଟ୍ ହାଉସ୍ ମୁଖପାତ୍ର ଡେଭିସ୍ ଇଙ୍ଗଲ୍ କହିଛନ୍ତି ଯେ ଏହି ସମସ୍ତ ନିବେଶ କମ୍ପ୍ୟୁଟର ଆଧାରିତ ମଡେଲ୍ ପୋର୍ଟଫୋଲିଓ ମାଧ୍ୟମରେ କରାଯାଉଛି, ଯାହା ସ୍ୱୟଂଚାଳିତ ଭାବରେ ଶ୍ରାବ୍ ୧୦୦୦ ଭଳି ଇଣ୍ଡେକ୍ସକୁ ଅନୁସରଣ କରିଥାଏ । ତାଙ୍କ ମତରେ ରାଷ୍ଟ୍ରପତି ଟ୍ରମ୍ପ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟଙ୍କର ଏହି ନିବେଶ ପ୍ରକ୍ରିୟାରେ କୌଣସି ସିଧାସଳଖ ନିୟନ୍ତ୍ରଣ କିମ୍ବା ପ୍ରଭାବ ନାହିଁ ଏବଂ ସମସ୍ତ ନିଷ୍ପତ୍ତି ସ୍ୱାଧୀନ ପରିଚାଳକମାନଙ୍କ ଦ୍ୱାରା ନିଆଯାଉଛି । ଟିକସ ରିହାତି ପାଇବା ପାଇଁ ବା ଟ୍ୟାକ୍ସ ଲସ୍ ହାର୍ଭେଷ୍ଟିଂ ପ୍ରକ୍ରିୟାରେ ଏତେ ମାତ୍ରାରେ କାରବାର କରାଯାଉଥିବା ଯୁକ୍ତି ମଧ୍ୟ ଉପସ୍ଥାପନ କରାଯାଇଛି । ଏହି ଯୁକ୍ତିର ଅର୍ଥ ହେଉଛି ଯେ କ୍ଷତି ସହୁଥିବା ସେୟାରଗୁଡ଼ିକୁ ବିକ୍ରି କରି ଟିକସ ଭାର କମାଇବା ପାଇଁ ଆର୍ଥିକ ପରିଚାଳକମାନେ ଦୈନନ୍ଦିନ ଭିତ୍ତିରେ ଏପରି କାରବାର କରୁଛନ୍ତି ।

ତଥାପି ଏହି ଯୁକ୍ତିଗୁଡ଼ିକ ସମାଲୋଚକମାନଙ୍କୁ ସନ୍ତୁଷ୍ଟ କରିପାରି ନାହିଁ । କାରଣ ଟ୍ରମ୍ପ ଆଧୁନିକ ଇତିହାସର ଏକମାତ୍ର ରାଷ୍ଟ୍ରପତି ଯିଏକି ନିଜର ସମ୍ପତ୍ତିକୁ ଏକ ବ୍ଲାଇଣ୍ଡ ଟ୍ରଷ୍ଟରେ ରଖିବାକୁ ମନା କରିଦେଇଛନ୍ତି । ଏକ ବ୍ଲାଇଣ୍ଡ ଟ୍ରଷ୍ଟରେ ସମ୍ପତ୍ତି ରଖିବା ଦ୍ୱାରା ନିବେଶକ ଜାଣିପାରନ୍ତି ନାହିଁ ଯେ ତାଙ୍କ ଟଙ୍କା କେଉଁ କମ୍ପାନୀରେ ଲଗାଯାଇଛି, ଯାହାଦ୍ୱାରା ସ୍ୱାର୍ଥର ସଂଘାତ ଏଡ଼ାଇ ଦିଆଯାଇପାରେ । କିନ୍ତୁ ଟ୍ରମ୍ପ ନିଜର ଆର୍ଥିକ ବିବରଣୀ ଫର୍ମରେ ନିଜେ ସ୍ୱାକ୍ଷର କରୁଛନ୍ତି, ଯାହାର ଅର୍ଥ ହେଉଛି ସେ ଜାଣନ୍ତି ଯେ ତାଙ୍କ ପୋର୍ଟଫୋଲିଓରେ କେଉଁ କମ୍ପାନୀର ସେୟାର କିଣାଯାଉଛି କିମ୍ବା ବିକ୍ରି କରାଯାଉଛି । ଏହା ଏକ ଗୁରୁତର ନୈତିକ ସମସ୍ୟା ସୃଷ୍ଟି କରୁଛି, କାରଣ ରାଷ୍ଟ୍ରପତି ଭାବରେ ତାଙ୍କର ନୀତିଗତ ନିଷ୍ପତ୍ତିଗୁଡ଼ିକ ସେହି କମ୍ପାନୀଗୁଡ଼ିକୁ ସିଧାସଳଖ ଲାଭବାନ କରିପାରେ ଯେଉଁଥିରେ ତାଙ୍କର ଆର୍ଥିକ ସ୍ୱାର୍ଥ ଜଡ଼ିତ ଅଛି । ଉଦାହରଣ ସ୍ୱରୂପ, ଇରାନ ସହିତ ଆମେରିକାର ଯୁଦ୍ଧ ପରିସ୍ଥିତି କାରଣରୁ ତୈଳ ଦର ବୃଦ୍ଧି ପାଇଥିଲା ଏବଂ ସିନେଟର ଅର୍ଥନୈତିକ କମିଟିର ରିପୋର୍ଟ ଅନୁଯାୟୀ ଟ୍ରମ୍ପ ନିଜର ତୈଳ ଏବଂ ଗ୍ୟାସ୍ କମ୍ପାନୀ ନିବେଶରୁ ପ୍ରାୟ ୧୫.୫ ନିୟୁତ ଡଲାର ଲାଭ କରିଥିଲେ । ଏହା ପ୍ରମାଣିତ କରେ ଯେ ସରକାରୀ ନୀତି ଏବଂ ବ୍ୟକ୍ତିଗତ ଲାଭ ମଧ୍ୟରେ ଥିବା ସମ୍ପର୍କ କେତେ ଗଭୀର ଏବଂ ବିପଜ୍ଜନକ ହୋଇପାରେ । ଯେତେବେଳେ ଦେଶର ବୈଦେଶିକ ନୀତି ଏବଂ ଯୁଦ୍ଧ ପରିସ୍ଥିତି ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ସମୃଦ୍ଧ କରେ, ସେତେବେଳେ ଜାତୀୟ ସୁରକ୍ଷା ନିଷ୍ପତ୍ତିଗୁଡ଼ିକର ନିରପେକ୍ଷତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ ଅଟେ ।

ଏହି ଘଟଣାକ୍ରମରେ ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ରାଜନୈତିକ କପଟତା । ବର୍ତ୍ତମାନ ଟ୍ରମ୍ପ ଏବଂ ରିପବ୍ଲିକାନ୍ ଦଳ ଆମେରିକୀୟ କଂଗ୍ରେସର ସଦସ୍ୟମାନଙ୍କ ପାଇଁ ସେୟାର ବଜାରରେ କାରବାର ଉପରେ ପ୍ରତିବନ୍ଧକ ଲଗାଇବାକୁ ଜୋରଦାର ଦାବି କରୁଛନ୍ତି । ଜୁଲାଇ ମାସରେ ହିଁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଟ୍ରମ୍ପଙ୍କ ସମର୍ଥିତ ଷ୍ଟପ୍ ଇନସାଇଡର୍ ଟ୍ରେଡିଂ ଆକ୍ଟ ପାରିତ ହୋଇଛି, ଯାହା ଆଇନପ୍ରଣେତା ଏବଂ ସେମାନଙ୍କ ପରିବାରକୁ ପବ୍ଲିକ୍ ଟ୍ରେଡେଡ୍ ସେୟାର କିଣିବାରୁ ବାରଣ କରିବ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପ୍ରସ୍ତାବିତ ନିୟମରୁ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ବାଦ୍ ଦିଆଯାଇଛି । ଅର୍ଥାତ୍ ଯେଉଁ ନିୟମ ସାଂସଦମାନଙ୍କ ପାଇଁ ଲାଗୁ ହେବ, ତାହା ଦେଶର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ । ଏହା ଏକ ଦ୍ୱୈତ ମାନଦଣ୍ଡର ସ୍ପଷ୍ଟ ଉଦାହରଣ ଅଟେ । ବ୍ଲୁମବର୍ଗର ବିଶ୍ଳେଷଣ ଦର୍ଶାଉଛି ଯେ ନିଜର ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭରୁ ଜୁନ୍ ମାସ ସୁଦ୍ଧା ଟ୍ରମ୍ପ ଏକାକୀ ସମଗ୍ର କଂଗ୍ରେସର ସମସ୍ତ ସଦସ୍ୟଙ୍କ ମିଳିତ କାରବାରଠାରୁ ଅଧିକ ସେୟାର କାରବାର କରିଛନ୍ତି । ଯେଉଁ ବ୍ୟକ୍ତି ନିଜେ ଏତେ ବ୍ୟାପକ ପରିମାଣରେ ସେୟାର କାରବାର କରୁଛନ୍ତି, ସେ ଅନ୍ୟମାନଙ୍କ ପାଇଁ ନୈତିକତାର ପାଠ ପଢ଼ାଇବା କେବଳ ହାସ୍ୟାସ୍ପଦ ନୁହେଁ ବରଂ ଏହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଥିବା ଜନସାଧାରଣଙ୍କ ବିଶ୍ୱାସକୁ ଭାଙ୍ଗିଦେଉଛି । ଜନସାଧାରଣ ମଧ୍ୟ ଏହି ଦ୍ୱୈତ ନୀତିକୁ ଗ୍ରହଣ କରୁନାହାଁନ୍ତି । ଇକୋନୋମିଷ୍ଟ ଏବଂ ୟୁଗୋଭ୍ ଦ୍ୱାରା କରାଯାଇଥିବା ଏକ ସାମ୍ପ୍ରତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରାୟ ୭୫ ପ୍ରତିଶତ ଭୋଟର ବିଶ୍ୱାସ କରନ୍ତି ଯେ ନିର୍ବାଚିତ ପ୍ରତିନିଧିମାନଙ୍କୁ ସେୟାର ବଜାରରେ ବ୍ୟକ୍ତିଗତ ଭାବରେ କାରବାର କରିବାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ । ଏହି ୭୫ ପ୍ରତିଶତ ଭୋଟରଙ୍କ ମଧ୍ୟରେ ଉଭୟ ଡେମୋକ୍ରାଟିକ୍ ଏବଂ ରିପବ୍ଲିକାନ୍ ଦଳର ସମର୍ଥକ ସାମିଲ ଅଛନ୍ତି, ଯାହା ପ୍ରମାଣିତ କରେ ଯେ ଏହା ଏକ ଦଳୀୟ ପ୍ରସଙ୍ଗ ନୁହେଁ ବରଂ ଏକ ବୃହତ୍ତର ନୈତିକ ପ୍ରସଙ୍ଗ ଅଟେ ।

ଏହା ବ୍ୟତୀତ ଟ୍ରମ୍ପଙ୍କ ବ୍ୟାପକ ଆର୍ଥିକ ସାମ୍ରାଜ୍ୟ କେବଳ ସେୟାର ବଜାର ମଧ୍ୟରେ ସୀମିତ ନାହିଁ । ତାଙ୍କର ବାର୍ଷିକ ଆର୍ଥିକ ବିବରଣୀରୁ ଜଣାପଡ଼ିଛି ଯେ ୨୦୨୫ ମସିହାରେ ସେ ନିଜର ବିଭିନ୍ନ ବ୍ୟବସାୟ ଏବଂ ନିବେଶରୁ ୨.୨୪ ବିଲିୟନ ଡଲାରରୁ ଅଧିକ ଆୟ କରିଛନ୍ତି । ଏଥିମଧ୍ୟରୁ କେବଳ କ୍ରିପ୍ଟୋକରେନ୍ସି ବ୍ୟବସାୟରୁ ୧ ବିଲିୟନ ଡଲାରର ଆୟ ହୋଇଛି, ଯେଉଁଥିରେ ୱାର୍ଲ୍ଡ ଲିବର୍ଟି ଫାଇନାନ୍ସିଆଲ୍ ଏବଂ ସେଲିବ୍ରେସନ୍ କଏନ୍ ଭଳି ପ୍ରକଳ୍ପ ସାମିଲ ଅଛି । ଏହା ସହିତ ନିଜର ଗଲ୍ଫ କୋର୍ସ ଏବଂ ରିଏଲ୍ ଇଷ୍ଟେଟ୍ ବ୍ୟବସାୟରୁ ମଧ୍ୟ ସେ କୋଟି କୋଟି ଡଲାର ଲାଭ କରିଛନ୍ତି । ଆହୁରି ମଧ୍ୟ ତାଙ୍କ କର୍ମଚାରୀମାନଙ୍କ ଆର୍ଥିକ ବିବରଣୀରୁ ଜଣାପଡ଼ିଛି ଯେ ଟ୍ରମ୍ପ ହ୍ୱାଇଟ୍ ହାଉସର ତିନିଜଣ ଅଧିକାରୀଙ୍କୁ ୪୫,୦୦୦ ଡଲାର ଲେଖାଏଁ ନଗଦ ଉପହାର ଦେଇଛନ୍ତି, ଯେଉଁଥିରେ ତାଙ୍କର ଘନିଷ୍ଠ ସହଯୋଗୀ ନାଟାଲି ହାର୍ପ ମଧ୍ୟ ସାମିଲ ଅଛନ୍ତି । ଏହିଭଳି ନଗଦ ଉପହାର ପ୍ରଦାନ ପ୍ରକ୍ରିୟା ଅନେକ ନୀତିଗତ ପ୍ରଶ୍ନ ଉଠାଇଛି ଏବଂ ବିଭିନ୍ନ ନିରୀକ୍ଷଣକାରୀ ସଂସ୍ଥା ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଜଣେ ରାଷ୍ଟ୍ରପତି ନିଜ କାର୍ଯ୍ୟକାଳ ମଧ୍ୟରେ ଏତେ ବିପୁଳ ପରିମାଣର ବ୍ୟକ୍ତିଗତ ସମ୍ପତ୍ତି ଠୁଳ କରିବା ଏବଂ ସରକାରୀ କର୍ମଚାରୀଙ୍କୁ ନଗଦ ଅର୍ଥ ପ୍ରଦାନ କରିବା ଏକ ଗଣତନ୍ତ୍ରର ଲକ୍ଷଣ ନୁହେଁ । ଏହା ସରକାରୀ ବ୍ୟବସ୍ଥାର ବ୍ୟବସାୟୀକରଣକୁ ସୂଚାଉଛି, ଯେଉଁଠାରେ ଜନକଲ୍ୟାଣ ପରିବର୍ତ୍ତେ ବ୍ୟକ୍ତିଗତ ଲାଭକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଭଳି ମନେହେଉଛି । ଏହି ସମସ୍ତ ତଥ୍ୟ ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି ଯେ ବର୍ତ୍ତମାନର ଆମେରିକୀୟ ପ୍ରଶାସନରେ ଆର୍ଥିକ ସ୍ୱଚ୍ଛତାର ଘୋର ଅଭାବ ରହିଛି । ଯେତେବେଳେ ଜଣେ ଶାସକ ନିଜର ଆର୍ଥିକ ସାମ୍ରାଜ୍ୟକୁ ବିସ୍ତାର କରିବା ପାଇଁ ନିଜର ପଦବୀର ପରୋକ୍ଷ ବା ପ୍ରତ୍ୟକ୍ଷ ଲାଭ ଉଠାନ୍ତି, ସେତେବେଳେ ତାହା କେବଳ ଦେଶର ଅର୍ଥନୀତି ପାଇଁ ନୁହେଁ ବରଂ ସାମଗ୍ରିକ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏକ ବିପଦ ସୃଷ୍ଟି କରେ । ଟ୍ରମ୍ପଙ୍କ କ୍ଷେତ୍ରରେ ଏହି ବିପଦ ଆହୁରି ଅଧିକ କାରଣ ସେ ଏପରି କମ୍ପାନୀଗୁଡ଼ିକରେ ନିବେଶ କରୁଛନ୍ତି ଯେଉଁମାନେ ସରକାରୀ ନିୟନ୍ତ୍ରଣ ଏବଂ ସରକାରୀ ଚୁକ୍ତି ଉପରେ ନିର୍ଭରଶୀଳ । ଆମାଜନ, ମାଇକ୍ରୋସଫ୍ଟ ଏବଂ ଓରାକଲ୍ ଭଳି କମ୍ପାନୀଗୁଡ଼ିକ ଆମେରିକା ସରକାରଙ୍କ କ୍ଲାଉଡ୍ କମ୍ପ୍ୟୁଟିଂ ଚୁକ୍ତି ହାସଲ କରିବା ପାଇଁ ସର୍ବଦା ପ୍ରତିଯୋଗିତା କରିଥାନ୍ତି । ଯଦି ରାଷ୍ଟ୍ରପତି ନିଜେ ଏହି କମ୍ପାନୀଗୁଡ଼ିକର ସେୟାର କିଣାବିକା କରୁଛନ୍ତି, ତେବେ ସେହି ଚୁକ୍ତିଗୁଡ଼ିକର ଆବଣ୍ଟନରେ କେତେଦୂର ସ୍ୱଚ୍ଛତା ରହିବ ତାହା ସହଜରେ ଅନୁମେୟ । ସେହିପରି ଫାର୍ମାସ୍ୟୁଟିକାଲ୍ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି । ଏହି କାରଣରୁ କେବଳ ରାଜନୈତିକ ସମାଲୋଚକ ନୁହଁନ୍ତି, ବରଂ ସାଧାରଣ ନାଗରିକମାନେ ମଧ୍ୟ ଏହି ଆର୍ଥିକ କାରବାରକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ।

ପରିଶେଷରେ ଏହା କୁହାଯାଇପାରେ ଯେ ଟ୍ରମ୍ପଙ୍କ ଜୁଲାଇ ମାସର ସେୟାର କାରବାର ରିପୋର୍ଟ କେବଳ କିଛି ଆର୍ଥିକ ସଂଖ୍ୟାର ତାଲିକା ନୁହେଁ, ବରଂ ଏହା ଆମେରିକୀୟ ରାଜନୈତିକ ବ୍ୟବସ୍ଥାରେ ଥିବା ଢାଞ୍ଚାଗତ ତ୍ରୁଟିକୁ ପଦାରେ ପକାଇଛି । ଯେତେବେଳେ ଦେଶର ନୀତି ନିର୍ଦ୍ଧାରକମାନେ ନିଜେ ସେହି ନୀତିରୁ ଆର୍ଥିକ ଲାଭ ଉଠାଇବାର ସୁଯୋଗ ପାଆନ୍ତି, ସେତେବେଳେ ସାଧାରଣ ନାଗରିକଙ୍କ ସ୍ୱାର୍ଥ କ୍ଷୁର୍ଣ୍ଣ ହେବା ସ୍ୱାଭାବିକ ଅଟେ । ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଗଣତନ୍ତ୍ରର ଦୁଇଟି ମୂଳସ୍ତମ୍ଭ ଅଟେ । କେବଳ ଆର୍ଥିକ କାରବାରର ବିବରଣୀ ସାର୍ବଜନୀନ କରିଦେଲେ ସ୍ୱଚ୍ଛତା ଆସିଯାଏ ନାହିଁ, ବରଂ ସେହି କାରବାରଗୁଡ଼ିକ ଯେପରି ସରକାରୀ ନିଷ୍ପତ୍ତିକୁ ପ୍ରଭାବିତ ନ କରେ, ତାହା ନିଶ୍ଚିତ କରିବା ହେଉଛି ପ୍ରକୃତ ଉତ୍ତରଦାୟିତ୍ୱ । ତେଣୁ ଆମେରିକୀୟ ପ୍ରଶାସନ ପାଇଁ ଏବେ ଏକ କଠୋର ନୈତିକ ଆଇନର ଆବଶ୍ୟକତା ରହିଛି, ଯାହା କେବଳ କଂଗ୍ରେସ ସଦସ୍ୟଙ୍କ ପାଇଁ ନୁହେଁ ବରଂ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ସମେତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କ ପାଇଁ ସମାନ ଭାବରେ ଲାଗୁ ହେବ । ରାଷ୍ଟ୍ରପତିଙ୍କ ସମ୍ପତ୍ତିକୁ ବାଧ୍ୟତାମୂଳକ ଭାବରେ ବ୍ଲାଇଣ୍ଡ ଟ୍ରଷ୍ଟରେ ରଖିବାର ବ୍ୟବସ୍ଥା କରାଯିବା ଉଚିତ୍, ଯାହାଦ୍ୱାରା ସ୍ୱାର୍ଥର ସଂଘାତକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆଯାଇପାରିବ । ଯେପର୍ଯ୍ୟନ୍ତ ଏହିପରି ପଦକ୍ଷେପ ନିଆଯାଇନାହିଁ, ସେପର୍ଯ୍ୟନ୍ତ ରାଜନୈତିକ କ୍ଷମତାର ଅପବ୍ୟବହାର ଏବଂ ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧିର ଏହି ଖେଳ ଅବ୍ୟାହତ ରହିବ ଏବଂ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସ କ୍ରମାଗତ ଭାବରେ ହ୍ରାସ ପାଉଥିବ ।

# ଅବଦୁଲ୍ କଲାମ୍ ଓ ଓଡ଼ିଶା



## ଡକ୍ଟର ସୁରେଶ କୁମାର ନାୟକ



କିଏ ତାଙ୍କୁ କହୁଥିଲା ଅଗ୍ନି ପୁରୁଷ, କିଏ କହୁଥିଲା ପୃଥ୍ୱୀର ପାର୍ଥ । ଆକାଶ ଥିଲା ତାଙ୍କ ହାତ ପାଆନ୍ତାରେ । ତାଙ୍କ ମସ୍ତିଷ୍କ ଥିଲା ବୈଜ୍ଞାନିକର, ମନ ଥିଲା ଦାର୍ଶନିକର, ହୃଦୟ ଏକ ଚଞ୍ଚଳ ବାଳକର । ପିଲାଦିନେ ସମୁଦ୍ର କୂଳରେ ବସି ସେ ସ୍ୱପ୍ନ ଦେଖିଥିଲେ ଆକାଶର । କିନ୍ତୁ ତାଙ୍କ କାର୍ଯ୍ୟ ଦକ୍ଷତା ଓ କର୍ମବୀରତା ତାଙ୍କୁ ପହଞ୍ଚାଇ ପାରିଥିଲା ଅନ୍ତରୀକ୍ଷର ଅଭ୍ୟନ୍ତରରେ । ପରମାଣୁ ବୋମା ଭିତରେ ବି ସେ ଦେଖୁଥିଲେ ଶାନ୍ତି ଓ ସବୁଜିମାର ସ୍ୱପ୍ନ । ଆଜି ମହାନ ପରମାଣୁ ବିଜ୍ଞାନୀ ପୃଥିବୀ ବିଖ୍ୟାତ ଦାର୍ଶନିକ ଓ ଭାରତର ରତ୍ନ କୁହାଯାଉଥିବା ସ୍ୱର୍ଗତଃ ଡକ୍ଟର ଏ.ପି.ଜେ. ଅବଦୁଲ୍ଲ କଲାମଙ୍କ ଜନ୍ମଦିନ । ଡକ୍ଟର କଲାମଙ୍କ ଓଡ଼ିଶା ସହିତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ । ତାମିଲନାଡୁରେ ସେ ଜନ୍ମ ହୋଇଥିଲେ ବି ତାଙ୍କର ଅନ୍ୟତମ କର୍ମଭୂମି ଥିଲା ଓଡ଼ିଶା । ଡିଆରଡିଓ ବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଜଣେ ଆଗ ଧାଡ଼ିର ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିବା ବେଳେ ଦୁଇ ଦଶନ୍ଧି ଧରି ଏହି ଅନୁଷ୍ଠାନ ସହିତ ତାଙ୍କର ସମ୍ପର୍କ ରହିଥିଲା । ୧୯୮୯ରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍) ପ୍ରତିଷ୍ଠା ହେବା ପରଠାରୁ ଅଗ୍ନି, ନାଗ ଓ ବ୍ରହ୍ମୋସ୍ ଭଳି ସ୍ୱଦେଶୀ କ୍ଷେପଣାସ୍ତ୍ର ଗବେଷଣା ଓ ପରୀକ୍ଷଣ କାର୍ଯ୍ୟରେ ସେ ବାରମ୍ବାର ଏହି ସ୍ଥାନକୁ ଆସିଛନ୍ତି । ତେବେ ହ୍ୱିଲର ଦ୍ୱୀପରେ କ୍ଷେଣାସ୍ତ୍ର ପରୀକ୍ଷାବେଳେ ବିରଳ ଓ ଲୁପ୍ତପ୍ରାୟ ଅଲିଭ୍ ରିଡଲେ କଇଁଛଙ୍କ ଏହି ଏନ୍ତୁଡିଶାଳ ଆଇଟିଆର୍‌ର ଉଜ୍ଜ୍ୱଳ ଆଲୋକ ଯୋଗୁଁ ବିପଦରେ ପଡ଼ିଯାଇଥିବା ଏହି କଇଁଛଙ୍କ ପାଇଁ ସେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହା ପରବର୍ତ୍ତୀ ସମୟରେ ୨୦୦୭ରେ ହାଇଦ୍ରାବାଦରେ ବିଲୁପ୍ତ ପ୍ରାୟ ପ୍ରାଣୀଙ୍କ ସଂରକ୍ଷଣ ପାଇଁ ପରୀକ୍ଷାଗାରକୁ ଦେଶ ଉଦ୍ଦେଶ୍ୟରେ ସମର୍ପଣ କଲାବେଳେ ସେ ନିଜ ହ୍ୱିଲର ଦ୍ୱୀପରେ ଅନୁଭୂତି ବର୍ଣ୍ଣନା କରିଥିଲେ । କଇଁଛଙ୍କ ସୁରକ୍ଷା ପାଇଁ ଆଇଟିଆର୍‌ର ଆଲୋକମାଳାକୁ ନିୟନ୍ତ୍ରିତ କରାଯିବା ସହ ଆବଶ୍ୟକବେଳେ ବନ୍ଦ ରଖାଗଲା ଓ ମାଛଧରା ଟ୍ରଲରକୁ ମଧ୍ୟ ନିଷେଦ୍ଧ କରାଗଲା । ସେହିପରି ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ବନୀକରଣ ପାଇଁ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ଚାନ୍ଦିପୁର ଆସିଥିବା ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ କେ.ସି.ପନ୍ଥଙ୍କୁ ପ୍ରସ୍ତାବ ଦେଇ ତାହା କାର୍ଯ୍ୟକାରୀ କରାଇଥିଲେ । ସେହିପରି ଚାନ୍ଦିପୁରରେ ଏକ ପକ୍ଷୀବିହାର 'ନିସର୍ଗ' ସୃଷ୍ଟି କରିବାରେ ସେ ଥିଲେ ଅନ୍ୟତମ ବିନ୍ଧାଣୀ । ସେ ରାଷ୍ଟ୍ରପତି ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଜଣ ଏଡ୍‌ସ ଆକ୍ରାନ୍ତ ପିଲାଙ୍କ ପୋଷ୍ଟକାର୍ଡ଼ ଚିଠି ପାଇ ସେମାନଙ୍କୁ ତୁରନ୍ତ ସହଯୋଗର ହାତ ବଢ଼ାଇଥିଲେ । ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ 'ଆଇ ଆମ୍ କଲାମ୍' ଦେଖିଲା ପରେ ସେ ଧନ୍ୟବାଦ ଜଣାଇଥିଲେ । ୨୦୦୮ ମେ ୧୧ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ପିଲାମାନଙ୍କୁ ନିଜ ଜୀବନ ରାଷ୍ଟ୍ରପତି ସମର୍ପିତ ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ସେହିପରି ୨୦୧୧ ଜାନୁଆରୀ ୫ରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ୨୦୦୫ ନଭେମ୍ବର ୧୯ରେ ଚାନ୍ଦିପୁର ପକ୍ଷୀ ବିହାର ଉଦ୍‌ଘାଟନ, ୨୦୧୪ ନଭେମ୍ବର ୨୯ରେ ସମ୍ବଲପୁରସ୍ଥିତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୧୫୦ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିଲେ । ୨୦୧୫ ମାର୍ଚ୍ଚ ୨ ତାରିଖରେ ରାଜଗାଙ୍ଗପୁର ଡାଲମିଆଁ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀଙ୍କ ସହ ସ୍ମରଣୀୟ ମୁହୂର୍ତ୍ତ ବିତାଇଥିଲେ, ୨୦୧୨ ଜାନୁଆରୀ ୫ ତାରିଖରେ ଭୁବନେଶ୍ୱରସ୍ଥିତ ଜାଭିୟର ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟରେ ଦୀକ୍ଷାନ୍ତ ଭାଷଣ ଦେବା ସହ ୨୦୧୨ ଜାନୁଆରୀ ୪ରେ ଭୁବନେଶ୍ୱରସ୍ଥିତ କିସ୍ ଅନୁଷ୍ଠାନର ପିଲାଙ୍କ ବିଜ୍ଞାନ କଂଗ୍ରେସ ଉଦ୍‌ଘାଟନ କରିଥିଲେ । ୨୦୧୪ ଜାନୁଆରୀ ୨୫ରେ ଭୁବନେଶ୍ୱରରେ ସ୍ୱାମୀ ଚିଦାନନ୍ଦ ଜନ୍ମଶତବାର୍ଷିକୀ ମହୋତ୍ସବ, ୨୦୧୨ ଜାନୁଆରୀ ୫ ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱରରେ ସଚିତ୍ରକୁମାର ହାଇସ୍କୁଲର ଉତ୍ସବରେ ଯୋଗ ଦେଇଥିଲେ । ୨୦୦୫ ଡିସେମ୍ବର ମାସରେ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ । ସେ ରାଷ୍ଟ୍ରପତି ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବାବେଳେ ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ସତ୍ତ୍ୱେ ସେ ଶିକ୍ଷାନୁଷ୍ଠାନ ଓ ପିଲାଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସ୍ୱତଃ ଆଗ୍ରହ ରଖୁଥିଲେ । ରାଷ୍ଟ୍ରପତି ଦାୟିତ୍ୱ ପରବର୍ତ୍ତୀ ସମୟରେ ମଧ ସେ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇ କେବଳ ପିଲାମାନେ ନୁହଁନ୍ତି ଲୋକମାନଙ୍କ ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହେବାପାଇଁ ଶ୍ରଦ୍ଧା ରଖୁଥିଲେ । ଦେଶକୁ ଦୁର୍ନୀତି ମୁକ୍ତ ଓ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କରୁଥିଲେ । ତାଙ୍କ ମତରେ ସେ ତିନିଜଣ ଥିଲେ ବାପା, ମାଆ ଓ ଶିକ୍ଷକ । ସେ ଥିଲେ ବହୁ ସ୍ୱପ୍ନର ନାୟକ । ମାଟିରୁ ମହାକାଶ ପର୍ଯ୍ୟନ୍ତ ତାଙ୍କ ସ୍ୱପ୍ନ ଥିଲା ପରିବ୍ୟାପ୍ତ । ୧୯୮୧ରେ ସେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ସେ ଭାରତ ରତ୍ନ ପାଇଥିଲେ । ୧୯୩୧, ୧୫ ଅକ୍ଟୋବରରେ ଜନ୍ମ ଗ୍ରହଣ କରିଥିବା କଲାମ୍‌ଙ୍କ ସ୍ମୃତି ଓଡିଶା ପାଇଁ ଚିରସ୍ମରଣୀୟ । ବିଶେଷକରି ବିଦ୍ୟାର୍ଥୀ ମାନଙ୍କୁ ସେ ଯେଉଁ ସ୍ମରଣୀୟ ଜୀବନର ସ୍ୱପ୍ନ ଦେଖାଇଯାଇଛନ୍ତି ତାହାକୁ ସାକାର କରିପାରିଲେ ତାଙ୍କ ଜନ୍ମତିଥି ପାଇଁ ତାହା ନିଶ୍ଚିନ୍ତ ହେବ ଏକ ମୂଲ୍ୟବାନ ସ୍ମୃତି ଅର୍ଘ୍ୟ ।

+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ
ମୋ: ୯୪୩୭୨୨୫୫୯୨

# ସ୍ୱପ୍ନ ଓ ସଂକଳ୍ପର ରୂପକାର : ଡକ୍ଟର କାଲାମ୍



## ଯୁଧିଷ୍ଠିର ମହାରଣା



ମାଟିରୁ ମହାକାଶ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ନିଜ ସ୍ୱପ୍ନକୁ ସତ୍ୟରେ ପରିଣତ କରି ଶ୍ରେଷ୍ଠ କୀର୍ତ୍ତି ସ୍ତମ୍ଭର ସ୍ଥପତି ତଥା ପ୍ରତିଟି ଭାରତୀୟଙ୍କ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତି ସଞ୍ଚାରୁଥିବା ଭାରତୀୟ କ୍ଷେପଣାସ୍ତ୍ର ଜନକ ଦେଶର ସବୁଠାରୁ ଲୋକପ୍ରିୟ ରାଷ୍ଟ୍ରପତି ପଦବୀକୁ ଅଳଙ୍କୃତ କରିଥିବା ମହାନ କୀର୍ତ୍ତି ପୁରୁଷ ଡକ୍ଟର ଅବୁଲ ପାକିର୍ ଜୈନୁଲ୍ ଆବେଦିନ୍ ଅବଦୁଲ କାଲାମ ବା ସମସ୍ତଙ୍କ ପରିଚୟ ଏପିଜେ ଅବଦୁଲ କାଲାମଙ୍କ ଆଜି ହେଉଛି ଜନ୍ମଦିନ । ନିଜର ନିରଳସ ସରଳ ଜୀବନ ଓ ସମସ୍ତଙ୍କ ସହ ପ୍ରିୟତାର ଅମାୟିକ ସ୍ୱଭାବ ସହ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜଣେ ଶିକ୍ଷକ ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବା ଏହି ମହାପୁରୁଷଙ୍କ ମହାପ୍ରୟାଣ ପ୍ରତିଟି ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଦୁଃଖର ଘଟଣାଟି । ନିର୍ବୋଧ ଶିଶୁର କୌତୁହଳ ଠାରୁ ଜ୍ଞାନୀ ବୈଜ୍ଞାନିକଙ୍କ ଅନୁସନ୍ଧିତ୍ସୁ ପ୍ରଶ୍ନ ଯାଏ ସମସ୍ତଙ୍କର ପରିଭାଷାକୁ ବୁଝି ନିଜସ୍ୱ ସରଳ ଭାଷାରେ ଉତ୍ତର ଦେବା ହିଁ ତାଙ୍କର ଜୀବନର ଶ୍ରେଷ୍ଠ ଓ କୃତି ଏହା ହିଁ ଥିଲା ଜନପ୍ରିୟତାଙ୍କର ଅନ୍ୟତମ କାରଣ । ଭାରତକୁ ଦ୍ରୁତ ଶିଳ୍ପାୟନ ପଥ ସହ କ୍ରାନ୍ତିକାରୀ ଶିକ୍ଷାରେ ଅନ୍ୟ ମହାଶକ୍ତିଙ୍କ ସହ ସମକକ୍ଷ ହେବାପାଇଁ ତଥା ଏକ ବିକଶିତ ରାଷ୍ଟ୍ର ଭାବେ ଭାରତକୁ ପରିଣତ କରିବା ପାଇଁ କୋଟି କୋଟି କିଶୋର ଓ ଯୁବକଙ୍କ ମନରେ ସେ ଭରି ଦେଉଥିଲେ ସ୍ୱପ୍ନ ଓ ପ୍ରେରଣା । ଆତ୍ମମଗ୍ନ ରହି ନିଜ ସ୍ୱପ୍ନର ଭାରତ ଗଠନ ପାଇଁ ପ୍ରତିଟି ମୁହୂର୍ତ୍ତ ସେ ଅବିରତ ଭାବରେ ଉତ୍ସର୍ଗ କରିଦେଉଥିଲେ ଏହି ଭାରତ ମାତା ପାଇଁ । ପିଲାଟି ହୁଅନ୍ତୁ ବା ବଡ଼ ପରିଣତ ବୟସର ଲୋକ, ସମସ୍ତଙ୍କ ସ୍ୱପ୍ନର ଉତ୍ସ ଓ ପ୍ରେରଣା ପାଇଁ ସେ ମୂଲ୍ୟବାନ ପାଖାପାଖି କୋଡିଏଟି ପୁସ୍ତକ ଲେଖିଯାଇଛନ୍ତି । ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ୍ ଅଫ୍ ଫାୟାର', 'ଇଣ୍ଡିଆ ୨୦୨୦ - ଏ ଭିଜନ ଫର୍ ଦ ନିଉ ମିଲେନିଅମ୍', 'ମାଇଁ ଜର୍ନି', ଏବଂ 'ଇଗ୍ନାଇଟେଡ୍ ମାଇଣ୍ଡସ୍ ଅନ୍‌ଲିସିଂ ଦ ପାୱାର ୱିଦିନ୍ ଇଣ୍ଡିଆ' ପ୍ରମୁଖ । ଭାରତ ପାଇଁ ଏକ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ ତତ୍କାଳୀନ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ ଡକ୍ଟର ଅବଦୁଲ୍ କାଲାମ ଓ ବିଶିଷ୍ଟ ରାଷ୍ଟ୍ରନାୟକ ରାଜନୀତିଜ୍ଞ ଅଟଳ ବିହାରୀ ବାଜପେୟୀ ଥିଲେ ପ୍ରଧାନମନ୍ତ୍ରୀ । ଜଣେ ପରମାଣୁ ବିଜ୍ଞାନୀ ଭାବେ ସମଗ୍ର ବିଶ୍ୱରେ ସେ ସମ୍ମାନିତ ଓ ସୁପରିଚିତ ଥିଲେ ବି ବରଂ ଜଣେ ଶିକ୍ଷକ ଭାବେ ଜ୍ଞାନର ବିତରଣ ପାଇଁ ସେ ଅହର୍ନିଶ ପ୍ରୟାସ ଜାରି ରଖିଥିଲେ ଓ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଜ୍ଞାନର ଆଲୋକ ହିଁ ପ୍ରଦାନ କରୁଥିଲେ । ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେ ନିଜର ମୂଲ୍ୟବାନ ମାର୍ଗଦର୍ଶନ ଦ୍ୱାରା ଅଗଣିତ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଭବିଷ୍ୟତ ଓ ଦେଶପାଇଁ ସମର୍ପିତ ସୁଯୋଗ୍ୟ ସେବାର ଥିଲେ ପଥ ପ୍ରଦର୍ଶକ ଓ ଆଲୋକବର୍ତ୍ତିକା ।

ଡକ୍ଟର କାଲାମଙ୍କ ସହ ଓଡ଼ିଶାର ସମ୍ପର୍କ ଅତ୍ୟନ୍ତ ଆବେଗିକ । ବାଲେଶ୍ୱରର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଅଗ୍ନୀ, ବ୍ରହ୍ମୋସ୍ ଓ ନାଗ ପରି କ୍ଷେପଣାସ୍ତ୍ର ତାଙ୍କରି ମାର୍ଗଦର୍ଶନରେ ହିଁ ପରୀକ୍ଷଣ ହୋଇ ସମଗ୍ର ଭାରତରେ ପ୍ରତିରକ୍ଷା ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଚହଳ ଓ କୃତୀତ୍ୱ ସୃଷ୍ଟି କରିଥିଲା । ଏହା ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନର କାର୍ଯ୍ୟକ୍ରମରେ ବି ସେ ସାମିଲ ହୋଇ ଅନୁଷ୍ଠାନ ଓ ବିଦ୍ୟାର୍ଥୀଙ୍କ ଭିତରେ ପ୍ରେରଣାର ଶକ୍ତି ଯୋଗାଉଥିଲେ । କ୍ଷେପଣାସ୍ତ୍ର ନିର୍ମାଣ ଓ ଉତ୍‌କ୍ଷେପଣ ପ୍ରଯୁକ୍ତି ବିଦ୍ୟାର ବିକାଶରେ ଭାରତକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ତାଙ୍କ ଅବଦାନ ଅତୁଳନୀୟ । ବିଶ୍ୱର ସର୍ବଶ୍ରେଷ୍ଠ ପାଞ୍ଚଟି ଦେଶ ଭିତରେ ନିଜ ମାତୃଭୂମି ଭାରତକୁ ସମକକ୍ଷ କରିବା ପାଇଁ ସେ ନିଜ ଦେଶ ପ୍ରତି ଯେଉଁପରି ଅଙ୍ଗୀକାରବଦ୍ଧତା ଓ ଉତ୍ସର୍ଗୀକୃତ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ସେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ମିଜାଇଲ୍ ମ୍ୟାନ୍ ନାମ ଭାବରେ ପରିଚିତ । ତାମିଲନାଡୁର ରାମନାଥପୁରମ୍ ଅନ୍ତର୍ଗତ ରାମେଶ୍ୱରମ୍‌ରେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ପିଲାଟି ବେଳୁ ପାଠ ପ୍ରତି ଥିଲା ତାଙ୍କର ଅଧ୍ୟବସାୟ । ସେ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ପୃଥିବୀର ଶୀର୍ଷସ୍ତରରେ ଥିବା ତିରିଶଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଛନ୍ତି । ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ବିଭୂଷିତ ହୋଇଥିଲେ । ତାଙ୍କ ଆଦର୍ଶ ଓ ପରମ ଜୀବନରେ ଅନୁପ୍ରାଣୀତ ହୋଇ ତାଙ୍କର ୭୯ତମ ଜନ୍ମ ଦିନକୁ ଜାତିସଂଘ ପକ୍ଷରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରିବାକୁ ଘୋଷିତ ହୋଇଥିଲା । ଭାରତକୁ ୨୦୨୦ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ରାଷ୍ଟ୍ରପତି ଥିବା ସମୟରେ ଏକ ସ୍ୱତନ୍ତ୍ର ଯୋଜନା ଚିନ୍ତନ କରିଥିଲେ । ସେ ଏକଦା ଏକ ଅଭିଭାଷଣରେ କହିଥିଲେ - 'ଦେଶକୁ ଦୁର୍ନୀତି ମୁକ୍ତ ଏବଂ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଅନୁଭବ କରୁଛି । ସେମାନେ ହେଲେ ବାପା, ମାଆ ଓ ଶିକ୍ଷକ ।' ଏହି ଅତୁଳନୀୟ ଅମାୟିକ ବ୍ୟକ୍ତିତ୍ୱ ଯାହାଙ୍କର ବିଶାଳ ଓ ବ୍ୟାପକ ଜୀବନଯାତ୍ରା ସ୍ୱପ୍ନ ଓ ସମ୍ଭାବନାରେ ଭରି ରହିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଥିଲେ । ଏହି ଅମଳୀନ ବ୍ୟକ୍ତିତ୍ୱଙ୍କ ଚିନ୍ତନକୁ ସାକାର କରିବା ପାଇଁ ଛାତ୍ରଛାତ୍ରୀ, ବିଦ୍ୟାର୍ଥୀମାନେ ନିଜ ଜୀବନକୁ କର୍ମମୟ କରିପାରିଲେ ତାହା ହିଁ ହେବ ସେପରି ଅତୁଳନୀୟ ବ୍ୟକ୍ତିତ୍ୱଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ । ଆଜି ତାଙ୍କ ସ୍ମରଣୀୟ ଜନ୍ମଦିବସରେ ତାଙ୍କ ଚିନ୍ତନକୁ ଆମେ ସମସ୍ତେ ସାକାର କରିବା ପାଇଁ ନିଜର ପ୍ରତିଟି ମୁହୂର୍ତ୍ତକୁ ଉତ୍ସର୍ଗୀକୃତ କରିପାରିଲେ ତାହା ହେବ ତାଙ୍କ ଜନ୍ମତିଥି ପାଇଁ ଶ୍ରେଷ୍ଠ ଶ୍ରଦ୍ଧା ସୁମନ ।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ: ୯୪୩୭୧୬୩୫୨୮






## ଆତଙ୍କର ଉଗ୍ରରୂପ

### ଡ଼ଃ ବେଣୁଧର ସୂତାର

ମାନବ ଜାତିର ଅନ୍ତର ବେଦନା
ନୈରାଶ୍ୟର ଆର୍ତ୍ତନାଦ
ମିଥ୍ୟା ଆଦର୍ଶରେ
ଭ୍ରଷ୍ଟ ଏ ସମାଜ
କୁଟିଳ ବୈଷମ୍ୟବାଦ ॥
ବିଳାସ ବାଦର ନଗ୍ନ ଚିତ୍ର ଏଠି
ଅପସଂସ୍କୃତିରେ ମନ
ବିଧ୍ୱଂସ ପଥରେ ସୁସ୍ଥ ଏ ସମାଜ
ନ୍ୟାୟ ଧର୍ମ ସମ୍ବିଧାନ ॥
ନୀତିର ନାମରେ ଚାଲିଛି ଧରାରେ
ବିପୁଳ ଶୋଷଣ କଳା
ବିଶ୍ୱାସର ମୂଳେ
ଭରା ବିଷ ଏଠି
ବଢାଏ ଜୀବନ ଜ୍ୱାଳା ॥
ଅର୍ଥ ପିପାସୁ କ୍ଷମତା ପାଗଳ
ତକ୍ଷକ ଗୁପ୍ତ ଘାତି
ରକ୍ତ ଲୋଲୁପୀ ନର ରାକ୍ଷସେ
ସନ୍ତ୍ରାସବାଦରେ ମାତି ॥
ବିବସନା ହୁଏ ଦ୍ରୌପଦୀ ଏଠି
ଧର୍ଷିତା ହୁଅଇ ମାଆ
ଅସତ୍ୟର ଘନ ଅନ୍ଧାର ତଳୁ
ସତ୍ୟ ଖୋଜୁଅଛି ରାହା
ମାଟି ଦୀପ ଠାରୁ ମହାଦ୍ୱୀପ ଯାଏ
ଅଧର୍ମର ପଟୁଆର
ମହା ଶିଖରରୁ ମହୋଦଧି ବ୍ୟାପି
ବେଦନାର ଅନ୍ତଃସ୍ୱର ॥
ମହାପ୍ରଳୟର ଧ୍ୱାନ୍ତ ପଥରେ
ସଂତ୍ରାସବାଦର ବୋମା
ମରଣ ଆତଙ୍କେ ମାନବ ବାଦଟା
ସାଜିଅଛି ଆଜି କୋମା ॥
ଜାଗିଉଠ ଆରେ ସୁପ୍ତ ମାନବ
ଜାଗହେ ଦୁର୍ଜୟ ବୀର
ରାକ୍ଷସ ମାନଙ୍କ ବକ୍ଷ ବିଦାରି
ଛୁଟାଅ ରକ୍ତ ଧାର ॥
ସତେ କି ଜନନୀ ତ୍ରୀଶୂଳ ତୋହର
ବକ୍ଷ ଭେଦିବ ପୁଣି
ଖଣ୍ଡା ଖର୍ପରେ ଦୁଷ୍ଟ ଦନୁଜେ
ଦୁର୍ବାରେ ଯିବୁ ହାଣି ॥
ସାଜ କାତ୍ୟାୟନୀ ଧ୍ୱଂସ କାରିଣୀ
ଦଶ ପ୍ରହରଣ ନେଇ
ଦୁଷ୍ଟ ଆତଙ୍କ ଦର୍ପ ଦଳନେ
ଉଶ୍ୱାସ କର ମା, ମହୀ ॥
ପ୍ରାଚୀ ଲଲାଟରେ ଲଲାମ ଆଭାରେ
ହେଉ ପୁଣ୍ୟ ସୂର୍ଯ୍ୟୋଦୟ
ଦୁସ୍ଥ ମାନବର ଅନ୍ତର ତଳେ
ଭରିଦିଅ ବରାଭୟ ॥
ନିଖିଳ ମାନସେ ବିଶ୍ୱାସର ବିଶ୍ୱେ
ଧର୍ମ କର ସଂସ୍ଥାପନା
ଆସ ମା, ପାବନୀ ସତ୍ୟ ସନାତନୀ
ଘେନ ପୂତ ନିରାଜନା ॥

ଞଞଞଞଞଞଞଞଞଞଞଞଞଞଞଞଞ

+କେଶଦୁରାପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

## କୁଷ୍ମାଣ୍ଡା

### ଡ. ଶୁଭେନ୍ଦୁ ମେହେର

କୋଟି ସୂର୍ଯ୍ୟ ପ୍ରଭାମୟୀ ସ୍ନେହମୟୀ ଶକ୍ତିରୂପା କଲ୍ୟାଣୀ ଗୋ କୁଷ୍ମାଣ୍ଡା ଜନନୀ,
ଶୂନ୍ୟମୟ କଳ୍ପପଟେ ମନ୍ଦହାସ ଛଟା ଢାଳି ରଚିଲ ଏ ରମ୍ୟା ଚାରୁ ମେଦିନୀ ।
ଭାନୁମଣ୍ଡଳ ବିହାରୀ ତେଜୋମୟୀ ଭାସ୍ୱତୀ ଗୋ ସୁଧାମୟୀ ସୃଷ୍ଟିର ସଙ୍ଗୀତ,
ମଧୁର ଆଲୋକେ ତୁମେ ବିକଶିତ କରୁଅଛ ଦିଗବିଦିଗ ସଦା ପ୍ରେମାନ୍ୱିତ ।

ଅଷ୍ଟଭୁଜେ ରଞ୍ଜିତ ଗୋ ଚାରୁ ଧନୁ ଶର ପଦ୍ମ ପୀୟୂଷର ସୁବର୍ଣ୍ଣ କଳସ,
କମଣ୍ଡଳୁ ଗଦା ଶଙ୍ଖ ଚକ୍ରଧାରୀ ମାତା ତୁମେ ଶାନ୍ତ କର ଏ ଜନ ମାନସ ।
ସର୍ବସିଦ୍ଧି ଜପମାଳା ସୁଶୋଭିତ ବାମ ହସ୍ତେ ଶରଣ ଦେଇଣ କର ମଙ୍ଗଳ,
ଶାରଦୀୟ ସୁପବିତ୍ର ଚତୁର୍ଥୀ ତିଥିରେ ଜଳେ ଭକ୍ତିଭରା ହୃଦର ପ୍ରଦୀପ ।

ଅଙ୍ଗ ସୁଷମାରେ ତୁମ ନିଖିଳ ଜଗତ ଆଭା ଲଭଇ ଗୋ ପ୍ରେମ ଦିବ୍ୟ ଶକ୍ତି,
ପାଦପଦ୍ମ ଶରଣରେ ଆଶ୍ରୟ ପାଇ ଶୁଝଇ ଜୀବନର ସକଳ ପ୍ରକୃତି ।
ଆୟୁ ଯଶ ବଳ ସ୍ୱାସ୍ଥ୍ୟ ଅମୃତ ଆଶିଷ ଦେଇ ଧନ୍ୟ କର ଦୀନ ମର୍ତ୍ତ୍ୟ ପ୍ରାଣୀ,
ଭବଭୟ ହରି ସଦା କୋଳେ ତୁମେ ସ୍ନେହେ ରଖ ବିଶ୍ୱବ୍ୟାପୀ ଜଗତ କଲ୍ୟାଣୀ ।

ଶୁଦ୍ଧ ଅନୁରାଗେ ଯିଏ ଚରଣେ ଅର୍ପଇ ପ୍ରୀତି ପାତକ ତା' କରିଦିଅ କ୍ଷୟ,
କୁଷ୍ମାଣ୍ଡା ମାତା ଗୋ ତୁମ ସ୍ମରଣ ମାତ୍ରକେ ଦିଏ ଜୀବନକୁ ପରମ ଆଶ୍ରୟ ।।

+ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

# ପ୍ରଥମ ପିଲାକୁ ଗୁରୁତ୍ୱ ଦିଅନ୍ତୁ

**ଅନୁପମା ଭୂୟାଁ**





ଘରେ ସମସ୍ତେ ଖୁସିରେ ଥିଲେ, ସମସ୍ତ ବନ୍ଧୁବାନ୍ଧବ ବି ଆସିଥିଲେ। ନୂଆ ଜନ୍ମ ହୋଇଥିବା ଝିଅ ଅମୃତାକୁ ସମସ୍ତେ ଗେହ୍ଲା କରିବା ସହ ଆର୍ଶୀବାଦ ଦେଉଛନ୍ତି । କିନ୍ତୁ ଅନୁପମାଙ୍କ ନଜରରେ ଆସିଲା ତାଙ୍କ ପାଞ୍ଚ ବର୍ଷର ପୁଅ ହୈମବତୀ କବାଟ କୋଣରେ ଛିଡ଼ା ହୋଇ କାନ୍ଦୁଛି । ମା'ଅନୁପମା ଏହା ଦେଖି ତାକୁ ପାଖକୁ ଡାକିବାରୁ ସେ ପାଖକୁ ନଆସି ଅନ୍ୟ ଏକ ରୁମ୍ ପଳାଇଲା । ଏହା ଦେଖି ଅନୁପମା ଆଶ୍ଚର୍ଯ୍ୟ ହେଲେ ଏବଂ ହୈମବତୀ କ'ଣ ହୋଇଛି ବୁଝିପାରିଲେନି, ତାଙ୍କ ସ୍ୱାମୀଙ୍କୁ ଏହି ବାବଦରେ ଜଣାଇବାରୁ ସ୍ୱାମୀ ମଧ ଏକଥାରେ କିଛି ଗୁରୁତ୍ୱ ଦେଲେ ନାହିଁ । ହୈମବତୀ ନିଜକୁ ଅସୁରକ୍ଷିତ ଭାବିବା ସହିତ ତାକୁ କେହି ଭଲ ପାଉନାହାଁନ୍ତି, ସମସ୍ତେ ସାନ ଝିଅକୁ ଭଲ ପାଉଛନ୍ତି ବୋଲି ହୈମବତୀ ମନରେ ଆସିଲା, ସେ ଖାଇବା ପିଇବା ଛାଡ଼ି ଦେଲା। ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତରାୟ ଏହା ଉପରେ କୁହନ୍ତି, ଏପରି ପରିସ୍ଥିତି ସୃଷ୍ଟି ହେଲେ ପିଲା ନିଜକୁ ଏକୁଟିଆପଣ ଅନୁଭବ କରେ । ତେଣୁ ସବୁ ପିଲା ଚାହାଁନ୍ତି ତାଙ୍କ ସାନ ଭାଇ ଭଉଣୀ ପରି ତାକୁ ବି ସମସ୍ତେ ଭଲ ପାଆନ୍ତୁ। ନଚେତ ପ୍ରଥମ ସନ୍ତାନ ନିଜକୁ ଅସୁରକ୍ଷିତ ଭାବି ସମସ୍ତଙ୍କଠୁ ଦୂରେଇ ରୁହେ।

ଏହି କ୍ଷେତ୍ରରେ ମନେରଖନ୍ତୁ ସର୍ବପ୍ରଥମେ ସନ୍ତାନକୁ ଶିଶୁ ସହିତ ପରିଚିତ କରାନ୍ତୁ । ଯେତେବେଳେ ଶିଶୁ ଗର୍ଭରେ ଥାଏ, ସେତେବେଳେ ପ୍ରଥମ ସନ୍ତାନର ହାତକୁ ପେଟରେ ଲଗାଇ କୁହନ୍ତୁ, ତୋର ଛୋଟ ଭାଇ କିମ୍ବା ଭଉଣୀ ଆସୁଛି ବୋଲି। ଯଦି ଛୋଟ ସନ୍ତାନ ହେବା ସମୟରେ ବି ବଡ଼ ସନ୍ତାନ ସ୍ତନପାନ କରୁଥାଏ ତେବେ ଦୁଇଜଣଙ୍କୁ ସ୍ତନପାନ କରାନ୍ତୁ । ଅଧିକାଂଶ ସମୟରେ ଦେଖାଯାଏ, ବଡ଼ ସନ୍ତାନ ସାନ ସନ୍ତାନକୁ ମାରେ, ଏହି ସମୟରେ ମାତାପିତା ସାନ ଭାଇ କି ଭଉଣୀକୁ ନମାରିବା ପାଇଁ ବୁଝେଇବେ, କିନ୍ତୁ ବାଡ଼େଇବେ ନାହିଁ । ତାକୁ ବ୍ୟସ୍ତ ରଖିବାକୁ ଚେଷ୍ଟା କରନ୍ତୁ, ଯେପରି ଜୋତା ସାଇଜି କରି ରଖିବା, ବହି ସଜାଡ଼ି ରଖିବା ପରି କାମଗୁଡ଼ିକ କରାନ୍ତୁ । କାମ ସାରିବା ପରେ ତାକୁ ଧନ୍ୟବାଦ ଦେବା ପାଇଁ ଭୁଲିଯିବେ ନାହିଁ । ପିଲାଟି ଭୁଲ କରିଥିଲେ ତାକୁ ବାଡ଼େଇବା ପରିବର୍ତ୍ତେ ବୁଝାନ୍ତୁ, କାରଣ ବାଡ଼େଇବା ପରିବର୍ତ୍ତେ ବୁଝାଇବାରେ ପିଲାଙ୍କ ଉପରେ ବେଶୀ ପ୍ରଭାବ ପଡ଼ିଥାଏ । ପିଲାଟିକୁ ଉତ୍ସାହିତ କରିବା ପାଇଁ ତା'ମନରେ ପସନ୍ଦର ଜିନିଷ ବେଶୀ ବେଶୀ ଦିଅନ୍ତୁ । ସେ ଯେପରି ଜାଣି ପାରିବ ନୂଆ ସନ୍ତାନ ଆସିବା ପରେ ବି ତାକୁ ଆଗରୁ ଯେମିତି ଭଲ ପାଉଥିଲେ, ଏବେ ବି ସେମିତି ଭଲ ପାଉଛନ୍ତି । ଡାକ୍ତରଖାନାରେ ପ୍ରସବ ସମୟରେ ଯେପରି ବଡ଼ ସନ୍ତାନ ମା' ଓ ସାନ ଭାଇ କିମ୍ବା ଭଉଣୀକୁ ଭେଟି ପରିବାର ବ୍ୟବସ୍ଥା ଥିବ । ଯେତେବେଳେ ବଡ଼ ସନ୍ତାନ ଡାକ୍ତରଖାନାକୁ ଆସିଥାଏ ସେତେବେଳେ ସାନ ସନ୍ତାନଠାରେ ନଜର ନରଖି ବଡ଼ ସନ୍ତାନ ଗେହ୍ଲା କରନ୍ତୁ । ଯେପରି ସେ ଜାଣିପାରିବନି ତା'ପ୍ରତି ଭଲ ପାଇବା କମିଯାଇଛି ବୋଲି । ରୁମରେ ବଡ଼ ସନ୍ତାନର ଫଟୋ ଲଗାନ୍ତୁ, ସେ ବେଶୀ ଖୁସି ହେବ ।

ପାରିବାରିକ ଜୀବନ ଓ ପିଲାମାନଙ୍କ ହସଖୁସିର ସଂସାର ଭିତରେ ଜୁଆର ଓ ଭଟ୍ଟାତ ନିଶ୍ଚିତ ରହିଥାଏ। ଦେଖାଯାଉଛି ଅଧିକାଂଶ ପିତାମାତା ଦୁଇ ପିଲା ବା ଦୁଇରୁ ଅଧିକ ପିଲାଥିବା ପରିବାରରେ ପିଲାମାନଙ୍କ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣକୁ ବୁଝିବାକୁ ସମର୍ଥ ହୋଇନଥାନ୍ତି । ଏ କ୍ଷେତ୍ରରେ ପିଲାଟିର ମାନସିକ ଦୃଷ୍ଟିକୋଣ କ୍ଷତବିକ୍ଷତ ହୋଇଥାଏ ଯାହାକି ପରବର୍ତ୍ତୀ ସମୟରେ ଭରଣା କରିବା କଷ୍ଟକର ହୋଇପଡ଼ିଥାଏ ବୋଲି ମତ ଦିଅନ୍ତି ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ତଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ମାନସିକ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ନୀଳମାଧବ ରଥ । ତାଙ୍କ ମତରେ 'ପିଲାଟିର କଅଁଳ ମନ ସାନ ଭାଇଭଉଣୀ ପ୍ରତି ଶ୍ରଦ୍ଧାଶୀଳ ଓ ପ୍ରେମପୂର୍ଣ୍ଣ ଥିଲେ ବି ସେମାନଙ୍କୁ ମାନସିକ ପ୍ରେରଣା ଦେବା ମୁଖ୍ୟ ଦାୟିତ୍ୱ ବାପା ମା ଓ ତାହାର ଆଖପାଖର ସମସ୍ତ ପରିବାରର ସଦସ୍ୟମାନଙ୍କର । ଘରେ ଦୁଇଟି ପିଲାଙ୍କ ଭିତରେ ମାଆ ଠାରୁ କ୍ଷୀର ଖାଇବା ହେଉ କିମ୍ବା ଖେଳନାର ଭଙ୍ଗା ଗଢ଼ା କଥା, ବୟସ୍କ ଜେଜେବାପା ଜେଜେମା କିମ୍ବା ଅଜା ଆଇଙ୍କ ସ୍ନେହ ସାନ ପିଲାଟି ପ୍ରତି ବଢ଼ିଗଲେ ବଡ଼ପିଲାଟି ବୁଝିନପାରି ମନ ଉଣା କରିଥାଏ ବୋଲି ନିଜ ବ୍ୟକ୍ତିଗତ ଅନୁଭୂତି ବିଷୟରେ କୁହନ୍ତି ଶଙ୍କରପୁରର ଜୟନ୍ତୀ ଛାଟୋଇ । ପିଲାମାନଙ୍କୁ ସ୍ନେହ ଶ୍ରଦ୍ଧା ପ୍ରଦାନ କ୍ଷେତ୍ରରେ ବିଶିଷ୍ଟ ଜ୍ୟୋର୍ତିବିତ୍ ଅଜୟ କୁମାର ବେହେରାଙ୍କ ମତରେ 'ପ୍ରଥମ ପିଲାକୁ ତା'ର ଛୋଟ ଭାଇ ବା ଭଉଣୀକୁ ସ୍ନେହ ଦେବା ପାଇଁ ଶିକ୍ଷା ଦିଅନ୍ତି। କାରଣ ସେହି ଅମୃତର ଶିଶୁଟି ଜାଣିନଥାଏ ଯେ ତାର ସାନ ଭାଇଟି ହିଁ ଗୋଟିଏ ରକ୍ତର ସୃଷ୍ଟି । ତେବେ ଏ କ୍ଷେତ୍ରରେ ଦୁଇ ଜଣଙ୍କ ପ୍ରତି ସମାନ ସ୍ନେହଶ୍ରଦ୍ଧାବୋଧ ଦେବା ଦାୟିତ୍ୱ ବାପମାଆଙ୍କ ସହିତ ପିଲାଟି ପାଖରେ ରହୁଥିବା ସମସ୍ତଙ୍କର' । ଘରେ ଖୁବ୍ କମ୍ ବ୍ୟବଧାନରେ ଦୁଇରୁ ଅଧିକ ପିଲା ଥିଲେ ଜଞ୍ଜାଳ ବଢ଼ିବା ସହିତ ପିଲାମାନଙ୍କ ଭିତରେ ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଶିକ୍ଷା ଦେବା ନିହାତି ଜରୁରୀ। ପିଲାମାନଙ୍କୁ କୁହାଯାଏ ସେମାନେ ଦେବଶିଶୁ। ସେମାନେ ହେଉଛନ୍ତି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ସୌନ୍ଦର୍ଯ୍ୟତମ ଫୁଲ କଢ଼ି । ବାଲ୍ୟତ ବୟସରୁ ସେମାନଙ୍କ ଭିତରେ ମାନବୀୟ ମୂଲ୍ୟବୋଧ ଶିକ୍ଷା ନିହାତି ଜରୁରୀ । କାରଣ ସାନ ଭାଇଭଉଣୀଙ୍କୁ ଭଲ ପାଇବା, ସ୍ନେହ କରିବା, ସେମାନଙ୍କ ସ୍ନେହ ଶ୍ରଦ୍ଧାକୁ ବୁଝିପାରିବାର ଶିକ୍ଷା ପରବର୍ତ୍ତୀ ସମୟରେ ଭଲ ମଣିଷ ହେବା ପାଇଁ ଦିବ୍ୟପଥକୁ ପ୍ରଶସ୍ତ କରିଥାଏ ବୋଲି ମତ ରଖନ୍ତି ଶ୍ରୀ ସତ୍ୟସାଇ ବାଳବିକାଶର ଅନ୍ୟତମ ମୁଖ୍ୟ ମାର୍ଗଦର୍ଶକ ଡକ୍ଟର ଭି.ପୃଥ୍ୱୀରାଜ। ପିଲାଟିର ବୌଦ୍ଧିକ, ମାନସିକ ଓ ଶାରୀରିକ ବିକାଶରେ ବଡ଼ ଭାଇଭଉଣୀଙ୍କ ସ୍ନେହ ଶ୍ରଦ୍ଧାର ବଡ଼ ଭୂମିକା ରହିଛି । ତେଲ ଲୁଣ ଓ କର୍ମବ୍ୟସ୍ତର ଜଞ୍ଜାଳ ଭିତରେ ପିଲାମାନଙ୍କ ପାଇଁ ବ୍ୟସ୍ତତା ଗୁରୁତର ପ୍ରଭାବ ପକାଇଥାଏ । ଦୁଇ ପିଲାଙ୍କ ଭିତରେ ସ୍ନେହ ଶ୍ରଦ୍ଧାକୁ ବୁଝାଇବା ଓ ସେମାନଙ୍କ ଭିତରେ ଭଲ ପାଇବାର ଫଲଗୁ ସୃଷ୍ଟି କରିବାର ଦାୟିତ୍ୱ ସମସ୍ତଙ୍କର। ଦେଖିବେ ଆପଣଙ୍କର ଦିବ୍ୟ ଓ ପ୍ରେମପୂର୍ଣ୍ଣ ସଂସାରର ବଗିଚାର କୁନି କଳିକାମାନେ ସୁଖ ଓ ଶାନ୍ତିକୁ ଚିହ୍ନପାରିବେ।

+ 'ସାଇବିଥି' ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ

# ପୁରୀଧାମର ତାତ୍ପର୍ଯ୍ୟ

**ଅନୀତା ପଟ୍ଟନାୟକ**



ଥରେ ଚାରି ଜଣବନ୍ଧୁ ବହୁତ ଦିନ ପରେ ଏକାଠି ହୋଇ ପୁରୀ ଯାତ୍ରା କଲେ। ପ୍ରଥମ ବନ୍ଧୁର ନାମ ପ୍ରଥମ ଅକ୍ଷର ଥିଲା ପି ତାକୁ ସମସ୍ତେ ପାୱାର ବା ଶକ୍ତି ବୋଲି ଡାକୁଥିଲେ। ସେହିପରି ଦ୍ୱିତୀୟ ବନ୍ଧୁର ନାମର ପ୍ରଥମ ଅକ୍ଷର ଥିଲା ପି। ତାକୁ ସମସ୍ତେ ପ୍ଲେଫ ବା ସମ୍ପଦ ବୋଲି ଡାକୁଥିଲେ। ସେହିପରି ତୃତୀୟ ବନ୍ଧୁର ନାମର ପ୍ରଥମ ଅକ୍ଷର ମଧ ଥିଲା ପି। ତାକୁ ସମସ୍ତେ ପ୍ରେଷ୍ଟିଜ ବା ସମ୍ମାନ ବୋଲି ଡାକୁଥିଲେ। ସେହିପରି ଚତୁର୍ଥ ବନ୍ଧୁର ନାମର ପ୍ରଥମ ଅକ୍ଷର ମଧ ପି ଥିଲା। ତାକୁ ସମସ୍ତେ ପୋଜିସନ ବା ପଦବୀ ବୋଲି ଡାକୁଥିଲେ। ପ୍ରତ୍ୟେକଙ୍କର ନାମ ପିରେ ଆରମ୍ଭ ହୋଇଥିବାରୁ ଚାରି ଜଣଙ୍କର ମଧ୍ୟରେ ଅନ୍ତରଙ୍ଗ ବନ୍ଧୁତା ଥିଲା।

ପ୍ରଥମ ପି ବା ଶକ୍ତି କହିଲା ମତେ ପୁରୀ ଯିବାକୁ ଭଲ ଲାଗେ। କାରଣ ଭଗବାନ ପ୍ରଭୁ ଜଗନ୍ନାଥ ତୈଳବୀଜରେ ଥିବା ତୈଳସମ। ଦ୍ୱିତୀୟ ପି କହିଲା ମତେ ବି ଲାଗେ ମୋର ପ୍ରଭୁ ଜଗନ୍ନାଥ ଦୁଗ୍ଧରେ ଘୃତ ସମ। ତୃତୀୟ ପି ପ୍ରେଷ୍ଟିଜ କହିଲା ମୋର ପ୍ରଭୁ ଜଗନ୍ନାଥ ପୁଷ୍ପରେ ଥିବା ସୁବାସ ସମ ଓ ଫଳ ମଧ୍ୟରେ ମିଠାରସ ସଦୃଶ। ଏଥର ଚତୁର୍ଥ ପି ବା ପୋଜିସନ କହିଲା ମୋର ପ୍ରଭୁ ଜଗନ୍ନାଥ କାଠ ମଧ୍ୟରେ ଅଗ୍ନି ସଦୃଶ ଓ ଜଗତରେ ପରିବ୍ୟାପ୍ତ। ସୃଷ୍ଟି ହିଁ ଜଗନ୍ନାଥଙ୍କର ଅଭିବ୍ୟକ୍ତି। ତେଣୁ ସେ ହିଁ ପ୍ରକୃତି ଓ ଆମେ ତାଙ୍କର ଉତ୍ତରାଧିକାରୀ। ସେହି ଚାରି ଜଣ ଟ୍ରେନରେ ଯାତ୍ରା କରୁଥିବା ସମୟରେ ଆଉ ଛଅ ଜଣ ଦାର୍ଶନିକ ସହ ସେମାନଙ୍କ ବନ୍ଧୁତା ହେଲା। ସେ ଛଅ ଜଣ ମଧ ପୁରୀ ଯାତ୍ରା କରୁଥିଲେ।



ପ୍ରଥମ ପି (ପାୱାର) କହିଲା ବନ୍ଧୁମାନେ ଆମେ ସମସ୍ତେ ପୁରୀ ଯାଉଛେ କିନ୍ତୁ ମୋ ମତରେ ପୁରୀର ପ୍ରକୃତ ଅର୍ଥ ହେଉଛି ପି - ପିୟୁରିଟି ଯାହା ପବିତ୍ରାର ଚିହ୍ନ। ୟୁ - ୟୁନିଟ ବା ଏକତ୍ୱ ବୋଧ, ଆର - ରିଲିଜିଅସ୍ ବା ଧାର୍ମିକ ଚିହ୍ନ, ଆଇ - ଇଣ୍ଟରଗିଟି ବା ସଂହତିର ଚିହ୍ନ। ତେଣୁ ମୋ ମତରେ ପୁରୀ ହେଉଛି ପବିତ୍ରତା, ଏକତ୍ୱବୋଧ, ଧାର୍ମିକ ଓ ସଂହତିର ଚିହ୍ନ।

ଦ୍ୱିତୀୟ ପି (ପ୍ଲିଫ) କହିଲା ମୋ ପାଇଁ ପୁରୀ ହେଉଛି - ପି- ପ୍ରେସିୟସ ବା ମୂଲ୍ୟବାନ, ୟୁ - ୟୁନିକ ବା ଅଦ୍ୱିତୀୟ, ଆର - ରେସପକ୍ଟଫୁଲ ବା ସମ୍ମାନନୀୟ, ଆଇ - ଇନସ୍ପାଇରିଙ୍ଗ ବା ଉତ୍ସାହଜନ। ତେଣୁ ପୁରୀ ମୋ ପାଇଁ ମୂଲ୍ୟବାନ, ଅଦ୍ୱିତୀୟ, ସମ୍ମାନୀୟ ଓ ଉତ୍ସାହଜନ।

ତୃତୀୟ ବନ୍ଧୁ ପି ବା ପ୍ରେଷ୍ଟିଜ କହିଲା ପୁରୀ ମୋ ପାଇଁ - ପି - ପ୍ରେୟାର ବା ପ୍ରାର୍ଥନା, ୟୁ - ଅଲଟିମେଟ ବା କଳ୍ପନାର ସର୍ବୋତ୍ତମ, ଆର - ରେଭରେନ୍ସ ବା ଭକ୍ତି ଶ୍ରଦ୍ଧା, ଆଇ - ଇନୋଭେଟିଭି ବା ନୂତନ। ତେଣୁ ପୁରୀ ମୋ ପାଇଁ ପ୍ରାର୍ଥନା, କଳ୍ପନାର ସର୍ବୋତ୍ତମ, ଭକ୍ତି ଶ୍ରଦ୍ଧା ଓ ନୂତନ।

ଚତୁର୍ଥ ପି (ପୋଜିସନ) କହିଲା - ପୁରୀ ମୋ ପାଇଁ - ପି - ପ୍ରୋଟେକ୍ଟର ବା ରକ୍ଷାକାରୀ, ୟୁ - ଅନଲିମିଟେଡ ବା ଅସୀମ, ଆର - ରିୱାଡ଼ିଂ ବା ପ୍ରଦାନକାରୀ, ଆଇ - ଇଲିଷ୍ଟୋରିଅସ୍ ବା ଯଶସ୍ୱୀ। ତେଣୁ ପୁରୀ ମୋ ପାଇଁ ରକ୍ଷାକାରୀ, ଅସୀମ, ଉତ୍ତମ ଫଳ ପ୍ରଦାନକାରୀ ଓ ଯଶସ୍ୱୀ।

ଏହି ପରି କଥୋପକଥନ ଚାଲୁଥିବା ବେଳେ ଚାରି ବନ୍ଧୁ ଓ ଛଅ ଦାର୍ଶନିକ ଏକ ଧକ୍କା ଅନୁଭବ କଲେ। ପୁରୀ ରେଳ ଷ୍ଟେସନ ଆସିଯାଇଥିଲା। ଜଗନ୍ନାଥଙ୍କ ଦର୍ଶନ ପାଇଁ ବିଭୋର ହୋଇ ସେମାନେ ଓହ୍ଲାଇ ପଡ଼ିଲେ। ଓହ୍ଲାଇଯିବା ପୂର୍ବରୁ ଛଅ ଦାର୍ଶନିକ, ଚାରି ପି ଙ୍କୁ କହିଲେ ଜଗନ୍ନାଥଙ୍କ କୃପାରୁ ଯଦି ଆପଣମାନଙ୍କ ସହ ଦେଖାହୁଏ ତେବେ ଆମେ ମଧ ପୁରୀ ଶବ୍ଦର ରହସ୍ୟ ଆପଣ ମାନଙ୍କୁ କହିବୁ।

ବଟ ଗଣେଶ ନିକଟରେ ଯେପରି ଶ୍ରୀଚୈତନ୍ୟ ଓ ଅତିବଡ଼ି ଜଗନ୍ନାଥ ଦାସଙ୍କର ମିଳନ ହୋଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କ ପ୍ରେମରେ ଉଭୟ ବିଭୋର ଥିଲେ। କିନ୍ତୁ ଅଲଗା ଅଲଗା ହୋଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କରିଥିଲେ। ସେହିପରି ଏହି ଚାରି ବନ୍ଧୁ ଓ ଛଅ ଦାର୍ଶନିକ ଟ୍ରେନରେ ମିତ୍ରତା ହୋଇଥିଲେ ମଧ ଜଗନ୍ନାଥଙ୍କ ପ୍ରେମରେ, ସମୟର କାଳଚକ୍ରରେ, ଅଲଗା ହୋଇଥିଲେ ଦାର୍ଶନିକଙ୍କର ପୁରୀ ସମ୍ବନ୍ଧରେ ସେମାନଙ୍କର ଅଭିବ୍ୟକ୍ତ ପରେ ଜାଣିବା।

+ ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬

# ମୁଁ ରେ ହଜିଯାଏ ମୁଁତ୍ୱ

**ଶୁଭଦର୍ଶିନୀ ଦାଶ**





'ମୁଁ' ଓ 'ମୋର' ସୃଷ୍ଟିହୁଏ,'ମୋ' ଠାରେ, ଛଡାଇନିଏ ମୋଠାରୁ 'ମୁଁତ୍ୱ' ମୋହରି ତୁଣ୍ଡର ସାହାରା ନେଇ । ନେଇଯାଏ ମୋତେ କେଉଁ ଏକ ଅଜଣା ରାଇଜକୁ ଯେଉଁଠି ଖାଲି ଅହଂରେ ସଜିତ 'ମୁଁ' ଏକା ବାସ୍, ଆଉକେହି ନାହିଁ ।

'ମୁଁ' ଶବ୍ଦଟି କୌଣସି କ୍ଷେତ୍ରରେ ନିଜକୁ ପରିଚିତ କରିବା ପର୍ଯ୍ୟନ୍ତ ଠିକ ଅଛି । ଯେମିତି ମୁଁ ଅମୁକ କି ସମୁକ,ମାତ୍ର ଯେଉଁଠି 'ମୁଁ' କୁ ନେଇ ଅହଂ ଭାବ ଆସିଯାଏ ସେଇଠି କଥା ସରିଯାଏ । ମଣିଷ ନିଜକୁ ଭାବିନିଏ ସମାଜର ସର୍ବଶ୍ରେଷ୍ଠ, ନା କହାପ୍ରତି ଭୟ, ନା କାହାପ୍ରତି ସ୍ନେହ, ସବୁ ସମ୍ପର୍କ ଅଟକିଯାଏ ସେଇଠି । ସେଇ ମୁଁ ଦୁରେଇ ଦିଏ ନିଜକୁ ମଣିଷପଣିଆ ଠାରୁ ଓ ସମାଜଠାରୁ ।

କଥାଟାକୁ ଟିକେ ସ୍ୱଷ୍ଟ ଭାବରେ କହିବାକୁ ଗଲେ ମନୁଷ୍ୟ ହେଉଛି ଗୋଟେ ସାମାଜିକ ପ୍ରାଣୀ। ଏକଥାକୁ ପ୍ରଥମତଃ ତାକୁ ମାନିନେବାକୁ ପଡିବ। ଜନ୍ମରୁ ଆୟୁଷ ଥିବାଯାଏଁ ପ୍ରତିଟି କ୍ଷେତ୍ରରେ ନିର୍ଭର କରିଥାଏ ବାପା, ମା', ପାରିପାର୍ଶ୍ୱିକ ପରିସ୍ଥିତି, ସମାଜ ଓ ଏପରି ଅନେକଙ୍କ ଉପରେ । ସମାଜକୁ ନେଇ ଚଳିବା କିମ୍ବା ସମାଜ ପାଇଁ କିଛି କରିବାର ମନୋଭାବ ଯେ ପର୍ଯ୍ୟନ୍ତ ତା ମନରେ ଉଙ୍କି ମାରୁଥିବ ସେତେବେଳ ଯାଏଁ ଅହଂର ମୁଁ ସ୍ୱର୍ଶ କରି ପାରିରେ ନାହିଁ । ମୁଁ କେବଳ ମୁଁ ମାନେ ମଣିଷ ମଣିଷପଣିଆରେ ସଜ୍ଜିତ ହୋଇ ରହେ।

'ମୋର' ଶବ୍ଦଟିର ଦୁଇଟି ଅର୍ଥ ବୁଝିବାକୁ ହୁଏ, ଗୋଟିଏ ଆମକୁ ସମାଜ, ପରିବାର, ଦେଶ ସହ ବାନ୍ଧି ରଖେ ଯେପରି ମୋର ବାପା, ମୋର ଗାଁ, ମୋର ପଡିଶା, ମୋର ଦେଶ ଇତ୍ୟାଦି। ଏଇ ଭାବନା ଯେତେବେଳେ ଯାଏଁ ମନରେ ରହେ ମନକୁ ବାନ୍ଧିରଖେ ସ୍ନେହଁ, ମମତା, ଦାଇତ୍ୱ, କର୍ତ୍ତବ୍ୟର ବନ୍ଧନରେ । ତାହାହିଁ ଅଜାଣତରେ ଆଶୀର୍ବାଦ ହୋଇଯାଏ। ସେଇ ବନ୍ଧନ ହିଁ ସାଜେ ଦୃଢ ଆତ୍ମବଳ । ଭିଡିନିଏ ଭଲ କର୍ମ ଆଡକୁ । ମାତ୍ର ଯେତେବେଳେ 'ମୋର' ଭାବରେ ଆସିଯାଏ ନିଜକୁ ବଡ଼ିମାରେ ସଜାଇବାର ଶବ୍ଦ ହୋଇ ସେତେବେଳ ସମ୍ପର୍କ, ଜ୍ଞାନ,ସମାଜ ସବୁକିଛି ମୂଲ୍ୟହୀନ ପାଲଟି ଯାଏ । ମଣିଷ ସମ୍ପୂର୍ଣ ଗୋଟିଏ ବସ୍ତୁବାଦୀ ଦୁନିଆରେ ନିଜକୁ ସାମିଲ କରି ଚାଲେ। ମନ ସୃଷ୍ଟିକରେ ଅହଂର ଚାଦର, ସେଥିରେ ସମ୍ପୂର୍ଣ ଘୋଡେଇ ରଖେ ହୃଦୟକୁ । ହୃଦୟ ଭଲ ମନ୍ଦର ବିଚାର କରିପାରେ ନାହିଁ, ଯାହାଦ୍ୱାରା କ୍ଷତି ହୋଇଥାଏ କେବଳ ନିଜର, ଅହଂର ମାୟା ଜାଲରେ ଛନ୍ଦି ହୋଇ ମଣିଷ କରିଚାଲେ ଭୁଲ। ଆଉ ଏହି ଭୁଲର ତାଲିକା ଯେତେ ଲମ୍ବି ଚାଲେ ମନୁଷ୍ୟ ସେତେ ଅବନତିର ନିକଟତର ହୋଇଚାଲେ। ଅହଂର 'ମୁଁ' ଆଉ 'ମୋର' ମାୟାଜାଲରେ ମଣିଷ ଯେତେବେଳେ ଛନ୍ଦି ହୋଇଯାଏ ନିଜକୁ ସର୍ବଜ୍ଞ, ସର୍ବଶକ୍ତିମାନର ପ୍ରଣାମ ଦେବାକୁ ଯାଇ ସାହାଯ୍ୟ ନେଇଥାଏ ନିଜ 'ତୁଣ୍ଡ' ର । କାରଣ 'ମୁଁ' ଆଉ 'ମୋର' ଏକ ଏକ ଭାବନା ପ୍ରକାଶର ମାଧ୍ୟମ ସାଜେ ନିଜର 'ତୁଣ୍ଡ',ମାନେ ତାର କଥାବାର୍ତ୍ତାର ଶୈଳୀ। ସାଧାରଣରେ କହିବାକୁ ଗଲେ ଛାଟରୁ ବେଶି କଷ୍ଟଦାୟକ ତୁଣ୍ଡରୁ କାହା ପ୍ରତି ଆବୃତ ହେଉଥିବା ଅସ୍ୱାଭାବିକ ଉକ୍ତି । ଛାଟ ଦେହରେ ବଜେ ଆଉ ଉକ୍ତି ହୃଦୟରେ । ଛିନ୍ନ କରିଦିଏ ସବୁ ସମ୍ପର୍କର ସେତୁ । ଭୁଲିବାକୁ ବାଧ କରିଦିଏ ତାର ପୁରୁଣା ପରିଚୟକୁ । ଅହଂର 'ମୁଁ' ରେ ହଜି ଯାଏ ମୁଁତ୍ୱ ।

ନିଜର ତୁଣ୍ଡ ହିଁ ଛିଡା ହୁଏ ନିଜର ବଡ ଶତୃଟିଏ ହୋଇ ।

+ ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

# ମାଆ ଆସିଲେଣି ପରା

**ଗୌରୀ ମେହେର**



ଏ ମର୍ତ୍ତ୍ୟ ମଣ୍ଡଳେ ସ୍ୱର୍ଗ ର ବାସ ଚହଟୁଛି,
ମାଟି, ପାଣୀ,ପବନ ଚନ୍ଦନ ଚନ୍ଦନ ମହକୁଛି,
କେତେ ଦିନ ପରେ ଆଜି ଖିଲିଖିଲି ହସୁଛି ଏ ଧରା,
ମାଆ ଆସିଲେଣି ପରା ।

ଟିକି ଝରଣା ବି କୁଳୁକୁଳୁ ନାଦେ ଗୀତ ଗାଉଛି,
ପାହାଡ,ପର୍ବତ ସୁଗନ୍ଧିତ ଫୁଲ ଅରପୁଛି,
କାଶତଣ୍ଡି ଖୁସିରେ ଚତୁର୍ଦ୍ଦିଗେ ପକାଉଛି ନାରା,
ମାଆ ଆସିଲେଣି ପରା ।

ଶେଫାଳୀ ତା ବାସ୍ନାରେ ସଭିଙ୍କୁ ବିମୋହିତ କରୁଛି,
ଗଙ୍ଗଶିଉଳି ତବ ପାଦ ସ୍ୱର୍ଶ ଲାଗି ଅନେଇ ବସିଛି,
ଉତ୍ ଫୁଲ୍ଲ,ଆନନ୍ଦିତ ଆଜି ଏ ଜଗତ ସାରା,
ମାଆ ଆସିଲେଣି ପରା ।

ନିର୍ମଳ ଆକାଶ ତଳେ ସବୁଜ ଶସ୍ୟ ଲହରୁଛି,
ଏ ପ୍ରକୃତି ଶୋଭା ଦେଖି ମନ ବିଭୋର ହେଉଛି,
ଢ଼ୋଲ୍,ବାଜା,ଶଙ୍ଖ,ଘଣ୍ଟ ନାଦେ କମ୍ପେ ବସୁନ୍ଧରା,
ମାଆ ଆସିଲେଣି ପରା ।

ହଟିଯିବ ମାଆ ଆଜି ଦୁଃଖ ଯାହାବି ଅଛି,
ତୋ ପଣତ ଛାଇ ଖାଲି ଏ ମନ ଖୋଜୁଛି,
ଅନୁକମ୍ପା କରି ମାତ ଦେଉଥିବୁ ଲୋ ଆସରା,
ମାଆ ଆସିଲେଣି ପରା
ମାଆ ଆସିଲେଣି ପରା ।

+ ଗମ୍ଭାରୀଗୁଡ଼ା, ନୂଆପଡ଼ା

# ଏମିତି ବି ହୁଏ

**ସରସ୍ୱତୀ ମେହେର**

ସାହାଜାହାନ୍‌ଙ୍କ ପ୍ରେମ ଏମିତି ଥିଲା
ବେଗମ୍ ମମତାଜ ପାଇଁ
ସେ କବରକୁ ତାଜ୍ ମହଲ କଲେ
ସବୁ ଦିନ ସ୍ମୃତି ରଖିବା ପାଇଁ ।
ଅନାରକଲି ନର୍ତ୍ତକୀ ହୋଇ ମଧ
ସଲିମକୁ ଭଲ ପାଇଲା
ସେହି ପାଇଁ ବୋଧେ ଯିଅନ୍ତା
କାନ୍ଥରେ ପୋତା ହୋଇଗଲା ।
ଜହ୍ନ ଆଉ କଇଁର ପ୍ରେମ ବି ଅଜବ
ନା କେବେ ଭେଟ ହୋଇ ପାରିବ
ତଥାପି କଇଁର ମନ ଜହ୍ନ ପାଖରେ
କଇଁକୁ ବା କିଏ ବୁଝାଇବ ।
ଫୁଲକୁ ପ୍ରଜାପତି ପସନ୍ଦ କରେ
ପ୍ରଜାପତି ଭଅଁରକୁ
କିନ୍ତୁ ଭଅଁର ଚାହୁଁଛି କୁସୁମ ମଞ୍ଜରି
ବିକି ଦେଇଛି ତା ମନକୁ ।
ପ୍ରେମ ପାଇଁ କିଏ ମରି ପରେ
ପ୍ରେମ କାହା ପାଇଁ ଖେଳନା
ପ୍ରେମରେ ଯଦି ସ୍ୱାର୍ଥ ରହିଛି
ଖୋଜି ବୁଲେ ସିଏ ବାହାନା ।
ପ୍ରେମ ଏକ ଅନୁଭୂତି ହୃଦୟର
ଲଗାଅନି ତାକୁ କଳଙ୍କ
ପ୍ରେମ ଯେ ଶାଶ୍ୱତ ପ୍ରେମ ସୁନ୍ଦର
ସ୍ନେହ ଆଉ ବିଶ୍ୱାସର ସିନ୍ଦୁକ ।

+ ଯୋଗିବାହାଲ,ସିନାପାଲି, ନୂଆପଡ଼ା

# ମାଟି

**ଶୁଭଶ୍ରୀ ଜେନା**

ବେଳେ ବେଳେ ଚିହ୍ନା ମୁହଁ ଅଚିହ୍ନା ଲାଗେ
ଆଉ ବେଳେ ବେଳେ ମୁହଁଟି
ପୁରା ଚିହ୍ନିଲା ଚିହ୍ନିଲା ଲାଗେ
ପେଟ ପୂରିଯାଏ, ମନ ଭରିଯାଏ।

ବେଳେ ବେଳେ ମଣିଷଟି ମଣିଷ ବୋଲି
ଚିହ୍ନିବାକୁ ଅମଙ୍ଗ ହୁଏ
ସେ ଗଗନରେ ଉଡ଼ିବୁଲେ
ମାଟିଠାରୁ ଢେର ଉପରେ।

ଭୁଲିଯାଏ—
ତଳେ ମାଟି ଉପରେ ଦିନେ ନା ଦିନେ
ଠିଆ ହେବାକୁ ପଡ଼ିବ
ବସିବାକୁ ପଡ଼ିବ, ଶୋଇବାକୁ ପଡ଼ିବ
ଆଉ ମାଟିରେ ମିଶିଯିବାକୁ ପଡ଼ିବ।

ମାଟିର ମଣିଷ ହୋଇ
ମାଟି ସଙ୍ଗେ ମାଟି ହୋଇ
ମାଟିକୁ ଭଲ ପାଇବା
ମାଟିକୁ ଚିହ୍ନିବା ମଣିଷପଣିଆ।

ସତ କହିଲ !
ତୁମ ଜୀବନରେ କ'ଣ ଏଇ
ମାଟି ମୁଠାକର କିଛି ଅବଦାନ ନାହିଁ ?

+ ଜଗତସିଂହପୁର
ମୋ: ୭୩୮୧୪୦୨୫୨୮

# କନ୍ଧମାଳ ଜିଲ୍ଲା ଅଙ୍ଗନବାଡ଼ି କର୍ମଚାରୀ ସଂଘ ପକ୍ଷରୁ ବିଶାଳ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ

କନ୍ଧମାଳ,୧୪/୧୦ (ନି.ପ୍ର): ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ଅଲ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱାର୍କର୍ସ ଆସୋସିଏସନ କନ୍ଧମାଳ ଶାଖା ପକ୍ଷରୁ କର୍ମଚାରୀମାନଙ୍କର ଦୀର୍ଘଦିନର ସମସ୍ୟା ଗୁଡ଼ିକ ସରକାରଙ୍କ ଦୃଷ୍ଟିଗୋଚର କରିବା ଓ ଏହାର ସମାଧାନ କରିବା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ କନ୍ଧମାଳରେ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ କେବଳ ମଜୁରୀ କିମ୍ବା ସେବା ସର୍ତାବଳୀ ମଧ୍ୟରେ ସୀମିତ ନୁହେଁ। ଏଗୁଡ଼ିକ ସାମାଜିକ ସୁରକ୍ଷା, ଶ୍ରମର ମର୍ଯ୍ୟାଦା, ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା, ଉଚିତ ପାରିଶ୍ରମିକ, ନିରାପଦ କାର୍ଯ୍ୟ ପରିବେଶ, କର୍ମଚାରୀ ଓ ସେମାନଙ୍କ ପରିବାରର ଆର୍ଥିକ ସୁରକ୍ଷା ସହିତ ଜଡ଼ିତ। ଦୀର୍ଘ ଦିନର ଦାବୀ ମଧ୍ୟରେ ପଂଚାବନ ବର୍ଷରେ ଚାକିରୀର ସମୀକ୍ଷା ଓ ଛଟେଇ ନୀତି ବନ୍ଦ, ଅଙ୍ଗନବାଡ଼ି ବିଭାଗ ଆରମ୍ଭରୁ ଏଭଳି ନୀତି ନାହିଁ ବା କୌଣସି ବିଭାଗରେ ଲାଗୁ ହେଉ ନାହିଁ। ଆମମାନଙ୍କୁ ସିଧା ସଳଖ ୬୦ ବର୍ଷ ପରିବର୍ତେ ୬୨ ବର୍ଷ ପର୍ଯ୍ୟନ୍ତ ଚାକିରୀ ନିୟମ ଲାଗୁ କରାଯାଉ। ଷାଠିଏ ବର୍ଷରୁ ୬୨ ବର୍ଷ ବୃଦ୍ଧି କ୍ଷେତ୍ରରେ କର୍ମୀମାନଙ୍କୁ ହଇରାଣ କରାଯାଉଛି। ଅଙ୍ଗନୱାଡି ଓ ସହାୟିକାମାନଙ୍କୁ କର୍ମଚାରୀ ମାନ୍ୟତା, ସମ୍ମାନ ଜନକ ବେତନ ପ୍ରଦାନ, ଅବସର କାଳୀନ ଗ୍ରାଚ୍ୟୁଇଟି ଦଶ ଲକ୍ଷ, କାର୍ଯ୍ୟକ୍ଷେତ୍ରରେ ମୃତ୍ୟୁ ହେଲେ ଦଶ ଲକ୍ଷ ଟଙ୍କା ସହାୟତା ଓ ପରିବାରର ଜଣକୁ ନିଯୁକ୍ତି ଏବଂ ଯୋଗ୍ୟତା ଭିତିରେ ପ୍ରମୋସନ ଦାବୀ କରାଯାଇଛି। ଦୁଇବର୍ଷ ତଳେ ଗତ ନିର୍ବାଚନରେ ଦିଆ ଯାଇଥିବା ପ୍ରତିଶ୍ରୁତି ମୁତାବକ ୨୦୨୪ ମସିହାରୁ ଅଙ୍ଗନୱାଡ଼ି ଓ ସହାୟିକାଙ୍କ ମାନଦେୟ ବୃଦ୍ଧି କରିବା ଦାବୀପତ୍ରରେ ଉଲେଖ ରହିଛି। ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ସମସ୍ତ କର୍ମଚାରୀଙ୍କ ଭଳି 'ସମାନ କାମ ପାଇଁ ସମାନ ଦରମା' ଲାଗୁ କରାଯାଉ। ସରକାରୀ ମାନ୍ୟତା ନହେବା ପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ଟ.୩୦, ୦୦୦/- ଓ ସହାୟିକାଙ୍କର ୧୮,୦୦୦କୁ ବୃଦ୍ଧି କରାଯାଉ। 'ଆୟୁଷ୍ମାନ ଭାରତ ଯୋଜନା' ସହିତ ସଂଯୋଗ କରାଯିବା ଆଦି ସହିତ ଏହି ଶୋଭାଯାତ୍ରାରେ ଭାରତୀୟ ମଜଦୁର ସଂଘର ସଭାପତି ଅଶୋକ ପରିଡା, ଗୋପାଳ ବେହେରା, କାହ୍ନୁ ବେହେରାଙ୍କ ସହ ଅଙ୍ଗନବାଡ଼ି ଜିଲା ସଭାପତି ଶର୍ମିଷ୍ଠା ନାୟକ ଓ ବିଭିନ୍ନ ବ୍ଲକର ସଞ୍ଜୁକ୍ତା ଜେନା ରୀତାରାଣୀ ପ୍ରଧାନ ରଶ୍ମୀ ନାୟକ, ଆରତୀ ବେହେରା, ମୀରା ସାହୁ, ମାଳାସିନା ନାୟକ, ଜ୍ୟୋସ୍ନାରାଣୀ ପ୍ରଧାନ, କୁମୁଦିନୀ କହଁର, ନମିତା ବେହେରା, ଦିବ୍ୟ ଦିଗାଲ, ପ୍ରଭାସିନୀ ସାହୁ, ସୁଜାତା ଦାସ, ସରସ୍ୱତୀ ସାହୁ, ଶ୍ୟାମା ନାୟକ, ସୁନନ୍ଦା ବେହେରା କୁନି ସାହୁ, ସନ୍ତୋଷୀ ମଲିକ ଗୀତାଞ୍ଜଳି ପାଲଙ୍କ ସହ ଚାରି ହଜାରରୁ ଅଧିକ କର୍ମୀ ଓ ସହାୟିକା ଏହି ଆନ୍ଦୋଳନରେ ଭାଗ ନେଇଥିଲେ।

## କୂଅରୁ ହାତୀ ଉଦ୍ଧାର

ବଲାଙ୍ଗିର,୧୪/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଚଲକି ପଂଚାୟତର ହୀରାପୁର ଗାଁ ଡମମରା ପାହାଡ଼ ନିକଟରେ ଥିବା କୂଅରେ ଖସିପଡିଥିଲା ଏକ ହାତୀ । ଖବର ପାଇ ବନ ବିଭାଗ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଂଚି ହାତୀଟିକୁ ସୁରକ୍ଷିତ ଭାବେ କୂଅରୁ ଉଦ୍ଧାର କରିଛନ୍ତି ।

ସୂଚନା ଅନୁଯାୟୀ, ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଚଲକି ପଂଚାୟତର ହୀରାପୁର ଗାଁ ଡମମରା ପାହାଡ଼ ନିକଟରେ ଥିବା କୂଅରେ ଗତକାଲି ରାତିରେ ହାତୀଟି ଖସି ପଡ଼ିଥିଲା। ହାତୀଟି କୂଅରୁ ବାହାରକୁ ବାହାରିବାକୁ ଅପ୍ରାଣ ଉଦ୍ୟମ କରିଥିଲେ ବି ତାହା ସମ୍ଭବ ହୋଇପାରିନଥିଲା । ଆଜି ସକାଳେ ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚିଥିଲେ । ହାତୀଟିକୁ କିପରି କୂଅ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ସେନେଇ ପ୍ରଚେଷ୍ଟା କରିଥିଲେ ।

# ଆଞ୍ଚଳିକ ସାଧନ କେନ୍ଦ୍ର କ୍ଷେମପୁର ପକ୍ଷରୁ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

ବାସୁଦେବପୁର, ୧୪/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀ ଦାସପୁର ପଞ୍ଚାୟତର ମାଟିପକା ଶଶଧର କ୍ଷୀରୋଦମଣି ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର କ୍ଷେମପୁର ପକ୍ଷରୁ ଶିଶୁ ମହୋତ୍ସବ ସୁରଭି ୨୦୨୬ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଲେଙ୍କା। ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ଜାନକୀ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ଏବଂ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଅଭିଭାଷଣ ପ୍ରଦାନ କରିଥିଲେ ଜୟଦେବ ବାରିକ୍। ସି ଆର୍ ସି ସି ମନୋଜ ଅଗସ୍ତି ସମ୍ମାନିତ ଅତିଥି ଭାବେ



ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଭରତ ଚନ୍ଦ୍ର ମଲିକ୍, ପୂର୍ଣ୍ଣ ଚନ୍ଦ୍ର ମଲିକ୍,ବର୍ଷାରାଣୀ ମଲିକ୍, କଲ୍ୟାଣୀ ବଳ, ବାସନ୍ତୀ ଲତା ପଣ୍ଡା, ରଞ୍ଜିତା ବେହେରା, ପ୍ରଜ୍ଞା ପ୍ରିୟ ଦର୍ଶନୀ ବିଶ୍ୱାଳ,ଶାନ୍ତିଲତା ସୋରେନ,ଧୀରେନ୍ଦ୍ର ପ୍ରଧାନ ପ୍ରମୁଖ ଉତ୍ସ୍ୱ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ସାଧାରଣ ଜ୍ଞାନ,ତର୍କ,ବକ୍ତୃତା, ନୃତ୍ୟ, ସଙ୍ଗୀତ ପ୍ରଭୃତି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା।ସୁଶାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାସନ୍ତୀ ଲତା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚମ୍ପୁଆରେ ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗ : ନୟାକୃଷ୍ଣପୁର ଅଙ୍ଗନବାଡ଼ି କେନ୍ଦ୍ରରେ ବିନା ସୂଚନା ଫଳକରେ ଚାଲିଛି ନିମ୍ନମାନର ପାଚେରୀ ନିର୍ମାଣ

ଚମ୍ପୁଆ,୧୪/୧୦ (ନି.ପ୍ର): ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପୁଣି ଥରେ ସରକାରୀ ଅର୍ଥ ହଡ଼ପ ହେବାର ଅଭିଯୋଗ ସାମ୍ନାକୁ ଆସିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କୁଟାରୀପଶି ଗ୍ରାମ ପଂଚାୟତର ନୟାକୃଷ୍ଣପୁର ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ରରେ ଚାଲିଥିବା ପାଚେରୀ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତ୍ୟକ୍ଷଦର୍ଶୀ ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ନିର୍ମାଣାଧୀନ ପାଚେରୀ କାର୍ଯ୍ୟ ଅତି ନିମ୍ନମାନର ହେଉଛି। ପାଚେରୀ ପାଇଁ ବ୍ୟବହାର କରାଯାଉଥିବା ନିମ୍ନମାନର କଳା ଇଟା ଗୁଡିକ ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଛି। ଏହା ସହିତ ସିମେଂଟ ଓ ବାଲିର ମିଶ୍ରଣରେ ମଧ ବ୍ୟାପକ ଚଂଚକତା କରାଯାଉଥିବା ଅଭିଯୋଗ ହେଉଛି। ଯେଉଁଥିରେ ସିମେଂଟର ମାତ୍ରା ଖୁବ୍ କମ୍ ଏବଂ ବାଲି ଅଧିକ ବ୍ୟବହାର କରାଯାଉଛି । ଫଳରେ ଏହି ପାଚେରୀର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଏବଂ ଭବିଷ୍ୟତରେ ଏହା କୋମଳମତି ଶିଶୁମାନଙ୍କ ସୁରକ୍ଷା ପ୍ରତି ବିପଦ ସାଜିବା ନେଇ ଆଶଙ୍କା ପ୍ରକାଶ ପାଇଛି।ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ସରକାରୀ ନିୟମ ଅନୁସାରେ ଯେକୌଣସି ଜନକଲ୍ୟାଣମୂଳକ କାର୍ଯ୍ୟ ପାଇଁ ଏକ ସୂଚନା ଫଳକ ଲଗାଇବା ବାଧତାମୂଳକ। ମାତ୍ର ଏଠାରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଏହି କାର୍ଯ୍ୟ କେଉଁ ବିଭାଗ ପକ୍ଷରୁ କରାଯାଉଛି, ଏଥିପାଇଁ କେତେ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି ଏବଂ ଏହାର କାର୍ଯ୍ୟକାରୀ ସଂସ୍ଥା କିଏ, ସେ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ସମ୍ପୂର୍ଣ୍ଣ ଅନ୍ଧାରରେ ରଖାଯାଇଛି।

ସୂଚନା ଲୁଚାଇ ନିମ୍ନମାନର କାମ କରିବା ପଛରେ ଠିକାଦାର ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ମିଳିତ ସଲାସୁତୁରା ରହିଛି ବୋଲି ଗ୍ରାମବାସୀ ସିଧାସଳଖ ଅଭିଯୋଗ କରିଛନ୍ତି। ସରକାରୀ ତହବିଲରୁ ମୋଟା ଅଙ୍କର ଅର୍ଥ ହଡ଼ପ କରିବା ଉଦ୍ଦେଶ୍ୟରେ ଏଭଳି ବେଆଇନ ଭାବେ କାର୍ଯ୍ୟ କରାଯାଉଥିବା କୁହାଯାଉଛି। ସ୍ଥାନୀୟ ଜନସାଧାରଣ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ତୁରନ୍ତ ଏଠାରେ ସୂଚନା ଫଳକ ମାରି ସ୍ୱଚ୍ଛତାର ସହ କାମ କରିବାକୁ ଦାବି କରିଛନ୍ତି।

# ଯାତ୍ରୀବାହୀ ଅଟୋକୁ ଆକ୍ରମଣ କଲା ଦନ୍ତାହାତୀ

ବାରିପଦା ,୧୪/୧୦ (ନି.ପ୍ର): ଯାତ୍ରୀବାହୀ ଅଟୋକୁ ଆକ୍ରମଣ କରିବା ସହ ଠେଲି ଠେଲି ଜଙ୍ଗଲ ଭିତରକୁ ନେଇଗଲା ଦନ୍ତାହାତୀ। ତେବେ ହାତୀର ଉପସ୍ଥିତି ଦେଖି ଅଟୋରେ ଥିବା ଚାଳକ ଓ ଯାତ୍ରୀମାନେ ଗାଡ଼ି ଛାଡ଼ି ଦୌଡ଼ି ପଳାଇବାରୁ ଅଳ୍ପକେ ରକ୍ଷା ପାଇଛନ୍ତି। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ଭଦୁଆଶୋଳ ପଞ୍ଚାୟତର ମହୁଲିଆ-କୁଳିପାଳ ରାସ୍ତାରେ ଘଟିଛି। ସୂଚନା ଅନୁଯାୟୀ, ଉକ୍ତ ରାସ୍ତା ଦେଇ ଏକ ଯାତ୍ରୀବାହୀ ଅଟୋ ଯାଉଥିବା ବେଳେ ହଠାତ ଏକ ଦନ୍ତାହାତୀ ସାମ୍ନାକୁ ଚାଲି ଆସିଥିଲା। ହାତୀକୁ



ଦେଖି ଅଟୋ ଚାଳକ ସାଗର ଟୁଡୁ ତୁରନ୍ତ ଯାତ୍ରୀମାନଙ୍କୁ ଗାଡ଼ିରୁ ଓହ୍ଲାଇ ଦୌଡ଼ି ପଳାଇବାକୁ କହିଥିଲେ। ଫଳରେ ଚାଳକଙ୍କ ସମେତ ସମସ୍ତ ଯାତ୍ରୀ ଭୟଭୀତ ହୋଇ ଏଣେତେଣେ ଦୌଡ଼ି ନିଜ ଜୀବନ ବଞ୍ଚାଇଥିଲେ। ଏହାପରେ ଦନ୍ତାହାତୀଟି ଅଟୋ ଉପରେ ଆକ୍ରମଣ କରିବା ସହ ବାରମ୍ବାର ଠେଲି ଠେଲି ଗାଡ଼ିଟିକୁ ଜଙ୍ଗଲ ଭିତରକୁ ନେଇଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଗଜସାଥୀ ରଘୁନାଥ ହେମ୍ବ୍ରମ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ହାତୀଟିକୁ ଘଉଡ଼ାଇ ଥିଲେ। ପରେ ଦନ୍ତାହାତୀଟି କୁଳିପାଳ ଆମ୍ବ ବଗିଚା ଆଡ଼କୁ ଚାଲିଯାଇଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏକ ଟ୍ରାକ୍ଟର ଯୋଗେ ଜଙ୍ଗଲ ଭିତରୁ ଅଟୋଟିକୁ ଟାଣି ରାସ୍ତାକୁ ଅଣାଯାଇଥିଲା। ଏହି ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ହାତୀ ଭୟ ଦେଖାଦେଇଛି। ଜଙ୍ଗଲ ଓ ସୀମାନ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ସତର୍କ ରହିବାକୁ ଆହ୍ୱାନ ଦିଆଯାଇଛି।

# ପୋଲ ନାହିଁ, ବିକାଶ ବାଟବଣା : ବର୍ଷାରେ ଭାଙ୍ଗିଲା ଅସ୍ଥାୟୀ ରାସ୍ତା, ନାଳ ଉପରେ ସ୍ଥାୟୀ ପୋଲ ଓ ପକ୍କାରାସ୍ତା ପାଇଁ ଦାବି

ଜୟପୁର,୧୪/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ଗ୍ରାମ ପଂଚାୟତର ସାରୁକୁଣ୍ଡ ଗାଁରେ ପକ୍କା ରାସ୍ତା ହୋଇନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନାଳ ଉପରେ ସ୍ଥାୟୀ ପୋଲ ନଥିବାରୁ ଗ୍ରାମବାସୀଙ୍କ ଯାତାୟାତ ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଛି। ନିଜ ଉଦ୍ୟମରେ ମାଟି ଓ ପଥର ପକାଇ ତିଆରି କରିଥିବା ଅସ୍ଥାୟୀ ରାସ୍ତାକୁ ବର୍ଷାଜଳ ନଷ୍ଟ କରିଦେବାରୁ ପୁଣି ଥରେ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ପାଇଁ ନାଳ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ପୋଲ ଅଭାବରୁ ବିଶେଷକରି ବର୍ଷା ଦିନରେ ଯାତାୟାତ କଷ୍ଟକର ହେଉଛି। ନାଳରେ ଜଳପ୍ରବାହ ବଢ଼ିଲେ ଗ୍ରାମବାସୀଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ମାଟି ଓ ପଥର ପକାଇ ଅସ୍ଥାୟୀ ରାସ୍ତା ତିଆରି କରିଥିଲେ। ତେବେ ବର୍ଷାଜଳର ପ୍ରବଳ ସ୍ରୋତରେ ତାହା ନଷ୍ଟ ହୋଇଯିବାରୁ ଲୋକଙ୍କ ଆଶା ପୁଣି ଧୂଳିସାତ୍ ହୋଇଛି।ଏହାର ପ୍ରଭାବ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ଉପରେ ପଡ଼ୁଛି। ଛାତ୍ରଛାତ୍ରୀଙ୍କ ପାଠପଢ଼ା, ରୋଗୀଙ୍କୁ ଚିକିତ୍ସାଳୟ ନେବା ଏବଂ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପାଇଁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ନାଳରେ ପାଣି ବଢ଼ିବା ସହ ଯାତାୟାତ ଆହୁରି ବିପଦପୂର୍ଣ୍ଣ ହୋଇପଡ଼ୁଛି। ଏଭଳି ସ୍ଥିତିରେ ଗ୍ରାମବାସୀଙ୍କ ପାଇଁ ସ୍ଥାୟୀ ପୋଲ ନିର୍ମାଣ କେବଳ ଏକ ଦାବି ନୁହେଁ, ବରଂ ଏକ ମୌଳିକ ଆବଶ୍ୟକତା ପାଲଟିଛି। ଗ୍ରାମାଚଂଳର ବିକାଶର ମୂଳ ଆଧାର ହେଉଛି ଉନ୍ନତ ରାସ୍ତା ଓ ନିରାପଦ ଯୋଗାଯୋଗ ବ୍ୟବସ୍ଥା। କିନ୍ତୁ ସାରୁକୁଣ୍ଡ ଗ୍ରାମରେ ପୋଲ ଅଭାବରୁ ଲୋକଙ୍କୁ ଏଭଳି ସମସ୍ୟା ଭୋଗିବାକୁ ପଡୁଛି। ଯାହା ଗ୍ରାମାଚଂଳର ବିକାଶକୁ ନେଇ ପ୍ରଶ୍ନ ସୃଷ୍ଟି କରୁଛି। ତେଣୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ନାଳ ଉପରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି। ନିର୍ବାଚନ ପରେ ନିର୍ବାଚନ ଆସୁଛି ପ୍ରତ୍ୟେକ ନିର୍ବାଚନରେ ସାରୁକୁଣ୍ଡ ଗାଁରେ ନେତା ଯାଇ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇଛନ୍ତି ହେଲେ ଏ ପର୍ଯ୍ୟନ୍ତ ସାରୁକୁଣ୍ଡ ଗ୍ରାମରେ ପକ୍କାରାସ୍ତା ହୋଇନଥିବା ନେଇ ଗ୍ରାମବାସୀ ସାଧାରଣରେ ଅଭିଯୋଗ କରିଛନ୍ତି।

# ସଜେଇ ହେଲାଣି ହବିଷ୍ୟାଳୀ କେନ୍ଦ୍ର: ସମସ୍ତ ବ୍ୟବସ୍ଥାକୁ ଚୂଡାନ୍ତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପୁରୀ,୧୪/୧୦ (ନି.ପ୍ର): ସଜେଇ ହେଲାଣି ପୁରୀର ୩ ହବିଷ୍ୟାଳୀ କେନ୍ଦ୍ର। ଅଧିର ଓ ଆତୁର ହେଲେଣି ହବିଷ୍ୟାଳୀ ମା ମାନେ ମହାପ୍ରଭୁଙ୍କ ପାଖକୁ ଆସିବା ପାଇଁ। ଶ୍ରୀକ୍ଷେତ୍ରରେ ରହିବେ ମାସେ। ସକାଳୁ ବୃନ୍ଦାବତୀ ପୂଜନ ସହ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂର୍ତିଙ୍କ ଦର୍ଶନ କରିବେ। କଠୋର ସାଧନାର ମାସ କାର୍ତିକରେ ବେଳାଏ ମହାପ୍ରସାଦ ଖାଇ, ଭଜନ, କୀର୍ତନରେ ମଜ୍ଜି ଯିବେ। ଗୋଟାଏ ମାସ ଭୁଲି ଯିବେ ପିଲା ଛୁଆ, ପରିବାର । ଜଗା ପାଦରେ ଲୟ ରଖି ଭୁଲିଯିବେ କୋଉଠୁ ଆସିଥିଲେ। ମାସକଯାକ କେବଳ ଗୋଟିଏ ଚିନ୍ତା ମହାପ୍ରଭୁଙ୍କ ଦର୍ଶନ, ତାଙ୍କ ଚିନ୍ତନ ଓ ତାଙ୍କ ପ୍ରତି ସମର୍ପଣ। ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବ ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତ। ଚଳିତ ବର୍ଷ ବୃନ୍ଦାବତୀ ନିବାସ, ମୋଚି ସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ରହଣି ବ୍ୟବସ୍ଥା କରାଯାଇଛି। ଶ୍ରୀକ୍ଷେତ୍ରରେ ସରକାରୀ ବ୍ୟବସ୍ଥା ମଧ୍ୟରେ ରହିବାକୁ ଚାହୁଁଥିବା ହବିଷ୍ୟାଳୀ ମା ମାନେ ଅନଲାଇନ ମାଧ୍ୟମରେ ରେଜିଷ୍ଟ୍ରେସନ କରାଇ ସାରିଛନ୍ତି। ପ୍ରଶାସନ ସେଗୁଡିକର ଯାଂଚ୍ କରି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରୁଛି। ଯାଂଚ୍ ପରେ ଯୋଗ୍ୟ ହିତାଧିକାରୀଙ୍କୁ ସେମାନେ ପଞ୍ଜିକୃତ କରିଥିବା ଫୋନ ନମ୍ବର ବା ଇମେଲ ମାଧ୍ୟମରେ କେଉଁ ତାରିଖରେ କେଉଁଠାକୁ ଆସିବେ ଜଣାଇ ଦିଆଯିବ। ଚଳିତ ବର୍ଷ ହବିଷ୍ୟାଳୀ ମା' ମାନଙ୍କୁ ଅକ୍ଟୋବର ୨୫ ତାରିଖରେ ନିର୍ଦ୍ଧାରିତ କେନ୍ଦ୍ର ମାନଙ୍କରେ ପହଂଚିବାକୁ ଅବଗତ କରାଯିବ ବୋଲି ସୂଚନା ମିଳିଛି। ସମସ୍ତ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ମା' ମାନଙ୍କର ସୁବିଧାରେ ରହଣୀ, ଚିକିତ୍ସା ସୁବିଧା, ବୃନ୍ଦାବତୀ ପୂଜନ, ସକାଳୁ ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନ, ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ସହ କୌଣସି ମା' ମାନଙ୍କର ଯେପରି ଅସୁବିଧା ନ ହୁଏ ସେଥିପାଇଁ ସମସ୍ତେ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଜିଲ୍ଲାପାଳ ଶ୍ରୀ ପରିଡା ଏକାଧିକ ବୈଠକ ମାଧ୍ୟମରେ ସମୀକ୍ଷା କରି ସମସ୍ତ ସୁବିଧାକୁ ତଦାରଖ କରିଛନ୍ତି। ବରିଷ୍ଠ ଅଧିକାରୀ ମାନେ ସମସ୍ତ ତିନୋଟି ହବିଷ୍ୟାଳୀ କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ମରାମତି ଓ ସୁବିଧା ସୁଯୋଗକୁ ସୁନିଶ୍ଚିତ କରୁଛନ୍ତି। ଆବେଦନ କରିଥିବା ମା' ମାନେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କୁ ଫୋନ କରି ସେମାନଙ୍କ ଆଗମନ ପାଇଁ ଉତ୍କଣ୍ଠା ପ୍ରକାଶ କଲେଣି।

## ୫ କିଲୋରୁ ଅଧିକ ଓଜନର ବଜ୍ରକାପ୍ତା ଉଦ୍ଧାର

ଜୟପୁର,୧୪/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ଅନ୍ତର୍ଗତ ବୋରିଗୁମ୍ମା ସହରର ଏକ ଦୁର୍ଗା ପୂଜା ମଣ୍ଡପ ନିକଟରୁ ୫ କିଲୋଗ୍ରାମରୁ ଅଧିକ ଓଜନ ବିଶିଷ୍ଟ ଏକ ବଜ୍ରକାପ୍ତାକୁ ଉଦ୍ଧାର କରାଯାଇଛି ବୋଲି ମଙ୍ଗଳବାର ଦିନ ବନ ବିଭାଗ ଅଧିକାରୀମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମାଣିକେଶ୍ୱରୀ ଦୁର୍ଗା ପୂଜା କମିଟିର ସଦସ୍ୟମାନେ ମଣ୍ଡପ ନିକଟରେ ଦୁଇଟି ବଜ୍ରକାପ୍ତା ବୁଲୁଥିବାର ଦେଖିବାକୁ ପାଇଥିଲେ। ସେଥିମଧ୍ୟରୁ ଗୋଟିଏ ବଜ୍ରକାପ୍ତା ଖସି ପଳାଇବାରେ ସଫଳ ହୋଇଥିବା ବେଳେ କମିଟି ସଦସ୍ୟମାନେ ଅନ୍ୟଟିକୁ ଉଦ୍ଧାର କରି ବନ ବିଭାଗର ବୋରିଗୁମ୍ମା ରେଞ୍ଜ କୁ ଖବର ଦେଇଥିଲେ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳିତ

ଝାରସୁଗୁଡ଼ା,୧୪/୧୦ (ନି.ପ୍ର): ଲୋଇସିଂହା ପଂଚାୟତ ଅନ୍ତର୍ଗତ ନବ ପଲ୍ଲି ହାଇସ୍କୁଲରେ ମେରା ଯୁବା ଭାରତ ଝାରସୁଗୁଡ଼ା ଦ୍ୱାରା ଅନ୍ତର୍ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଆଜି ପାଳିତ ହୋଇଯାଇଛି। ଭବିଷ୍ୟତରେ କିପରି ଆପଦା ପ୍ରବନ୍ଧନ ଦ୍ୱାରା ନିଜର ଏବଂ ଅନ୍ୟ ମାନଙ୍କ ଜୀବନ ନଷ୍ଟ ନ ହେବ ସେଥିପାଇଁ ଆପଦା ମିତ୍ର ଲିଜା ନାଏକ, ତପନ ସାହୁ, ଦୀପା ଓରାମ, ମୃତ୍ୟୁଞ୍ଜୟ କିଷାନ୍ ଏକ ତାଲିମ ପ୍ରଦାନ କରିଥିଲେ। ଅତିଥି ତଥା ମୁଖ୍ୟ ବକ୍ତା ଭାବେ ଯୁବ ସ୍ୱେଚ୍ଛାସେବୀ ପ୍ରକାଶ ପ୍ରଧାନ ଯୋଗଦେଇ ଯୁବକମାନଙ୍କୁ କୃତ୍ରିମ ଆପଦାରୁ ନିଜକୁ କିପରି ରକ୍ଷା କରି ଏକ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବେ। ଯୁବକମାନେ ଗାଁରେ ଲାଗୁଥିବା ନିଆଁକୁ କିପରି ରୋକିବା, ସଚେତନତା ଦ୍ୱାରା, ପରିବେଶ, ଜଳ, ବାୟୁର ମହତ୍ୱ ବିଷୟରେ ବାରମ୍ବାର ଅବଗତ କରାଇ ପରମବୈଭବ ରାଷ୍ଟ୍ର ଗଠନ ନିମନ୍ତେ ପ୍ରେରଣା ଯୋଗାଇଥିଲେ ।

# ରାଜ୍ୟ ମହିଳା କମିଶନଙ୍କ ଅଦାଲତ ଶିବିର

ସୁନ୍ଦରଗଡ,୧୪/୧୦ (ନି.ପ୍ର): ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରା ଆଜି ସୁନ୍ଦରଗଡ଼ ସଦର ମହକୁମା ଠାରେ ଏକ ଶିବିର ଅଦାଲତ ବା କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଶନ ର ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ଏବଂ କମିଶନ ର ସଭ୍ୟା ଶ୍ରୀମତୀ ପ୍ରତିଭା ଶତପଥୀ ଏବଂ ଶ୍ରୀମତୀ ମୁକ୍ତା ସାହୁ ଉପସ୍ଥିତ ରହି ବିଭିନ୍ନ ମାମଲା ଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ଅଧକ୍ଷା ଶ୍ରୀମତୀ ମହାନ୍ତି ପ୍ରତ୍ୟେକ ମହିଳା ଯେମିତି ଉଚିତ୍ ନ୍ୟାୟ ପାଇବେ ଏବଂ ସମାଜରେ ସମ୍ମାନର ସହ ଜୀବନ ଯାପନ କରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ମହିଳାମାନେ ଯେଭଳି ନିଜର ମୌଳିକ ଅଧିକାର ସମ୍ପର୍କରେ ଅବଗତ ହେବେ ତଥା ସେହି ମୌଳିକ ଅଧିକାରରୁ ଯେମିତି ସେମାନେ ବଂଚିତ ନ ହେବେ ସେଥି ପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ଏବଂ ଏଥି ନିମନ୍ତେ ବ୍ୟାପକ ଜନସେତନତା ଉପରେ ଆଲୋଚନା କରିଥିଲେ। ସେହିଭଳି ସେ ପରିବାରର ସୁ - ସଂସ୍କାର ଏବଂ ଆଧ୍ୟାତ୍ମିକ ଚେତନା ଉପରେ ମଧ୍ୟ ଆଲୋକପାତ କରିଥିଲେ । ପରିବାରର ସୁ- ସଂସ୍କାର ସମାଜରେ ନିର୍ଯାତନାକୁ ହ୍ରାସ କରିବାରେ ବହୁ ମାତ୍ରାରେ ସହାୟକ ହୋଇଥାଏ। ଗୋଟିଏ ପରିବାରରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ସୁସମ୍ପର୍କ, ଉଭୟ ପ୍ରତି ସମ୍ମାନ, ଉତମ ବୁଝାମଣା ଦ୍ୱାରା ମଧ ନିର୍ଯାତନା ଘଟି ନଥାଏ ଏବଂ ପାରିବାରିକ ସୁଖ ଶାନ୍ତି ବଜାୟ ରହିଥାଏ । ସେହିଭଳି ଯଦି କୌଣସି ମହିଳାଟିଏ ନିର୍ଯାତନାର ଶିକାର ହୋଇ କୌଣସି ଥାନାକୁ ଗଲେ ସେଠାରେ ପୋଲିସ ମାନେ ତାଙ୍କ ପ୍ରତି ସମବେଦନା ଜଣାଇବା ସହ ଉତମ ବ୍ୟବହାର ପ୍ରଦର୍ଶନ କରିବା ସହିତ ସେ ଯେଭଳି ଉଚିତ୍ ନ୍ୟାୟ ପାଇବେ ସେଥି ପ୍ରତି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଉପସ୍ଥିତ ପୋଲିସ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।ଆଜିର ଏହି ଶିବିର ଅଦାଲତରେ ମୋଟ ୨୨ ଗୋଟି ମାମଲା ରହିଥିଲା। ଏଥି ମଧ୍ୟରୁ ୧୯ ଗୋଟି ମାମଲାର ଶୁଣାଣି ହୋଇଥିଲା। ସେହିଭଳି କେବଳ ୪ ଗୋଟି ମାମଲାରେ ଉଭୟ ପକ୍ଷ ଉପସ୍ଥିତ ରହିଥିଲେ ଏବଂ ୧୧ ଗୋଟି ମାମଲାରେ କେବଳ ଅଭିଯୋଗକାରୀ ଉପସ୍ଥିତ ରହିଥିଲେ। ସେହିପରି ୪ ମାମଲାରେ କେବଳ ବିପକ୍ଷ ପକ୍ଷ ମାନେ ଉପସ୍ଥିତ ଥିଲେ। ଏହି ସମସ୍ତ ମାମଲା ଗୁଡ଼ିକ ମଧ୍ୟରେ ୪ ଗୋଟି ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ କରାଯାଇଥିଲା। ସେହିଭଳି ୪ ଗୋଟି ମାମଲାକୁ ଆରକ୍ଷୀ ଅଧିକ୍ଷକଙ୍କୁ ଏବଂ ଗୋଟିଏ ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ପ୍ରେରଣ କରାଯାଇଥିଲା। ସେହିଭଳି ୯ ଗୋଟି ମାମଲାକୁ ପୁର୍ନବାର ଉପସ୍ଥିତ ହେବାକୁ ନୋଟିସ ପ୍ରଦାନ କରାଯାଇଥିଲା ଏବଂ ଅନ୍ୟାନ୍ୟ କାରଣବଶତଃ ଗୋଟିଏ ମାମଲାକୁ ଖାରଜ କରାଯାଇଥିଲା। ଏହି ଅବସରରେ ଆଜି ଗୋଟିଏ ନୂତନ ମାମଲା ମଧ ପ୍ରାପ୍ତ ହୋଇଥିଲା। ଆଜିର ଏହି ଶିବିର ଅଦାଲତରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଡି ଏସ ପି ଅମୃତା ନନ୍ଦିନୀ ମହାନ୍ତି, ସଦର ଏସ ଡି ପି ଓ ନିର୍ମଳ ମହାପାତ୍ର, ସୁରକ୍ଷା ଅଧିକାରୀ ସୁଷମା ମିଶ୍ର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ହାରିବା ଜିତିବା ବଡ଼ କଥା ନୁହେଁ, ବଡ କଥା ହେଲା ଅଂଶଗ୍ରହଣ କରିବା

ଆଳି,୧୪/୧୦ (ନି.ପ୍ର): ପ୍ରତ୍ୟକ ପ୍ରତିଯୋଗିତା ରେ ହାରିବା ଜିତିବା ବଡ଼ କଥା ନୁହେଁ ବଡ଼ କଥା ହେଉଛି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବା ବୋଲି ଶରତ କୁମାର ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରେ ଅତିଥି ମାନେ ଏହା ପ୍ରକାଶ କରିଛନ୍ତି। ବୁଧବାର ଦିନ ପୂର୍ବାହ୍ନ ରେ ଶରତ କୁମାର ଦେବ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ଦିବସୀୟ ସୁରଭି ୨୦୨୬ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ଆଳି ଶିକ୍ଷା ମଣ୍ଡଳ ଅଧିକାରୀ ରତିକାନ୍ତ ସେନାପତି କହିଲେ ଯେ ପ୍ରତିଯୋଗୀତା ହେଉଛି ଛାତ୍ରଛାତ୍ରୀ ମାନଙ୍କ ପାଇଁ ବରଦାନ। ଛାତ୍ର ଜୀବନରୁ ପ୍ରତିଯୋଗୀ ମନୋଭାବ ନେଇ ଆଗେଇ ଲେ ଭବିଷ୍ୟତ ଉଜ୍ଜ୍ୱଳ ମୟ ହେବ। ମୁଖ୍ୟ ବକ୍ତା ଭାବେ ପରାଗ ସାହିତ୍ୟ ପତ୍ରିକାର




ସମ୍ପାଦକ ତଥା ସୁସାହିତ୍ୟିକ ବନମାଳୀ ସେନାପତି କହଥିଲେ ଯେ ହାରଜିତ ବଡ଼ କଥା ନୁହେଁ ବଡ କଥା ହେଲା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବା ଯାହା ସମସ୍ତ ଙ୍କ ଭାଗ୍ୟରେ ଜୁଟିନଥଏ। ସମ୍ମାନୀତ ଅତିଥି ଭାବେ ଆଳି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରଶ୍ମିତା ସେନାପତି, ଆଠ ପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ଥାଟୋଇ, ଓ ଆଳି ମଣ୍ଡଳ ବିଜ୍ଞାନ ସୋସାଇଟି ର ସମ୍ପାଦକ ଶୁଭକାନ୍ତ ମିଶ୍ର ଯୋଗ ଦେଇ ଛାତ୍ରଛାତ୍ରୀ ମାନଂକୁ ପରାମର୍ଶ ଦେଇଥିଲେ।କ୍ଲଷ୍ଟର ସି ଆର ସିସି ଦେବଦତା ସାମଲ ଉଦେଶ୍ୟ ଜ୍ଞାପନ କରିଥିଲେ ଓ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଦଶରଥ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ କ୍ଲଷ୍ଟର ର ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ୧୫ଟି ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରତିଯୋଗିତା ରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ମାନେ ମଣ୍ଡଳ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରେ ଯୋଗ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କୃତି ପ୍ରତିଯୋଗୀ ମାନଂକୁ ଅପରାହ୍ନ ରେ ଆୟୋଜିତ ଉଦଯାପନୀ ଉତ୍ସବ ରେ ଅତିଥି ମାନେ ପୁରସ୍କାର ପୁରସ୍କାର ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ କାଟଣା ମହାବିଦ୍ୟାଳୟ ର ପ୍ରାକ୍ତନ ଅଧକ୍ଷ ନଗେନ ନାରାୟଣ ସିଂହ ଓ ମୁଖ୍ୟ ବକ୍ତା ଭାବେ ସମାଜସେବୀ ଆଡ଼ଭୋକେଟ ସୁଶାନ୍ତ କୁମାର ଦାଶଓ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଧୀରେନ୍ଦ୍ର ସେନାପତି ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ।କ୍ଲଷ୍ଟର ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ।

# ‘ସଶକ୍ତ ଯୁବଶକ୍ତି ସମୃଦ୍ଧ ଭାରତ’ ଗଠନ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

ଖୋରଧା , ୧୪/୧୦ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଅଧିନରେ ଏବଂ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲାପାଳ,ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଖୋରଧା ଜିଲ୍ଲାର ସାଂସ୍କୃତିକ ଧାରା ଓ ପଥ ଅଧୀନ ସଶକ୍ତ ଯୁବଶକ୍ତି ଓ ସମୃଦ୍ଧ ଭାରତ ଗଠନ କୁ ନେଇ ବିଭିନ୍ନ ପ୍ରତିଯୋଗିତା ବ୍ଲକ୍ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋରଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳୀ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ମାଇଁ ଭାରତ , ହିସାବ ଏବଂ କାର୍ଯ୍ୟକ୍ରମ ଅଧିକାରୀ ସୁଭେନ୍ଦ୍ର ନାଥ ସାହୁ ଯୋଗଦେଇଥିବା ବେଳେ ଆଭାଷିରେ ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ସମସ୍ତ ବ୍ଲକର ବି ଡି ଓ ମାନେ ଯୋଗଦେଇଥିଲେ । ତା ୩୧ .୧୦.୨୦୨୬ ରିଖ ସୁଦ୍ଧା ବି ଡି ଓ ମାନେ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ଉକ୍ତ ପ୍ରତିଯୋଗିତା ମାନ ଅନୁଷ୍ଠିତ କାରାଇ ଫଳାଫଳ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ପଠାଇବେ । ଏହି ସମସ୍ତ ପ୍ରତି ଯୋଗିତାର ଥିମ୍ ବା ବିଷୟ ରହିଛି ‘ବିକଶିତ ଭାରତ ପାଇଁ ନିଶା ମୁକ୍ତ ଯୁବ ପୀଢ଼ି’ । ପ୍ରତି ଯୋଗିତାର ନାମ ଗୁଡିକ ହେଉଛି ପାରମ୍ପାରିକ ନୃତ୍ୟ ଟିମ୍ ଯେଉଁ ଥିରେ ୭ ଜଣ ପ୍ରତିଯୋଗୀ ଏବଂ ୩ ଜଣ ସହାୟତା କାରୀ ଙ୍କୁ ନେଇ ୧୦ ଜଣ ରହିବେ । ସେହିପରି ପ୍ରତିଯୋଗୀଙ୍କ ବୟସ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ୧୫ ରୁ ୨୯ ବର୍ଷ ହୋଇଥିବ । ସହାୟତା କାରୀଙ୍କ ବୟସ ୧୮ ରୁ ୪୦ ବର୍ଷ ହୋଇଥିବ । ପାରମ୍ପାରିକ ନୃତ୍ୟ ପ୍ରତିଯୋଗିତାର ସମୟ ୮ ମିନିଟ ରହିଅଛି । ପାରମ୍ପାରିକ ସଙ୍ଗୀତ ପ୍ରତିଯୋଗିତା ଟିମ୍ ରେ ୭ ଜଣ ପ୍ରତିଯୋଗୀ ଓ ୩ ଜଣ ସହାୟତା କାରୀ ଙ୍କୁ ନେଇ ୧୦ ଜଣ ରହିବେ । ପ୍ରତିଯୋଗୀଙ୍କ ବୟସ ୧୫ ରୁ ୨୯ ବର୍ଷ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ହୋଇଥିବ । ସହାୟତା କାରିଙ୍କ ବୟସ ୧୮ ରୁ ଚାଳିଶ ହୋଇଥିବ । ଏହି ପ୍ରତିଯୋଗିତାରେ ୮ ମିନିଟ୍ ସମୟ ରହିଛି । ଚିତ୍ରକଳା ପ୍ରତିଯୋଗିତା ପାଇଁ ଏକକ ପ୍ରତିଯୋଗୀ, ବୟସ ୧୫ ରୁ ୨୯ ବର୍ଷ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ହୋଇଥିବ। ଚିତ୍ର କଳା ପାଇ ୬ ଘଣ୍ଟା ସମୟ ପ୍ରଦାନ କରାଯିବ । ନୁକଡ ନାଟକ ପାଇଁ ୧୦ ଜଣ ପ୍ରତିଯୋଗୀ ଟିମ୍ ରେ ରହିବେ । ସେମାନଙ୍କ ବୟସ ୧୫ ରୁ ୨୯ ବର୍ଷ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ହୋଇଥିବ କ୍ଷ ସେମାନଙ୍କୁ ସମୟ ୧୦ ମିନିଟ୍ ପ୍ରଦାନ କରାଯିବ । କବିତା ଲେଖିବା ପ୍ରତିଯୋଗିତା ପାଇଁ ଏକକ ପ୍ରତିଯୋଗୀ ଭାଗନେବେ ଓ ସେମାନଙ୍କ ବୟସ ୧୫ ରୁ ୨୯ ବର୍ଷ ହୋଇଥିବ । ସେମାନଙ୍କୁ ସମୟ ୧.୫ ଘଣ୍ଟା ଦିଆଯିବ ଓ ସେମାନେ ଓଡ଼ିଆ, ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ କବିତା ଲେଖି ପାରିବେ । ପ୍ରତ୍ୟେକ ବ୍ଲକ ରୁ ଶ୍ରେଷ୍ଠ ପ୍ରତିଯୋଗୀ ଓ ଦଳ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ବ୍ଲକ୍ ସ୍ତରରେ ଉପଜିଲ୍ଲାପାଳ ଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ବ୍ଲକର ବି ଡି ଓ ଙ୍କ ଅଧକ୍ଷତାରେ ତସିଲଦାର, ବ୍ଲକ୍ ଶିକ୍ଷା ଅଧିକାରୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ମହାବିଦ୍ୟାଳୟର ଅଧକ୍ଷ ଅଧକ୍ଷା, କ୍ରୀଡ଼ା ଶିକ୍ଷକ ମାନଙ୍କୁ ନେଇ ପ୍ରତିଯୋଗିତା ସୁଚାରୁ ପରିଚାଳନା ନିମନ୍ତେ କମିଟି ଗଠନ କରାଯାଇଛି । ଏହି ପ୍ରତି ଯୋଗିତା ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତା ରଖାଯାଇନାହିଁ । ଯେକୌଣସି ସାଧାରଣ ଲୋକ , ଛାତ୍ରଛାତ୍ରୀ ନିର୍ଦ୍ଧାରିତ ବୟସ ସୀମାରେ ହୋଇଥିଲେ ପ୍ରତି ଯୋଗୀତାରେ ଅଂଶ ଗ୍ରହଣ କରି ପାରିବେ । ବ୍ଲକ୍ ସ୍ତରରେ ପ୍ରଥମ ପ୍ରତିଯୋଗୀ, ଟିମ୍ ଜିଲ୍ଲା ସ୍ତରରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଜିଲ୍ଲା ସ୍ତରରେ ପାରମ୍ପାରିକ ନୃତ୍ୟ, ପାରମ୍ପାରିକ ସଙ୍ଗୀତ, ଚିତ୍ର କଳା ଓ କବିତା ଲେଖନ ପ୍ରତି ଜୋଗିତାର ଶ୍ରେଷ୍ଠ ଦୁଇ ପ୍ରତିଯୋଗୀ, ଦଳ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । କେବଳ ନୁକଡ ନାଟକ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାର ଏକ ଗୋଟି ଶ୍ରେଷ୍ଠ ଦଳ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ କ୍ଷ ଗତ ୨୦୨୫ ବର୍ଷରେ ଯେଉଁ ମାନେ ଜିଲ୍ଲାସ୍ତରରେ ଭାଗ ନେଇ ନଥିବେ ଏବଂ ବ୍ଲକ୍ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ନଥିବେ ସେମାନେ ଅଂଶ ଗ୍ରହଣ କରି ପାରିବେ । ଅଂଶ ଗ୍ରହଣ କାରୀ ମାନେ ଆବଶ୍ୟକ ସ୍ଥଳେ ନିଜ ନିଜ ଅଞ୍ଚଳର ବ୍ଲକ୍ ଉନ୍ନୟନ ଅଧିକାରୀ ଙ୍କ ସହ ବିସ୍ତୃତ ତଥ୍ୟ ପାଇଁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ଏହି ପ୍ରତିଯୋଗିତାକୁ ସୁଚାରୁ ରୁପେ ସଞ୍ଚାଳନ ନିମନ୍ତେ ସମସ୍ତ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀ ମାନେ ସହୋଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଆବଶ୍ୟକ ସହଯୋଗ କରିବାକୁ ଆୟୁକ୍ତଙ୍କ ଅନୁରୋଧ କରାଯାଇଅଛି । ଏହା ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଗଲା ।

# ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ୍ ନଦେବାକୁ ନିର୍ବାଚନ ଆୟୋଗର ପଦକ୍ଷେପ

ଭଦ୍ରକ, ୧୪/୧୦ (ନି.ପ୍ର): ଭୋଟର ତାଲିକାରେ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ସାମିଲ କରିବା ଏବଂ କୌଣସି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। ଏହି ଶିବିର ମାଧ୍ୟମରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଭୋଟର ତାଲିକାରେ ଥିବା ତଥ୍ୟ ସଂଶୋଧନ ଏବଂ ନାମ ଯାଞ୍ଚ ଭଳି ସେବା ଯୋଗାଇ ଦିଆଯାଉଛି। ଭଦ୍ରକ ଜିଲ୍ଲାର ୧୭୦୩ଟି ବୁଥ୍‌ରେ ଏହି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। ଏଥିସହ ୨୦ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ୫ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମଧ୍ୟ ଦାୟିତ୍ୱରେ ରହିଛନ୍ତି। ଏହି ପ୍ରକ୍ରିୟାରେ



ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ଯୋଗ୍ୟ ନାଗରିକଙ୍କ ଭୋଟର ତାଲିକା ସମ୍ପର୍କିତ ତଥ୍ୟ ଯାଞ୍ଚ କରୁଛନ୍ତି। ବିଶେଷକରି ନୂତନ ଭାବେ ଭୋଟ୍ ଦେବାକୁ ଯୋଗ୍ୟ ହୋଇଥିବା ଯୁବକ-ଯୁବତୀଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ପାଇଁ ସଚେତନ କରାଯାଉଛି। ଏହାଦ୍ୱାରା ଯୋଗ୍ୟ ଯୁବ ଭୋଟରମାନେ ଯେପରି ପଞ୍ଜୀକରଣରୁ ବାଦ୍ ନପଡ଼ନ୍ତି ଏବଂ ନିଜର ମତଦାନ ଅଧିକାର ପାଇପାରନ୍ତି, ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ ହୋଇନାହିଁ, ସେମାନେ ସ୍ୱତନ୍ତ୍ର ଶିବିରରେ ଫର୍ମ-୬ ଦାଖଲ କରି ନାମ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏଥିସହ ନାଗରିକମାନେ ନିଜ ନାମ ଭୋଟର ତାଲିକାରେ ଅଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରିପାରିବେ। ଭୋଟର ତାଲିକା ସମ୍ପର୍କିତ କୌଣସି ଅଭିଯୋଗ, ତ୍ରୁଟି କିମ୍ବା ସହାୟତା ଆବଶ୍ୟକ ହେଲେ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀ, ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ କିମ୍ବା ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। “ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଭୋଟ୍‌ର ଅଧିକାର ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ” — ଏହି ବାର୍ତ୍ତା ମାଧ୍ୟମରେ ଭୋଟର ତାଲିକାରେ ସମସ୍ତ ଯୋଗ୍ୟ ନାଗରିକଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

## ସୁରଭି କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନ, ୧୪/୧୦ (ନି.ପ୍ର): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ବିରାଶାଳ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗତ ୧୨ ତାରିଖରେ ବନ୍ଧାଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଙ୍କଡ଼ାହାଡ଼ ବ୍ଲକ୍ ଅଧକ୍ଷା ଶ୍ରୀମତୀ ଚାରୁଲତା ମିଶ୍ର ଓ ମୁଖ୍ୟ ବକ୍ତା ଭାବରେ ସମାଜସେବୀ ରମେଶ ଚନ୍ଦ୍ର ମିଶ୍ର ଯୋଗ ଦେଇଥିବାବେଳେ ଉଦଯାପନ ଉତ୍ସବରେ ବିରାଶାଳ ସରପଂଚ ଶ୍ରୀମତୀ ରୁକ୍ମିଣୀ ସେଠୀ ଓ ସମାଜସେବୀ ଅଭିମନ୍ୟୁ ସେଠୀ ଯୋଗଦେଇଥିଲେ। ଏହି ଉତ୍ସବରେ ଚଢେଇରଗଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି। ବିଶେଷ ଭାବରେ ପି ଏମ୍ ପୋଷଣ ଶିଳ୍ପକଳାରେ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର ସବ୍ୟସାଚୀ ଦେହୁରୀଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ ସ୍ତରକୁ ମନୋନୀତ ହୋଇଥିବା ବେଳେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ନେଇ ହୋଇଥିବା ଦଳଗତ ନୃତ୍ୟରେ ବିଦ୍ୟାଳୟର ଛାତ୍ରୀମାନେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ଶେଷ ଦିନ ପ୍ରଚାରରେ ସାମିଲ ହେଲେ ଅଭିନେତ୍ରୀ: ୪୯ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୪୬୯ ଭୋଟର

ଖଇରା, ୧୪/୧୦ (ନି.ପ୍ର): ପ୍ରସିଦ୍ଧ ଖଇରା ମହାବିଦ୍ୟାଳୟରେ ଚଳିତ ବର୍ଷର କଲେଜ ନିର୍ବାଚନ ରୋମାଞ୍ଚକର ସ୍ଥିତିରେ ପହଞ୍ଚିଛି । ଏବିଭିପି ଓ ବିସିଜେଡି ପ୍ରାର୍ଥୀଙ୍କ ମଧ୍ୟରେ କଡା ମୁକାବିଲା ଦେଖିବାକୁ ମିଳୁଛି । ଏନଏସୟୁଆଇର ପ୍ରାର୍ଥୀ ମାନେ ମଧ୍ୟ ପ୍ରଚାରରେ ପଛରେ ପଡି ନାହାଁନ୍ତି । ଶେଷଦିନରେ ଏବିଭିପି ପାଇଁ ପୁନମ ମିଶ୍ର ଓ ବିସିଜେଡି ପାଇଁ ଅଭିନେତ୍ରୀ ତୃପ୍ତି ସିହ୍ନା ପ୍ରଚାର ମଇଦାନ କୁ ଓହ୍ଲାଇବା ପରେ ମୁକାବିଲା ଆହୁରି ତିବ୍ର ହୋଇ ପଡିଛି । ପ୍ରଚାର ଶୋଭାଯାତ୍ରାକୁ ନେଇ ଉଭୟ ସଙ୍ଗଠନ ମୁହାଁମୁହିଁ ପରିସ୍ଥିତିକୁ ଆସି ଯାଇଥିବା ବେଳେ ଖଇରା ପୋଲିସ



ପରିସ୍ଥିତିକୁ ଶାନ୍ତ କରିଛି । ଗୁରୁବାର ଏହି ନିର୍ବାଚନରେ ୧ହଜାର ୪୬୯ଜଣ ଛାତ୍ର ଭୋଟର ୪୯ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ଜଣାଯାଇଛି । ଚଳିତ କଲେଜ ନିର୍ବାଚନରେ ଏବିଭିପିରୁ ସଭାପତି ପ୍ରାର୍ଥୀ ଭାବେ ଶ୍ରୀତମ ଦାସ, ସାଧାରଣ ସମ୍ପାଦକ ଭାବେ ମାନସ ପ୍ରିତମ ଲେଙ୍କା, ଉପସଭାପତି ଭାବେ ଲିଜା ଜେନା,ସହ-ସମ୍ପାଦକ ଭାବେ ସଙ୍ଗିତା ନାୟକ ଓ ବିସିଜେଡିରୁ ସଭାପତି ପ୍ରାର୍ଥୀ ଭାବେ ଲକ୍ଷ୍ମୀପ୍ରିୟା ଜେନା,ସାଧରଣ ସମ୍ପାଦକ ପ୍ରାର୍ଥୀ ଭାବେ ଆଶିଷ ସବ୍ୟସାଚୀ ଲେଙ୍କା,ଉପସଭାପତି ପ୍ରାର୍ଥୀ ଭାବେ ଦିପକ କୁମାର ଜେନା,ସହ-ସମ୍ପାଦକ ଭାବେ ପ୍ରଦୀପ କୁମାର ପଣ୍ଡା ନିର୍ବାଚନ ଲଢୁଛନ୍ତି । ସେହିଭଳି ଏନଏସୟୁଆଇରୁ ସଭାପତି ପ୍ରାର୍ଥୀ ଭାବେ ଗୀତାଞ୍ଜଳୀ ବେହେରା, ସାଧାରଣ ସମ୍ପାଦକ ଭାବେ ତପସ୍ୱିନୀ ବେହେରା, ଉପସଭାପତି ଭାବେ ହରପ୍ରିୟା ବାରିକ,ସହ-ସମ୍ପାଦକ ପ୍ରାର୍ଥୀ ଭାବେ ଲୋପାମୁଦ୍ରା ସେଠୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି । କ୍ଲାସରୁମ ଛଡା ଭୋଟରଙ୍କୁ ଆକୃଷ୍ଟ କରିବାକୁ ୩ ସଙ୍ଗଠନ ବିରିଆନୀ,ଚାଉମିନ, ଗୁପଚୁପ ଖାଦ୍ୟର ଥୋପ ଦେଉଛନ୍ତି । ବୁଧବାର ଶେଷ ଦିନ ଶେଷ ମୁହୁର୍ତ୍ତରେ ଏବିଭିପି ପାଇଁ ପୁନମ ମିଶ୍ର ଓ ବିସିଜେଡି ପାଇଁ ଅଭିନେତ୍ରୀ ତୃପ୍ତି ସିହ୍ନା ପ୍ରଚାର କରିବା ପରେ ପିଲାମାନେ ଉତ୍ସାହିତ ହୋଇ ପଡିଛନ୍ତି । ସେହିଭଳି ଏନଏସୟୁଆଇ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ସମର୍ଥକ ମାନଙ୍କ ତରଫରୁ ବାଇକ ରାଲି କରାଯାଇଛି । ଗୁରୁବାର ଭୋଟ ଗଣତି ପରେ ସବୁ କିଛି ପରିସ୍କାର ହୋଇଯିବ ।

# ଖଣି ବିଭାଗର ରେଡ୍: ୪ଟି ବାଲି ବୋଝେଇ ଟ୍ରାକ୍ଟର ଜବତ

ବାଲିଆପାଳ , ୧୪/୧୦ (ନି.ପ୍ର): ଆକ୍ସନ ମୋଡ୍ରେ ଖଣି ବିଭାଗ ଅଧିକାରୀ। ପଶ୍ଚିମବଙ୍ଗକୁ ବେଆଇନ ବାଲି ଚାଲାଣ ବେଳେ ମାଡ଼ି ବସିଲେ ଖଣି ଅଧିକାରୀ। ଅଚାନକ ଚଢ଼ାଉ କରି ୪ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କଲା ଖଣି ବିଭାଗ। ଜଳେଶ୍ୱର ଅଞ୍ଚଳର ଦହମୁଣ୍ଡା ନିକଟ ସୁବର୍ଣ୍ଣରେଖା ନଦୀପଠାରୁ ଦୀର୍ଘଦିନ ଧରି ବେଆଇନ ବାଲି ଉତ୍ତୋଳନ କରି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଖଣି ବିଭାଗର ଏହି ଚଢ଼ାଉକୁ ନେଇ ବାଲି ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ବେଆଇନ ବାଲି ଚାଲାଣ ଉପରେ ଖଣି ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ। ସୁବର୍ଣ୍ଣରେଖା ନଦୀପଠାରୁ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବା ବେଳେ ଖଣି ବିଭାଗ ଅଧିକାରୀମାନେ ଅଚାନକ ଚଢ଼ାଉ କରି ୪ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ସୂଚନା ଅନୁଯାୟୀ, ଜଳେଶ୍ୱର ଅଞ୍ଚଳର ଦହମୁଣ୍ଡା ନିକଟ ସୁବର୍ଣ୍ଣରେଖା ନଦୀପଠାରୁ ଦୀର୍ଘଦିନ ଧରି ବାଲି ଓ ମାଟି ଉତ୍ତୋଳନ କରି ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିବା ଅଭିଯୋଗ ରହିଛି। ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଓ ମାଟି ଚାଲାଣ ହେଉଥିବାରୁ ଏହାଦ୍ୱାରା ମାଫିଆମାନେ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଥିବା କୁହାଯାଉଛି। ଏ ସମ୍ପର୍କରେ ଖବର ପାଇ ଖଣି ବିଭାଗର ଜୁନିୟର ଅଧିକାରୀ ଜଗନ୍ନାଥ ଦାସ ଓ ଅଭିଷେକଙ୍କ ନେତୃତ୍ୱରେ ଅଧିକାରୀମାନେ ଦହମୁଣ୍ଡା ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ବାଲି ବୋଝେଇ ୪ଟି ଟ୍ରାକ୍ଟରକୁ ଜବତ କରି କମର୍ଦ୍ଦା ଥାନାରେ ଜିମା ଦିଆଯାଇଛି। ଦୀର୍ଘଦିନ ଧରି ଚାଲିଥିବା ବେଆଇନ ବାଲି ଓ ମାଟି ଚାଲାଣ ଉପରେ ଖଣି ବିଭାଗର ଏହି ଅଚାନକ ଚଢ଼ାଉକୁ ନେଇ ବାଲି ମାଫିଆଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଏହି ଚଢ଼ାଉ ପରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଉପରେ କେତେ ମାତ୍ରାରେ ରୋକ୍ ଲାଗୁଛି, ତାହା ଏବେ ଦେଖିବାର କଥା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କଳିଙ୍ଗନଗରରେ ୪୬ଟି ପ୍ରକଳ୍ପର...

ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହେଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜେପି ସରକାର ଯାହା କହିଛି, ତାହାକୁ କାମରେ କରି ଦେଖାଇଛି । ଶିଳ୍ପାୟନକୁ କେବଳ ଘୋଷଣାରେ ସୀମିତ ନରଖି ଏହାର ବାସ୍ତବ ରୂପାୟନ ଉପରେ ସରକାର ଗୁରୁତ୍ୱ ଦେଉଛି ବୋଲି ସେ ଦାବି କରିଛନ୍ତି । ଉତ୍କର୍ଷ ଓଡ଼ିଶା ସମେତ ରାଜ୍ୟ ଭିତରେ, ଦେଶର ଅନ୍ୟ ଅଞ୍ଚଳରେ ଏବଂ ବିଦେଶରେ ଆୟୋଜିତ ନିବେଶକ ସମ୍ମିଳନୀରେ ଓଡ଼ିଶା ପାଇଁ ବିପୁଳ ପୁଞ୍ଜିନିବେଶ ପ୍ରସ୍ତାବ ଆସୁଛି । ତେବେ ଏହି ପ୍ରସ୍ତାବଗୁଡ଼ିକ କେତେ ମାତ୍ରାରେ ବାସ୍ତବ ରୂପ ନେଉଛି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଘୋଷିତ ନିବେଶକୁ ପ୍ରକୃତ ଶିଳ୍ପ ପ୍ରକଳ୍ପରେ ପରିଣତ କରିବା ଏବଂ ନିଯୁକ୍ତି ସୃଷ୍ଟି କରିବା ହିଁ ରାଜ୍ୟର ଶିଳ୍ପ ବିକାଶର ସଫଳତା ନିର୍ଣ୍ଣୟ କରିବ ।

## ସ୍ୱାମୀଙ୍କୁ ମାରି ନୀଳ...

ତଥ୍ୟକୁ ମଧ୍ୟ କୋର୍ଟରେ ଉପସ୍ଥାପନ କରିଥିଲେ। ସରକାରୀ ଓକିଲ ଉଭୟଙ୍କ ମୃତ୍ୟୁଦଣ୍ଡ ଭଳି କଠୋର ଶାସ୍ତି ପାଇଁ ଦାବି କରୁଥିବା ବେଳେ ପ୍ରତିପକ୍ଷ ଓକିଲ ଏହାକୁ ୧୦ରୁ ୨୦ ବର୍ଷ ମଧ୍ୟରେ ସୀମିତ ରଖିବାକୁ ଯୁକ୍ତି ଉପସ୍ଥାପନ କରିଥିଲେ। ହେଲେ ବିଚାରପତି ପ୍ରତିପକ୍ଷ ଓକିଲଙ୍କ ସମସ୍ତ ଦାବିକୁ ଅଗ୍ରାହ୍ୟ କରି ମୁସ୍କାନ ଓ ସାହିଲଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବାକୁ କହିଛନ୍ତି। ଆଇନଜୀବୀ କ୍ରିଷ୍ଣ କୁମାର ଚୌବେ କହିଛନ୍ତି ଯେ “ଏହି ରାୟ ଗୋଟିଏ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଏମିତି ହେବା ଦରକାର। କୋର୍ଟ ମାମଲା ସହ ଜଡ଼ିତ ଲୋକଙ୍କ ଭାବନାକୁ ସମ୍ମାନ ଜଣାଇ ରାୟ ଦେଇଛି। ଏହା ଗୋଟିଏ ଚମତ୍କାର ରା।” ସୌରଭଙ୍କୁ ବାହା ହୋଇଥିଲେ ମଧ୍ୟ ସାହିଲଙ୍କ ସହ ଅନୈତିକ ସମ୍ପର୍କରେ ମାତିଥିଲା ମୁସ୍କାନ। ଏଥିପାଇଁ ସେ ସ୍ୱାମୀଙ୍କୁ ସବୁ ଦିନ ପାଇଁ ନିଜ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା। ଯୋଜନା ଅନୁସାରେ ଉଭୟ ୨୦୨୫ ମାର୍ଚ୍ଚ ୩ରେ ସୌରଭଙ୍କୁ ପ୍ରଥମେ ଡ୍ରଗ୍ସ ଦେବା ପରେ ଛୁରୀ ଭୁଷି ହତ୍ୟା କରିଥିଲେ। ଏହାପରେ ମୃତଦେହକୁ ଖଣ୍ଡଖଣ୍ଡ କରି ଗୋଟିଏ ନୀଳ ଡ୍ରମରେ ଭର୍ତ୍ତି କରି ସିମେଣ୍ଟ ଦ୍ୱାରା ସିଲ କରିଥିଲେ। ହତ୍ୟାକାଣ୍ଡ ପରେ ସେମାନେ ହିମାଚଳ ପ୍ରଦେଶର ଶିମଲାକୁ ହନିମୁନ ପାଇଁ ଚାଲି ଯାଇଥିଲେ। ସେଠାରେ ଛୁଟି କାଟି ପ୍ରାୟ ୧୫ ଦିନ ପରେ ଉଭୟ ଫେରିବା ପରେ ପୁଲିସ୍ ଦ୍ୱାରା ଗିରଫ ହୋଇଥିଲେ। ହିମାଚଳ ଟ୍ରିପରୁ ଉଭୟ ମାର୍ଚ୍ଚ ୧୭ରେ ଫେରିଥିଲେ। ଏହାପରେ ଡ୍ରମ ସହ ଖଣ୍ଡବିଖଣ୍ଡିତ ମୃତଦେହକୁ ଅନ୍ୟତ୍ର ଫିଙ୍ଗିବା ପାଇଁ ଚାହିଁଥିଲେ। ଦିନକ ପରେ ସେମାନେ କିଛି ଶ୍ରମିକଙ୍କୁ ଘରକୁ ଡାକିଥିଲେ ଓ ସେମାନଙ୍କୁ ଡ୍ରମକୁ ଘରୁ ବାହାର କରି ଅନ୍ୟତ୍ର ଫିଙ୍ଗି ଦେବାକୁ କହିଥିଲେ। କିନ୍ତୁ ଡ୍ରମର ଓଜନ ଅଧିକ ଥିବାରୁ ଘରକୁ ଆସିଥିବା ଶ୍ରମିକମାନେ ଏହାକୁ ଉଠାଇ ପାରି ନଥିଲେ। ତଥାପି ସେମାନେ ଡ୍ରମକୁ ଟେକାଟେକି କରିଥିଲେ। ଏତିକେ ବେଳେ ଡ୍ରମର ଉପର ଭାଗ ଖୋଲି ଯାଇଥିଲା। ତୁରନ୍ତ ଡ୍ରମରେ ଅଧା ପଚି ଯାଇଥିବା ସୌରଭଙ୍କ ଖଣ୍ଡବିଖଣ୍ଡିତ ମୃତଦେହର ଗନ୍ଧ ପୂରା ପରିବେଶରେ ଖେଳି ଯାଇଥିଲା। ଶ୍ରମିକମାନେ ଡ୍ରମକୁ ଉଠାଇବାରେ ବିଫଳ ହୋଇଥିବା ବେଳେ ଗନ୍ଧ ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ସେମାନେ କାମ ନ କରି ସେଠାରୁ ତୁରନ୍ତ ଚାଲି ଯାଇଥିଲେ। ଏସବୁ ଦେଖି ମୁସ୍କାନ ପୂରା ଡରି ଯାଇଥିଲା। ସେ ତୁରନ୍ତ ସେଠାରୁ ନିଜ ବାପା ମା’ଙ୍କ ଘରକୁ ଚାଲି ଯାଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ସୌରଭଙ୍କ ଭଉଣୀ ଓ ଭିଣୋଇଙ୍କୁ ହତ୍ୟା ଘଟଣାରେ ଫସାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ବାପା ମା’ ବାରମ୍ବାର ପଚାରିବାରୁ ମୁସ୍କାନ କହିଥିଲେ ଯେ ସାହିଲ ସହ ମିଶି ସେ ସୌରଭଙ୍କୁ ହତ୍ୟା କରିଥିଲା। ମୁସ୍କାନ ଓ ସୌରଭ ୨୦୧୬ରେ ପ୍ରେମ ବିବାହ କରିଥିଲେ। କିନ୍ତୁ ସେମାନଙ୍କ ଖୁସି ଖୁବ କମ ଦିନ ପାଇଁ ରହିଥିଲା। ସୌରଭ ୨୦୨୧ରେ ମୁସ୍କାନର ସମ୍ପର୍କ ଆଉ କାହା ସହ ରହିଥିବା ଜାଣିବାକୁ ପାଇଥିଲେ। ସେ ଘରେ ନଥିବା ବେଳେ ମୁସ୍କାନ ଓ ସାହିଲ ଏକାଠି ସମୟ କାଟୁଥିଲେ। ଉଭୟଙ୍କୁ ଏକଦା ଫ୍ଲାଟର ମାଲିକ ଆପତ୍ତିଜନକ ଅବସ୍ଥାରେ ଦେଖି ସୌରଭଙ୍କୁ ଜଣାଇଥିଲେ। ମୁସ୍କାନର ପରିବାର ଲୋକ ଦାବି କରିଥିଲେ ଯେ ସାହିଲ ହିଁ ତାଙ୍କ ଝିଅକୁ ନିଶା ଖାଇବା ଶିଖାଇଥିଲା।

## ଆଜି ଛାତ୍ର ସଂସଦ...

ଏହା ହେଉଛି ପ୍ରାର୍ଥୀଙ୍କ ପାଇଁ ଭୋଟରମାନଙ୍କୁ ପ୍ରଭାବିତ କରିବାର ଶେଷ ସୁଯୋଗ। ଗତ ୭ ତାରିଖରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ କ୍ୟାମ୍ପସ୍ ରାଜନୀତି ସରଗରମ ହୋଇଛି। ରାଜ୍ୟର ତିନି ପ୍ରମୁଖ ଛାତ୍ର ସଂଗଠନ ଏବିଭିପି, ବିସିଜେଡି ଏବଂ ଏନଏସ୍‌ୟୁଆଇ ପକ୍ଷରୁ କଲେଜ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଛକାପଞ୍ଝା ସ୍ଥିତି ଦେଖିବାକୁ ମିଳିଛି। କଲେଜ ଭିତ୍ତିଭୂମିର ଉନ୍ନତିକରଣ ସହ ବିଭିନ୍ନ ପ୍ରସଙ୍ଗ ଧରି ଛାତ୍ରଛାତ୍ରୀଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ ମଙ୍ଗଳବାର ଜମିଥିଲା ଶେଷ ଦିନର ପ୍ରଚାର। ରାଜ୍ୟର କିଛି ଶିକ୍ଷାନୁଷ୍ଠାନରେ ହିଂସା କାରଣରୁ ଛାତ୍ର ସଂସଦ ନିର୍ବାଚନକୁ ବାତିଲ୍ କରାଯାଇଥିବା ବେଳେ ଅନେକ ସ୍ଥାନରେ ଶିକ୍ଷାନୁଷ୍ଠାନରେ ବିଶୃଙ୍ଖଳା ରୋକିବାକୁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି।

## ରେଳ କର୍ମଚାରୀଙ୍କୁ ...

ଷ୍ଟେସନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ସହାୟକ, ପଏଣ୍ଟସମ୍ୟାନ୍, ମନ୍ତ୍ରୀସ୍ତରୀୟ କର୍ମଚାରୀ ଓ ଅନ୍ୟାନ୍ୟ ଗ୍ରୁପ୍ ‘ସି’ କର୍ମଚାରୀମାନେ ବୋନସ ପାଇବେ। ୨୦୨୫-୨୬ ବର୍ଷରେ ରେଳବାଇର ପ୍ରଦର୍ଶନ ବହୁତ ଭଲ ଥିଲା। ରେଳବାଇ ୧୬୭୦ ନିୟୁତ ଟନ୍ ରେକର୍ଡ କାର୍ଗୋ ଲୋଡ୍ କରିଥିଲା। ସେହିପରି ପ୍ରାୟ ୭୪୧ କୋଟି ଯାତ୍ରୀ ଟ୍ରେନ ସେବା ଉପଭୋଗ କରିଥିଲେ। ରେଳବାଇ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାକୁ ସମ୍ମାନ ଜଣାଇ ସରକାରଙ୍କ ପକ୍ଷରୁ ଏପରି ବୋନସ ସବୁ ବର୍ଷ ଭଳି ଏଥର ମଧ୍ୟ ଘୋଷଣା ହୋଇଛି।

## ନଭେମ୍ବର ନିର୍ବାଚନ ଉପରେ...

ଜାହାଜ ଚଳାଚଳ ହ୍ରାସ ପାଇବା ସହ ବୀମା ଓ ପରିବହନ ଖର୍ଚ୍ଚ ବଢ଼ିବାର ଆଶଙ୍କା ରହିଛି। ଇରାନୀ ଅଧିକାରୀଙ୍କ ଅନୁସାରେ, ପ୍ରାୟ ୧୦ ଦିନ ପୂର୍ବରୁ ଜାହାଜ ଉପରେ ଚାପ ବଢ଼ାଇବା ପାଇଁ ନୂଆ ରଣନୀତି ଆରମ୍ଭ ହୋଇଛି। ଆମେରିକା ଓ ତା’ର ସହଯୋଗୀ ଦେଶଗୁଡ଼ିକ ତେଲ ଦର କମାଇବାକୁ ଚେଷ୍ଟା କରୁଥିବାବେଳେ ଇରାନ ଏହାକୁ ବିଫଳ କରିବାକୁ ଚାହୁଁଛି। ତେଲ ଦର ହ୍ରାସ ପାଇବାକୁ ଲାଗିଲେ ପୁଣି ଚାପ ବଢ଼ାଇବା ଏହି ରଣନୀତିର ଅଂଶ ବୋଲି ଜଣେ ଅଧିକାରୀ କହିଛନ୍ତି। ଆମେରିକୀୟ ସାମରିକ ଅଧିକାରୀଙ୍କ ଅନୁସାରେ, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ ଛୋଟ ଡଙ୍ଗାରେ ନିରସ୍ତ୍ର ନିରୀକ୍ଷକଙ୍କୁ ପଠାଇ ଜାହାଜଗୁଡ଼ିକର ଗତିବିଧି ଉପରେ ନଜର ରଖୁଛି। ଗତ ୪୮ ଘଣ୍ଟାରେ ଟ୍ୟାଙ୍କର୍ ଓ ବାଣିଜ୍ୟିକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ସମେତ ଅତି କମ୍‌ରେ ପାଞ୍ଚଟି ଘଟଣା ଘଟିଥିବା ସୂଚନା ମିଳିଛି। ଓମାନ ଉପସାଗର ଏବଂ କତାର ଓ ୟୁଏଇ ଉପକୂଳ ନିକଟରେ ମଧ୍ୟ ବିପଦ ବଢ଼ିଛି। ଆମେରିକାରେ ନଭେମ୍ବରରେ ହେବାକୁ ଥିବା ମଧ୍ୟାବଧି ନିର୍ବାଚନ ପୂର୍ବରୁ ଏହି ସଙ୍କଟ ରାଜନୈତିକ ଗୁରୁତ୍ୱ ମଧ୍ୟ ବହନ କରୁଛି। ଆମେରିକା ଇରାନୀ ବନ୍ଦର ଉପରେ ଚାପ ବଢ଼ାଉଥିବାବେଳେ ଇରାନ ତୈଳ ବଜାରକୁ ପ୍ରଭାବିତ କରିବାକୁ ଚାହୁଁଛି। ଭାରତ ଭଳି ତୈଳ ଆମଦାନି ଉପରେ ନିର୍ଭରଶୀଳ ଦେଶ ପାଇଁ ଏହା ଚିନ୍ତାର ବିଷୟ। ଅନ୍ତର୍ଜାତୀୟ ବଜାରରେ ତେଲ ଦର ବଢ଼ିଲେ ପେଟ୍ରୋଲ, ଡିଜେଲ ଓ ପରିବହନ ଖର୍ଚ୍ଚ ଉପରେ ଚାପ ପଡ଼ିପାରେ। ଏହାର ପ୍ରଭାବରେ ଖାଦ୍ୟସାମଗ୍ରୀ ସମେତ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀର ଦର ମଧ୍ୟ ବଢ଼ିବାର ଆଶଙ୍କା ରହିଛି। ଏବେ ସମସ୍ତଙ୍କ ନଜର ହର୍ମୁଜ୍ ପ୍ରଣାଳୀ ଉପରେ। ଯଦି ଏହି ମାର୍ଗରେ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୁଏ, ତେବେ ବିଶ୍ୱ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡ଼ିପାରେ। ତେବେ ତେଲ ଦର କେତେ ବଢ଼ିବ ଏବଂ ଭାରତରେ ଏହାର ପ୍ରକୃତ ପ୍ରଭାବ କ’ଣ ହେବ, ତାହା ଆଗାମୀ ପରିସ୍ଥିତି ଉପରେ ନିର୍ଭର କରିବ।

## ଜେଲରେ ସିଜେପି ...

ଦୁଇ ସିଜେପି ସଦସ୍ୟଙ୍କ ଗିରଫକୁ ନିନ୍ଦା କରିବା ସହ ଏହାକୁ ଭୀରୁତା ବୋଲି ସେ ସୋସିଆଲ ମିଡିଆରେ ଲେଖିଛନ୍ତି । ଏହାପରେ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ରାହୁଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରତିବାଦର ସ୍ୱରକୁ ଦମନ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି । ପ୍ରତିବାଦ ପ୍ରଦର୍ଶନ ପାଇଁ ଜନ୍ତରମନ୍ତର ଉପରେ କଟକଣା ଲାଗିବା ପରେ ଆନ୍ଦୋଳନ ଆହୁରି ତୀବ୍ର ହୋଇଛି । ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଜନ୍ତରମନ୍ତରକୁ ପୁନର୍ବାର ଦଖଲ କରିବାକୁ ଉଦ୍ୟମ କରିଥିଲେ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ଏସ୍‌ଏଫ୍‌ଆଇ ଓ ଡିୱାଇଏଫ୍‌ଆଇ ଭଳି ସଂଗଠନ। ଏହି ସମୟରେ ପୁଲିସ ସହ ଆନ୍ଦୋଳନକାରୀଙ୍କ ମୁହାଁମୁହିଁ ହୋଇଥିଲା । ପାର୍ଲାମେଣ୍ଟ ଷ୍ଟ୍ରିଟ୍ ପୁଲିସ ଷ୍ଟେସନ ରୋଡ୍ ଓ ଫିରୋଜ ଶାହ ରୋଡ୍‌ରେ ଉତ୍ତେଜନା ପ୍ରକାଶ ପାଇବା ପରେ ପୁଲିସ ଅନେକ ଆନ୍ଦୋଳନକାରୀଙ୍କୁ ଅଟକ ରଖିଛି। ଇଣ୍ଡି ମେଣ୍ଟର ନେତାମାନଙ୍କ ସହ ଆଲୋଚନା ପରେ ରାହୁଲ ଗାନ୍ଧୀ ଆହତ ଛାତ୍ର ଓ ଯୁବ କଂଗ୍ରେସ କର୍ମୀଙ୍କ ସହ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଆନ୍ଦୋଳନ ସମୟରେ ପୁଲିସ ଆନ୍ଦୋଳନକାରୀଙ୍କୁ ଅଟକ ରଖି ନିର୍ଯାତନା ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏପରିକି ପୁଲିସର କାର୍ଯ୍ୟାନୁଷ୍ଠାନରେ ଜଣେ ଯୁବତୀ ଶ୍ରବଣ ଶକ୍ତି ହରାଇଥିବା ମଧ୍ୟ ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗଗୁଡ଼ିକ ଉପରେ ପୁଲିସର ପ୍ରତିକ୍ରିୟା ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ, ଘୃଣାର ଜବାବ ପ୍ରେମରେ ଦିଆଯିବ ବୋଲି ଆନ୍ଦୋଳନକାରୀ ବାର୍ତ୍ତା ଦେଇଛନ୍ତି । ସିଜେପି ଆନ୍ଦୋଳନ ସମୟରେ ବେଆଇନ ଅଟକ ଓ ଆକ୍ରମଣ ଅଭିଯୋଗ ସହ ମେଟ୍ରୋ ବନ୍ଦ ନିଷ୍ପତ୍ତିକୁ ନେଇ ଦାୟର ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଆସନ୍ତାକାଲି ହୋଇପାରେ। ଏହି ଶୁଣାଣିରେ କୋର୍ଟ କ’ଣ ନିର୍ଦ୍ଦେଶ ଦେଉଛନ୍ତି, ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ମିଳିତ ପୋଲିସ...

ପ୍ରାର୍ଥିନୀ/ ପ୍ରାର୍ଥୀଙ୍କ ସମେତ) ଓୟୁଏସଏସଏସସି ଥଏଚଟିଟିପିଏସ୍ ://ଓୟୁଏସଏସଏସସି.ଓଡ଼ିଶା.ଜିଓଭି.ଇନ୍ ଧ ରେ ଲଗ୍ ଇନ୍ ପୂର୍ବକ ତା ୧୫.୧୦.୨୦୨୬ ରିଖ (ପୂର୍ବାହ୍ନ ୧୦ ଘଣ୍ଟା) ଠାରୁ ତା ୨୯-୧୦-୨୦୨୬ ରିଖ (ରାତ୍ର ୧୦ ଘଂଟା) ମଧ୍ୟରେ ନିଜର ତଥ୍ୟ ଅପଡେଟ୍ / ବୈଧିକରଣ (ଭାଲିଡେସନ୍) ନିମନ୍ତେ ଜଣାଇ ଦିଆଯାଇଛି । ଏହି ଅଦ୍ୟତନୀକୃତ/ବୈଧୀକୃତ ତଥ୍ୟକୁ ପରୀକ୍ଷାର ସମସ୍ତ ପରବର୍ତ୍ତୀ ପର୍ଯ୍ୟାୟ ଏବଂ ସମ୍ବନ୍ଧିତ କାର୍ଯ୍ୟ ପାଇଁ ଚୂଡ଼ାନ୍ତ ବୋଲି ବିବେଚନା କରାଯିବ । ସମସ୍ତ ପ୍ରାର୍ଥିନୀ/ ପ୍ରାର୍ଥୀଙ୍କୁ ଉପର ଲିଖତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ନିମନ୍ତେ ଅବଗତ କରାଯାଇଛି।

ଗୁରୁବାର, ଅକ୍ଟୋବର ୧୫, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲାସ୍ତରୀୟ ମହକ ଓ ଉତ୍ସାହ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାଲେଶ୍ୱର, ୧୪/୧୦ (ନି.ପ୍ର): ଆଜି ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଶିଶୁ ଯତ୍ନ ଗୃହ ଶିଶୁ ମାନଙ୍କ ପାଇଁ ଦ୍ୱି ଦିବଶୀୟ ମହକ ଓ ଉତ୍ସାହ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଭୀମପୁରା ଠାରେ ଥିବା ସ୍ପୋର୍ଟ୍ସ ହଷ୍ଟେଲ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିବା ସହିତ ଆଶ୍ରମ ର ପିଲାମାନଙ୍କୁ ମହକ ଓ ଉତ୍ସାହ ବିଷୟରେ ବିଭିନ୍ନ ଉଦାହରଣ ମାଧମରେ ଅଭିଭାଷଣ ପ୍ରଦାନ କରିବା ସହିତ ଉତ୍ସାହିତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହୀର ଅଧକ୍ଷତା କରିବା ସହିତ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନା ରାଣୀ ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼କ୍ଟର ବସନ୍ତ କୁମାର ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ବୁଢ଼ାନ ହେମ୍ବ୍ରମ, ଶିଶୁ ମଙ୍ଗଳ କମିଟି ଅଧକ୍ଷା ଶ୍ରୀମତୀ ସ୍ନିଗ୍ଧା ଦାସ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଶ୍ରୀଯୁକ୍ତ ପ୍ରକାଶ ମହାପାତ୍ର ଓ ପୂର୍ବତନ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗ ଦେଇ ଅନ୍ତେବାସୀ ମାନଙ୍କୁ ମହକ ଓ ଉତ୍ସାହ କାର୍ଯ୍ୟକ୍ରମ ବିଷୟରେ ମତାମତ ରଖିଥିଲେ। ସଭା ପରେ ମୁଖ୍ୟ ଅତିଥି ଙ୍କ ସମେତ ସମସ୍ତେ ଖେଳ ପଡିଆରେ ସମସ୍ତ ପ୍ରତିଯୋଗୀ ମାନଙ୍କ ସହିତ କର ମର୍ଦନ କଲା ପରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଫୁଟବଲ ମାରି ଏହି ଖେଳ କୁଦ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ୧୧ ଗୋଟି ଶିଶୁ ଅନୁଷ୍ଠାନ ର ଛାତ୍ର ଛାତ୍ରୀ ମାନଙ୍କ ସହିତ ଉକ୍ତ ଅନୁଷ୍ଠାନର କର୍ମଚାରୀ ମାନେ ଯୋଗ ଦେଇଥିଲେ । ଆଜି ଶିଶୁମାନଙ୍କ ପାଇଁ ଫୁଟବଲ୍, ୨୦୦ ମିଟର ଦୌଡ଼, ୧୦୦ ମିଟର ଦୌଡ଼, ହାଇ ଜମ୍ପ, ଲଙ୍ଗ ଜମ୍ପ, ଚେସ୍, କ୍ୟାରମ୍ ଆଦି ବିଭିନ୍ନ କ୍ରୀଡ଼ା ଓ ମନୋରଞ୍ଜନମୂଳକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଶିଶୁମାନଙ୍କ ମଧ୍ୟରେ ପ୍ରତିଭା, ଆତ୍ମବିଶ୍ୱାସ, ଦଳଗତ ଭାବନା, କ୍ରୀଡ଼ା ମନୋଭାବ ଓ ସୃଜନଶୀଳତାର ବିକାଶ ପାଇଁ ଏକ ଉତ୍ତମ ମଞ୍ଚ ପ୍ରଦାନ କରିଥିଲା। ଆସନ୍ତା କାଲି ସାଂସ୍କୃତିକ, କୁଇଜ, ବକ୍ତୃତା, ନାଚ, ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଶିଶୁସୁରକ୍ଷା ଅଧିକାରୀ ଜଣାଇଛନ୍ତି । ଶିଶୁ ସୁରକ୍ଷା ୟୁନିଟ ର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶ ଗ୍ରହଣ କରିବା ସହିତ ସୁଚାରୁ ରୂପେ ପସରିଚାଳନା କରିଥିଲେ ।

# ପାଠପଢ଼ାରେ ଡ଼ୋରି ବାନ୍ଧିଲେ ଇତି ମୁର୍ମୁ



ଉଦଳା , ୧୪/୧୦ (ନି.ପ୍ର): ଖୁଂଟା ବ୍ଲକର ବଡ଼ଫେଣି ପଂଚାୟତ ଅନ୍ତର୍ଗତ ବଡ଼ସାତଶୋଳ ଗ୍ରାମର ବାସିନ୍ଦା ଈଶ୍ୱରଚନ୍ଦ୍ର ମୁର୍ମୁଙ୍କର ୧୫ବର୍ଷ ବୟସର କନ୍ୟା ଇତି ମୁର୍ମୁ ଆଜକୁ ଗୋଟିଏ ବର୍ଷ ତଳୁ ପାଠପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହୋଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଖବର ନେବାରୁ ବାଲଲିମୁଣ୍ଡୁଲିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଇତି ନବମ ଶ୍ରେଣୀରେ ନାମ ଲେଖାଇଥିଲେ । କିନ୍ତୁ ଘରଠାରୁ ବିଦ୍ୟାଳୟ ପ୍ରାୟ ୭ କିମି ଦୁର ହୋଇଥିବାରୁ ଜଙ୍ଗଲରାସ୍ତା ପାରି ହୋଇ ନିୟମିତ ଯାତାୟତ କରି ପାଠପଢ଼ିବା ତାଙ୍କପକ୍ଷେ କଷ୍ଟକର ହୋଇ ପଡ଼ିଲା । ଫଳରେ ସେ ବାଧ ହୋଇ ପାଠପଢ଼ାରେ ଡ଼ୋରି ବାନ୍ଧିଦେଇଥିବାର କଥା ଜଣାଇଛନ୍ତି । ଇତିଙ୍କର ବଡ଼ଭଉଣୀ ମଧ ଠିକ୍ ଏହିଭଳି ସମସ୍ୟା ପାଇଁ ପାଠପଢ଼ାରେ ଡ଼ୋରି ବାନ୍ଧିଥିବାର କଥା କହିଛନ୍ତି । ଆଜକୁ ଗୋଟିଏବର୍ଷ ଧରି ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ଇତିଙ୍କୁ ବିଦ୍ୟାଳୟ ତରଫରୁ ଆଦୌ ଖୋଜା ମଧ ପଡ଼ିନାହିଁ । ତେବେ ବିଦ୍ୟାଳୟ ଖାତାରେ ତାଙ୍କର ନାମ ଗଡ଼ିଚାଲିଛି କି କଟିଯାଇଛି ତାହା ପରିବାର ଲୋକଙ୍କୁ ଜଣାନଥିବାର କଥା ଜଣାଇଛନ୍ତି । ବିଦ୍ୟାଳୟକୁ ପିଲାଏ ଆସନ୍ତୁ କି ନଆସନ୍ତୁ ସରକାରୀ ଫାଇଲ ଚାଷରେ ନିୟମିତ ସବୁପିଲା ଆସୁଛନ୍ତି ବୋଲି ଦର୍ଶାଯାଉଥିବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଛି । ଏହା ସରକାରୀ ବିଦ୍ୟାଳୟ ମାନଙ୍କରେ ଏକ ନିତିଦିନିଆ ଘଟଣା ବୋଲି କେତେକ କହିଛନ୍ତି । ତେବେ ଇତିଙ୍କ କ୍ଷେତ୍ରରେ ବାସ୍ତବ ଚିତ୍ର କଣ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି କୁହାଯାଉଛି । ଏଭଳି ପିଲାଙ୍କୁ ହଷ୍ଟେଲସିଟ ଦେଇ ପାଠପଢ଼ାରେ ବାନ୍ଧି ରଖିବା ପାଇଁ କୌଣସି ମହଲରେ ତତ୍ପରତା ପ୍ରକାଶ ନପାଇବା ଦୁଃଖଦାୟକ ବିଷୟ ବୋଲି ଅନେକ ମତ ଦେଇଛନ୍ତି । ତାଛଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳାଠାରେ ରହିଛି । ଅଥଚ ଇତିଙ୍କ ପରି ବିଭିନ୍ନ କାରଣରୁ ବହୁସଂଖ୍ୟାରେ ଆଦିବାସୀ ଛାତ୍ର ଛାତ୍ରୀ ଅଧାରୁ ପାଠପଢ଼ା ଛାଡୁଥିବାର ଦୃଶ୍ୟ ନିୟମିତ ଦେଖିବାକୁ ମିଳୁଛି । ଏଥିରୁ ଉକ୍ତ ପ୍ରକଳ୍ପର କାର୍ଯ୍ୟକଳାପ ଯେ ଆଦୌ ସନ୍ତୋଷଜନକ ନୁହେଁ ତାହା ବେଶ ସ୍ପଷ୍ଟ ବାରି ହୋଇ ପଡୁଛି । ଏହିବୟସର ପିଲା ପାଠଠାରୁ ଦୁରେଇଯିବା ଦ୍ୱାରା ବାଲ୍ୟ ବିବାହ ଦୃତଗତିରେ ବଢ଼ି ଚାଲିଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବବିଭିନ୍ନ ମହଲରେ ଦାବି ହେଉଛି ।

# ଅମର୍ଦ୍ଦାରୋଡ ସିଦ୍ଧେଶ୍ୱର ଡିଗ୍ରୀ କଲେଜରେ 'ହ୍ୱାଏ ଆଇ ଷ୍ଟାଣ୍ଡ ଫର ମିଟ' ପରେ ନିର୍ବାଚନ ଉଷ୍ମତା ବଢ଼ିଛି



ବସ୍ତା, ୧୪/୧୦ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତ ସ୍ଥିତ ସିଦ୍ଧେଶ୍ୱର ଡିଗ୍ରୀ କଲେଜରେ ସଂସଦ ନିର୍ବାଚନକୁ ନେଇ ଛାତ୍ର/ଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି।୧୫ ତାରିଖରେ ହେବାକୁ ଥିବା ନିର୍ବାଚନରେ ଛାତ୍ର ବିଜୁ ଜନତା ଓ ଏବିଭିପି ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ ହୋଇଛି। ବୁଧୁବାର ଛାତ୍ର ନେତାମାନେ ନିଜ ନିଜ ସମର୍ଥକମାନଙ୍କୁ ନେଇ ପୂଜାଅର୍ଚ୍ଚନା କରିଥିଲେ। ସେଠାରୁ ବିଜୁ ଛାତ୍ର ଜନତା ମାଦଳ ବଯାଇ ବିରାଟ ଶୋଭାଯାତ୍ରାରେ ଷ୍ଟେସନ ଠାରୁ ବାହାରି ବଜାର ପରିକ୍ରମା କରି କଲେଜ କେମ୍ପସକୁ ନିଜ ନିଜ ସମର୍ଥଙ୍କୁ ଧରି ଯାଇଥିଲେ। ଉଭୟ ଦଳର ବଡ଼ ବଡ଼ ପଦବୀ ଗୁଡିକ ହାତେଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଛି। ତେବେ ଛାତ୍ର ସଂସଦର ନେତାମାନେ ଜୋରସୋର ରେ ସକାଳ ଠାରୁ ପ୍ରାୟ ରାତ୍ରୀ ପର୍ଯ୍ୟନ୍ତ କଲେଜ ପରିସରରେ ଓ କଲେଜ ବାହାରେ ମେସ, ହଷ୍ଟେଲ ଓ ଛାତ୍ର/ଛାତ୍ରୀଙ୍କ ଘରକୁ ଘର ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଆଜି ସକାଳେ ୧୧ ଘଟିକା ସମୟରେ ହ୍ୱାଟ ଆଇ ଷ୍ଟାଣ୍ଡ ଫର ମିଟ ସମୟରେ ଉଭୟ ଦଳର ପ୍ରାର୍ଥୀମାନେ ନିଜ ଓ ନିଜ ଦଳ ଆଡକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଉଧାରଣ ଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜର ବ୍ୟକ୍ତବ ରଖିଥିଲେ। ଶାନ୍ତି ଶୃଙ୍ଖଳାର ସହିତ ହ୍ୱାଟ ଆଇ ଷ୍ଟାଣ୍ଡ ଫର ମିଟ ସମୟରେ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିଲା। ହେଲେ ଚଳିତ ବର୍ଷ ଦୁଇଦଳ ମଧ୍ୟରେ କିଏ ଜିତିବ କିଏ ହାରିବ ଜଣାପଡୁ ନଥିବା ବେଳେ ଉଭୟ ଦଳ ମୁଖ୍ୟ ପଦବୀ ଗୁଡିକୁ ହାତେଇବା ପାଇଁ ଉଭୟ ଦଳ କାହାକୁ ଆଇସକ୍ରିମ, ପାଣିବୋତଲ, ଗୁପଚୁପ,ଥଣ୍ଡା ଦେଇ ମେସ ମେସରେ ମାଂସ ଦେଇ ଭୋଟର ଭୋଟକୁ ହାତେଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ସୂଚନା ଥାଉ କି ଯେ, ପ୍ଲାଟଫରମ ସ୍ପିଚ ପୂର୍ବରୁ ମହାବିଦ୍ୟାଳୟର ଅଧକ୍ଷ ଓ ନିର୍ବାଚନ ପରିଚାଳନା ଦାଇତ୍ୱ ଥିବା ଅଧାପକ/ଅଧାପିକା ଚଳିତ ବର୍ଷର ନିର୍ବାଚନର ନୀତି ନିୟମ ଛାତ୍ର/ଛାତ୍ରୀଙ୍କୁ ଅବଗତ କରାଇଥିଲେ। ସମସ୍ତେ କହୁଛନ୍ତି ଆମେ ଜିତିବୁ। ତେବେ ୧୫ ତାରିଖ ଛାତ୍ର/ଛାତ୍ରୀମାନେ କାହା ଉପରେ ଶୁନା କଳସ ଢ଼ାଳିବେ ତାହା ଦେଖିବାକୁ ବାକିରହିଲା। ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କିପରି ନ ହେବ ସେଥିପାଇଁ ବସ୍ତା ଥାନ ଆଇଆଇସି ରଞ୍ଜିତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଅମର୍ଦାରୋଡ ଫାଣ୍ଡି ଅଧିକାରୀ ଏସ.ଆଇ ବିଜୟ କୁମାର ବାରିକ ସଦଳବଳେ ପେଟ୍ରୋଲିଙ୍ଗ ଜୋରଦାର କରିଥିବା ଦେଖିବାକୁ ମିଳିଛି।

# ଆବାସ ବଣ୍ଟନରେ ଦୁର୍ନୀତି ଅଭିଯୋଗରେ କଳମା ପଞ୍ଚାୟତବାସୀଙ୍କ ଧାରଣା



ବୈଶିଙ୍ଗା , ୧୪/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତରେ ଆବାସ ଦୂର୍ନୀତି ରେ ଯୋଗ୍ୟ ହିତାଧିକାରୀ ଚୟନ କରାନଯାଇ ଅଯୋଗ୍ୟ ଙ୍କ ନାମ ପଞ୍ଜିକରଣ କରାଯାଇଥିବା ପ୍ରତିବାଦରେ ପଞ୍ଚାୟତବାସୀ ମଙ୍ଗଳବାର ୧୩ ତାରିଖ ଦିନ ବ୍ଲକ ଆଗରେ ଅହୋରାତ୍ର ଧାରଣାରେ ବସି ରହିଥିଲେ । ଆଜି ଜିଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଡିଆରଡିଏ ର ଉଚ୍ଚପଦସ୍ଥ ଅଧିକାରୀ ଧାରଣା ସ୍ଥଳରେ ପହଞ୍ଚି ପ୍ରତିଶୃତି ଦେବାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା । ଖବର ରୁ ପ୍ରକାଶ କଳମା ପଞ୍ଚାୟତବାସୀ ଏକ ଲିଖିତ ଅଭିଯୋଗ ଜିଲ୍ଲାପାଳ ଙ୍କୁ ଦୂର୍ନୀତି ପ୍ରତିବାଦରେ ତା୨୫.୮.୨୬ରିଖରେ ଜଣାଇଥିଲେ । ଦେଢ ମାସ ପରେ କୌଣସି ସୁଫଳ ନ ମିଳିବାରୁ ପୁଣି ତା ୬.୧୦.୨୬ରିଖରେ ଆଉ ଏକ ସ୍ମାରକପତ୍ର ମାଧମରେ ତା ୧୩:୧୦:୨୬ରିଖ ଠାରୁ ବ୍ଲକ ସମ୍ମୁଖରେ ଧାରଣା ରେ ବସିବାର ଚେତାବନୀ ଦେଇଥିଲେ । ଏହି ଧାରଣା ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର , ବିଜେଡି ବ୍ଲକ ସଭାପତି ରାଜୀବ ରଞ୍ଜନ ସେନାପତି ପ୍ରମୂଖ ଧାରଣାରତ ଗ୍ରାମବାସୀ ଙ୍କୁ ସହଯୋଗ କରିଥିଲେ ।

# ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ଥାନାରେ ଦାବିପତ୍ର ଦେଲେ ପଞ୍ଚାୟତବାସୀ




ବାଲିଆପାଳ , ୧୪/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବେତଗଡିଆ ପଞ୍ଚାୟତର ଚାରିଟା ଚୋରା ମଦ ଦୋକାନ, ଗୋଟିଏ ଡ୍ରଗ୍ସ ଦୋକାନ ଏବଂ ଛକ ଛକରେ ଗଞ୍ଜେଇ ଭାଟି ଗୁଡିକର ମୂଳ ଉତ୍ପାଟନ ପାଇଁ ବୁଧବାର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ବାଲିଆପାଳ ଥାନାରେ ଦାବି ପତ୍ର ପ୍ରଦାନ କରିଛନ୍ତି। ସୁଚନାରୁ ପ୍ରକାଶ ଏହି ପଞ୍ଚାୟତରେ ଥିବା ଗାଁ ଗୁଡିକରେ ବହୁଳ ଭାବରେ ନିଶାଦ୍ରବ୍ୟ ବିକ୍ରୀ ହେଉଛି। ବିଶେଷ କରି ନରାଛକ ଠାରେ ଥିବା ନାରାୟଣପୁର ଗ୍ରାମରରେ ଏହାର ମାତ୍ର ଏତେ ପରିମାଣରେ ବଢି ଯାଇଛି ଯେ ଏବେ ଚିନ୍ତାରେ ସଚେତନ ଗ୍ରାମବାସୀ ଏବଂ ମହିଳା ମାନେ। ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ନିଶାଗ୍ରସ୍ତ ହୋଇ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ସହ ଚୋରି ଛିନ୍ନତାଇ ଡକାୟତି ପରି ଘଟଣା ବଢ଼ି ବଢ଼ି ଚାଲିଛି। ମା କୁ ପୁଅ ମାରୁଛି ତ ସ୍ତ୍ରୀ କୁ ସ୍ୱାମୀ। ଛାତ୍ର ମାନଙ୍କର ଏକରକମ ପାଠରେ ଡୋରି ଲାଗିଗଲାଣି। ଅଧିକାଂଶ ମହିଳା ମାନେ ତାଙ୍କର ଗହଣା ଗାଣ୍ଠି ବିକ୍ରି କରି ନିବାରଣ କେନ୍ଦ୍ରରେ ନିଶାଡି ମାନଙ୍କୁ ରଖିଆସୁଛନ୍ତି। କିଛି ମାସ ପରେ ପୁଣି ସମାନ କଥା ଘଟୁଛି। ନିଶାଗ୍ରସ୍ତ ହୋଇ ରାସ୍ତାରେ ଏମିତି ଗଣ୍ଡଗୋଳ କରୁଛନ୍ତି ରାସ୍ତା ଦେଇ ଶହେ ଆଠ ଗାଡ଼ି ମଧ ଯାଇପାରୁ ନାହିଁ। ଗ୍ରାମବାସୀ ଦୀର୍ଘ ଦିନ ଧରି ଥାନା, ଅବକାରୀ ବିଭାଗକୁ ଜଣାଇଆସୁଥିଲେ ମଧ ଫଳ ଶୂନ। ଏନେଇ ବାଲିଆପାଳ ଥାନାରେ ପହଞ୍ଚିଥିଲେ ଗ୍ରାମବାସୀ। ଦାବି ପତ୍ର ପ୍ରଦାନ ସମୟରେ ବାଲିଆପାଳ ଥାନାରେ ବସ୍ତା ଏସଡିପିଓ ସମର୍ଥ କୁମାର ବେହେରା ଘଟଣା ସମ୍ପର୍କରେ ବୁଝିଥିଲେ ଏବଂ ଦାବି ପତ୍ର ଗ୍ରହଣ କରି ନିଶ୍ଚିତ ଚୋରା ନିଶା କାରବାରକୁ ବନ୍ଦ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ସୁଚନା ଥାଉ କି ବାଲିଆପାଳ ଥାନା ସମେତ ବାଲେଶ୍ୱର ଏସପି ଏବଂ ଅବକାରୀ ବିଭାଗକୁ ଏକ ଦିନରେ ଦାବି ପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ।

# ଏନଆଇଏ କୋର୍ଟ ପାକିସ୍ତାନରେ ରହୁଥିବା ଆତଙ୍କବାଦୀଙ୍କୁ 'ଘୋଷିତ ଅପରାଧୀ' କଲେ ଘୋଷଣା

ନୂଆଦିଲ୍ଲୀ,୧୪/୧୦ : ଏନଆଇଏର ଏକ ସ୍ୱତନ୍ତ୍ର କୋର୍ଟ ପାକିସ୍ତାନରେ ରହୁଥିବା ଜଣେ ଆତଙ୍କବାଦୀଙ୍କୁ ୨୦୨୨ର ଏକ ମାମଲାରେ 'ଘୋଷିତ ଅପରାଧୀ' ଘୋଷଣା କରିଛନ୍ତି। ଏହି ମାମଲା ଅଲ-ହୁଦା ଏଜୁକେସନ ଟ୍ରଷ୍ଟ ସହ ଜଡ଼ିତ କଥିତ ଆତଙ୍କବାଦୀ ପାଣ୍ଠି ଯୋଗାଣ କାର୍ଯ୍ୟକଳାପ ଏବଂ ପ୍ରତିବନ୍ଧିତ ଜମାତ-ଏ-ଇସଲାମୀର ବେଆଇନ କାର୍ଯ୍ୟକଳାପ ସହ ସମ୍ବନ୍ଧିତ। ରାଜୌରୀ ଜିଲ୍ଲାର ଦରହାଲ ତହସିଲର ଥାନାମଙ୍ଗ ଗାଁର ବାସିନ୍ଦା ମୁଶ୍ତାକ ଅହମ୍ମଦ ମୀର ୧୯୯୫-୯୬ରେ ଆତଙ୍କବାଦରେ ସାମିଲ ହେବା ପାଇଁ ନିୟନ୍ତ୍ରଣ ରେଖା (ଏଲଓସି) ପାର କରିଥିଲେ। ବିଶ୍ୱାସ କରାଯାଏ ଯେ ସେ ବର୍ତ୍ତମାନ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରୁ ନିଜର କାର୍ଯ୍ୟକଳାପ ଚଳାଉଛନ୍ତି।

# ଚନ୍ଦନପୁର କ୍ଲଷ୍ଟରସ୍ତରୀୟ ସୁରଭି ସମ୍ପାଦିତ



ବାରିପଦା , ୧୪/୧୦ (ନି.ପ୍ର): ଚନ୍ଦନପୁର କ୍ଲଷ୍ଟର ସ୍ତରୀୟ ଶିଶୁ ଉତ୍ସବ ସୁରଭି -୨୦୨୬ ସ୍ଥାନୀୟ ଚନ୍ଦା ବିଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ସମାରୋହରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଓଷ୍ଟା ବାରିପଦା ବ୍ଲକ ସମ୍ପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତ ଓ ସିଆରସିସି ପଙ୍କଜ କୁମାର ମିଶ୍ର ପିଲା ମାନଙ୍କର ପ୍ରତିଭାର ବିକାଶ ପାଇଁ ସରକାରଙ୍କ ଦ୍ୱାରା କରାଯାଉଥିବା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏଥିରେ ପ୍ରବନ୍ଧ, ତର୍କ ବକ୍ତୃତା, ଚିତ୍ରାଙ୍କନ, ପିଏମ ପୋଷଣ ଚିତ୍ରକଳା ଓ ଶିଳ୍ପକଳା, କଣ୍ଠସଙ୍ଗୀତ, ନୃତ୍ୟ , ଓଡ଼ିଆ ହସ୍ତାକ୍ଷର ଓ ଶୃତଲିଖନ, ସୃଜନ ଶୀଳ ଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମଡେଲ ୟୁନାଇଟେଡ ନେସନ ପାଭି ଲିୟନ ପରି ଏଗାର ଗୋଟି ବିଭାଗରେ ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିଥିଲେ । ଉକ୍ତ କ୍ଲଷ୍ଟର ଅଧିନରେ ଥିବା ଚଉଦଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ନିଜ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ଦ୍ୱିତୀୟାର୍ଦ୍ଧରେ ସିଆରସିସି ପଙ୍କଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା. ମୁଖ୍ୟ ଅତିଥି ଭାବରେ ଓଷ୍ଟା ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା, ମୁଖ୍ୟ ବକ୍ତା ଭାବରେ ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନାୟକ, ସମ୍ମାନୀତ ଅତିଥି ଭାବରେ ଶିକ୍ଷକ ସମନ୍ୱୟ ସମିତିର ବ୍ଲକ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ଗୌର ଗୋପାଳ ଲେଙ୍କା, ସୁବୋଧ କୁମାର ସାହୁ ,ଅଜୟ କୁମାର ସାହୁ କଲ୍ୟାଣ ଆଶିଷ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ପ୍ରତିଭାର ବିକାଶ କରିବା ପାଇଁ ଏକାଗ୍ରତାର ସହିତ ଉଦ୍ୟମ ଜାରିରଖିବା ପାଇଁ ପ୍ରତିଯୋଗୀ ମାନଙ୍କୁ ଆହ୍ୱାନ ଦେଇଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । ପୁରସ୍କାର ବିତରଣରେ ଚନ୍ଦନପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତପନ ବେହେରା, ଜ୍ଞାନ ରଞ୍ଜନ ବେହେରା, ଲସ ବେଶ୍ରା, ଚୈତନ୍ୟ ପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଦୀପ ଚନ୍ଦ୍ର ମହାନ୍ତ ସହଯୋଗ କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତା କୁ ନବୀନ ସାର, ଖେଲା ସାର , ଅବନୀ ସାର , ଚୈତନ ସାର,ଗଜେନ୍ଦ୍ର ସାର ଭାଗିରଥୀ ସାର ଅଙ୍କିତା ଦିଦି, ଗୀତାଞ୍ଜଳି ମହାନ୍ତ, ଗୀତାଞ୍ଜଳି ଗିରି, ମଧୁସ୍ମିତା ହେମ୍ବ୍ରମ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଲସ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକସ୍ତରୀୟ ଶିଶୁମହୋତ୍ସବ 'ସୁରଭି' ୨୦୨୬ ଉଦ୍‌ଯାପିତ



ନୀଳଗିରି , ୧୪/୧୦ (ନି.ପ୍ର): ନୀଳଗିରି ବ୍ଲକସ୍ତରୀୟ ଶିଶୁମହୋତ୍ସବ 'ସୁରଭି'୨୦୨୬ ମହା ଆଡମ୍ବରରେ ଶ୍ରୀପତି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀଶିକ୍ଷାଅଧିକାରୀ ସୁଧାଂଶୁଶେଖର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି, ମୁଖ୍ୟବକ୍ତା ଗୋଷ୍ଠୀ ମଙ୍ଗଳଅଧିକାରୀ ଶୈଳେନ୍ଦ୍ର ଶତପଥୀ, ସମ୍ମାନୀତ ଅତିଥି ଭାବେ ଏବିଇଓ ଲମ୍ବୋଦର ସିଂହ ଓ ରାମଚନ୍ଦ୍ର ବେହେରା, ମାଟିଆଳି କ୍ଲଷ୍ଟରର ସିଆରସିସି ଅରବିନ୍ଦ ପଣ୍ଡା ଓ ଶ୍ରୀପତି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବରଜୁପ୍ରସାଦ ନାୟକ ମଞ୍ଚାସୀନ ରହିଥିଲେ। ମୁଖ୍ୟଅତିଥି ଶ୍ରୀଯୁକ୍ତ ଖଟୁଆ ସମସ୍ତ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ସୁରଭିର ବାସ୍ନାରେ ମହକି ନିଜକୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଉପଦେଶ ଦେଇଥିଲେ ଏଥିସହ ନିଜରନିଷ୍ଠା, କର୍ତ୍ତବ୍ୟବୋଧ, ସୃଜନୀଶିଳତା ଏବଂ ଆତ୍ମବିଶ୍ୱାସ ବଳରେ ପଙ୍ଗୁ ଗିରି ଲଂଘିପାରିବା ଭଳି ଆଜିର ପିଢୀ ଅସାଧକୁ ସାଧନ କରିପାରିବେବୋଲି ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ବ୍ଲକର ୧୯ଟି କ୍ଲଷ୍ଟରରୁ ୫୩୦ଜଣ ପ୍ରତିଯୋଗୀ ସାମିଲହୋଇ ବକ୍ତୃତା, ସାଧାରଣଜ୍ଞାନ, ପୋଷଣପ୍ରତିଯୋଗିତା, ନାଚ, ଗୀତ ଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ। ପରେ ଜିଲ୍ଲାସ୍ତରକୁ ଉତ୍ତୀର୍ଣ୍ଣ କୃତିପ୍ରତିଯୋଗୀ ମାନଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ୧୯ଟି କ୍ଲଷ୍ଟରର ସିଆରସିସି , ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ,ଉକ୍ତବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ , କର୍ମଚାରୀ ସହଯୋଗ କରିଥିବା ଦେଖାଯାଇଥିଲା।

# ଛାତ୍ର ସଂସଦ ନିର୍ବାଚନ: ଭୋଟ ଦେଇ ନିଜର ଛାତ୍ର ନେତା ବାଛିବେ ଛାତ୍ରଛାତ୍ରୀ

ବାଲିଆପାଳ , ୧୪/୧୦ (ନି.ପ୍ର): ଆସନ୍ତା କାଲି ଛାତ୍ର ସଂସଦ ନିର୍ବାଚନ। ଭୋଟ ଦେଇ ନିଜର ଛାତ୍ର ନେତା ବାଛିବେ ଛାତ୍ରଛାତ୍ରୀ। ସେଥିପାଇଁ ଆଜି ରହିଛି ଉଷଚ ସ ହ୍ୱସ୍ୱବଭୟ ଲକ୍ଟକ୍ସ ମୀଟିଙ୍ଗ। ପ୍ରାଥୀ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବା ଠାରୁ ପିଲାଙ୍କ ଭିତରେ ଉତ୍ସାହ ଦେଖିବା ପାଇଁ ମିଳିଥିଲା। ସମସ୍ତ ସଂଗଠନର ଛାତ୍ର ପ୍ରତିନିଧି ମାନେ ୬ ଦିନ ଧରି ଜୋର ସୋର ରେ କ୍ୟାମ୍ପନିକ କରି ଛାତ୍ରଛାତ୍ରୀ ମାନଂକୁ ନିଜ ସପକ୍ଷକୁ ନେବ ପାଇଁ ବହୁତ କଳ ବଳ ଲଗାଇଥିଲେ।ଏହାକୁ ନେଇ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଓ ନିର୍ବାଚନମଣ୍ଡଳୀର ପ୍ରମୁଖ କଲେଜ ଦିନକୃଷ୍ଣ କଲେଜ, ଏବଂଭୋଗରାଇ ନିର୍ବାଚନ ମଣ୍ଡଳୀ ର ସୁରେନ୍ଦ୍ର ନାଥ ମହାବିଦ୍ୟାଳର କଲେଜର ମଧ୍ୟ ଆୟୋଜନ କରାଯାଇଛି। ଆଉ ଏଥି ପାଇଁ କଲେଜ ସାମ୍ନାରେ ଭିଡ଼ ଜମାଇଲେଣି। କହିବାକୁ ଗଲେ ଏବିଭିପି, ମଧରେ କଡା ଟକ୍କର ହ୍ୱେ ନେଇ ଆଶଙ୍କା କରାଯାଉଛି। ସେପଟେ ଆଇନ ଶୃଙ୍ଖଳା ପାଇଁପୋଲିସ ନିଜେ ଘଟଣା ସ୍ଥଳରେ ଉପସ୍ଥିତ ଅଛନ୍ତି। ପୂର୍ବ ନିର୍ବାଚନ ଗୁଡିକରେ ଅଣ ଛାତ୍ର ମାନେ ଗଣ୍ଡଗୋଳ କରି ଛାତ୍ର ନିର୍ବାଚନକୁ ବିଶୃଙ୍ଖଳା ଉପଜାଇଛନ୍ତି। ଏହାକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida